

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୦୭ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 MAY 2022
Vol.No. 33 ■ No. 118 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଆମେରିକା ପାଇଁ ମସ୍କୋଭା ବୁଡ଼ିଲା



ନୂଆଦିଲ୍ଲୀ, ୦୬/୦୫ : ନିକଟରେ ଗଭୀର କୃଷ୍ଣସାଗରରେ ରୁଷର ଶକ୍ତିଶାଳୀ ଯୁଦ୍ଧପୋତ ମୋସ୍କଭା ଧ୍ୱଂସ ହୋଇଥିଲା । ନିଜର ଶକ୍ତିଶାଳୀ ନେପଚୁନ ମିସାଇଲ ମାଡ କରି ମସ୍କୋଭାକୁ ଧ୍ୱଂସ କରୁଥିବା ଦାବି କରିଥିଲା ୟୁକ୍ରେନ କିନ୍ତୁ ରୁଷ ଏହି ଦାବିକୁ ଖଣ୍ଡନ କରିଆସୁଛି । ତେବେ ଏହା ଭିତରେ ଆମେରିକା ସେନାର ଜଣେ ବରିଷ୍ଠ ଅଧିକାରୀ ନିଜ ନାଁକୁ ଗୁପ୍ତ ରଖି ଏକ ଚାଂଚଲ୍ୟକର ବୟାନ ଦେଇଛନ୍ତି । ଅଧିକାରୀ କହିଛନ୍ତି ଯେ, ରୁଷର ଶକ୍ତିଶାଳୀ ଯୁଦ୍ଧପୋତ ମସ୍କୋଭାର ଗତିପଥ ଉପରେ ଆମେରିକାର କଡ଼ା ନଜର ଥିଲା । ଯୁଦ୍ଧପୋତ ସମ୍ବନ୍ଧରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ୟୁକ୍ରେନକୁ ଦେଇଥିଲା ଆମେରିକୀୟ ଗୁଇନ୍ଦା ବିଭାଗ । ଆମେରିକା ସେନା ଅଧିକାରୀ ଏକଥା ମଧ କହିଛନ୍ତି ଯେ –ସମୁଦ୍ରପଥରେ ରୁଷର ଆକ୍ରମଣ ବୃଦ୍ଧି ଦେଖି ୟୁକ୍ରେନକୁ ସହଯୋଗର ହାତ ବଢାଇଥିଲା ଆମେରିକା । ମସ୍କୋଭାର ସ୍ଥିତି ଓ ସାର୍ମଥ୍ୟ ବାବଦରେ ସମସ୍ତ ସୂଚନା ପ୍ରଦାନ କରିଥିଲା । ଯାହା ଫଳରେ ରୁଷ ବିରୋଧରେ ୟୁକ୍ରେନ ସମୁଦ୍ରପଥରେ ନିଜର ଆକ୍ରମଣକୁ ଅଧିକ ତ୍ରୀବ କରିପାରିଥିଲା । ଏପ୍ରିଲ ୧୪ରୁ ମେ ୬ । ମସ୍କୋଭାକୁ ଧ୍ୱଂସ ପାଇବାରେ ଏହା ଭିତରେ ପ୍ରାୟ ଦେଢମାସ ବିତିଗଲାଣି । ପ୍ରଶ୍ନ ଉଠୁଛି ଏତେଦିନ ପରେ ଆମେରିକା ସେନା ଅଧିକାରୀଙ୍କ ଏଭଳି ବୟାନ ପଛର କାରଣ କଣ ହୋଇପାରେ ? ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ଆମେରିକାର ଏହି ବୟାନ ପରେ ରୁଷ ନିଜର ଯୁଦ୍ଧ ଆଭିମୁଖ୍ୟରେ କିଛି ବଡ ପରିବର୍ତ୍ତନ କରିବ କି ? ଆମେରିକା ସେନା ଅଧିକାରୀ ଏକଥା ମଧ କହିଛନ୍ତି ଯେ ମୋସ୍କଭା ସମ୍ବନ୍ଧରେ ଆମେରିକା ୟୁକ୍ରେନକୁ ସମସ୍ତ ତଥ୍ୟ ଯୋଗାଇଥିଲା କିନ୍ତୁ ୟୁକ୍ରେନ ମିସାଇଲ ମାଡ କରି ମସ୍କୋଭାକୁ ଧ୍ୱଂସ କରିବ ବୋଲି ଜାଣିନଥିଲା ଆମେରିକା । ମୋସ୍କଭାକୁ ଧ୍ୱଂସ କରିଥିବା ୟୁକ୍ରେନର ଦାବିକୁ ମସ୍କୋ ମାନୁନି । ଆକ୍ରମଣରେ ନୁହେଁ ବର ଯୁଦ୍ଧପୋତରେ ନିଆଁ ଲାଗିବା ଫଳରେ ବିସ୍ଫୋରଣ ଓ ପରେ ଏହା ଧ୍ୱଂସ ପାଇଥିବା କହୁଛି ରୁଷ । ତେବେ ମସ୍କୋଭା ଧ୍ୱସଂ ହେବା ରୁଷ ପାଇଁ ଏକ ବଡ କ୍ଷତି ସାବ୍ୟସ୍ତ ହୋଇଛି । ସମୁଦ୍ରପଥରେ ରୁଷ ସେନାର ପ୍ରତିନିଧିତ୍ୱ କରୁଥିବା ମସ୍କୋଭା ୟୁକ୍ରେନର ସବୁଠୁ ବଡ ଟାର୍ଗେଟ ଥିଲା । ତେଣୁ ମିସାଇଲ ମାଡ କରି ମୋସ୍କଭାକୁ ଧ୍ୱଂସ କରି ୟୁକ୍ରେନ ରୁଷ ବିରୋଧରେ ବଡ ସଫଳତା ପାଇଥିବା କୁହାଯାଉଛି ।

# ବାତ୍ୟା ହେବ ନା ନାହିଁ ଆଜି ସ୍ପଷ୍ଟ ହେବ : ଏସଆରସି



ଭୁବନେଶ୍ୱର, ୦୬/୦୫ (ନି.ପ୍ର): ବାତ୍ୟା ହେବ କି ନାହିଁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବି ମଡେଲ୍ ସ୍ପଷ୍ଟ କରିନାହାନ୍ତି । କିନ୍ତୁ ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି ଯାହାକି ଲଘୁଚାପର ରୂପ ନେଇ ଉତରପଶ୍ଚିମ ଦିଗରେ ବଙ୍ଗୋପସାଗର ଆଡ଼କୁ ଗତି କରୁଛି । ଏହି ଲଘୁଚାପ ଆସନ୍ତାକାଲି ସୁଦ୍ଧା ଅବପାତର ରୂପ ନେବା ପରେ ଏହା ତୀବ୍ର ଅବପାତ ହେବ କି ସାମୁଦ୍ରିକ ଝଡ଼ର ରୂପ ନେବ ତାହା ସ୍ପଷ୍ଟ ହେବ। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସମ୍ଭାବ୍ୟ ବାତ୍ୟାକୁ ନେଇ ସ୍ପଷ୍ଟ ଚିତ୍ର ମିଳିବ । ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି । ଏସଆରସି କହିଛନ୍ତି ଯେ ଆଇଏମଡିର ପ୍ରାରମ୍ଭିକ ଆକଳନ ଅନୁସାରେ ଏହି ଲଘୁଚାପ ଅଧିକ ଅବପାତ ହୋଇ ସାମୁଦ୍ରିକ ଝଡ଼ର ରୂପ ନେଲେ ତାହା ଉତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶାର ସମୁଦ୍ର ଉପକୂଳ ଆଡ଼େ ଗତି କରିବ । କିନ୍ତୁ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ବଙ୍ଗୋପସାଗରରେ ଉପକୂଳଠୁ ୨୫୦-୩୦୦କିମି ଦୂରରେ ରହିବ। ଯଦି ଏହା ସାମୁଦ୍ରିକ ଝଡ଼ର ରୂପ ନିଏ ଅବା ସିଭିୟର ସାଇକ୍ଲୋନର ରୂପ ନିଏ ତେବେ ତା'ର ଗତିପଥ, ପ୍ରଭାବ ଓ ତୀବ୍ରତା କ'ଣ ହେବ ତାହା କେବଳ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଜଣାପଡ଼ିବ। ଏବେ ଯେହେତୁ ଏହା ଅବପାତର ରୂପ ନେଇନି ତେଣୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଆକଳନ କରିବା କଷ୍ଟକର । ଆସନ୍ତାକାଲି ଆଇଏମଡି ପକ୍ଷରୁ ସ୍ପଷ୍ଟ ଚିତ୍ର ମିଳିବା ପରେ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମକୁ ସମ୍ଭାବ୍ୟ ପ୍ରଭାବିତ ସ୍ଥାନରେ ମୁତୟନ କରାଯିବ ବୋଲି ସେ କହିଛନ୍ତି। ସେହିପରି ୮ତାରିଖ ସକାଳ ସୁଦ୍ଧା ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀକୁ ମଧ ରାଜ୍ୟ ସରକାର ଆଜି ଚିଠି ଲେଖି ସମୁଦ୍ରରେ ରହିଥିବା ମତ୍ସ୍ୟଜୀବୀଙ୍କୁ ଫେରାଇ ଆଣିବାରେ ସହଯୋଗ କରିବାକୁ କହିଛନ୍ତି । ୮ତାରିଖରୁ ଯେଭଳି କୌଣସି ମତ୍ସ୍ୟଜୀବୀ ସମୁଦ୍ର ମଧକୁ ଯିବେନି ତାହା ସୁନିଶ୍ଚିତ କରିବାକୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିଭିନ୍ନ ଜରାଶ୍ରମ, ଅନାଥାଶ୍ରମ ଓ ମାନସିକ ବିକୃତ ରହୁଥିବା ସ୍ଥାନଗୁଡ଼ିକ ପରିଦର୍ଶନ କରି ସେମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀ ସ୍ଥାନାନ୍ତର କରିବାକୁ ସାମାଜିକ ସଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଗର୍ଭବତୀ ମହିଳାମାନଙ୍କୁ ମଧ ଆବଶ୍ୟକ ସ୍ଥଳେ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ▶▶ପୃଷ୍ଠା ୭

# ଚୀନରେ କରୋନାର ଦ୍ରୁତ ସଂକ୍ରମଣ ଜାରି



ନୂଆଦିଲ୍ଲୀ, ୦୬/୦୫ : ଦେଶରେ ଭୟ ବଢାଉଛି କୋଭିଡ ସଂକ୍ରମଣ । କିଛି ଦିନ ଧରି ଦେଶରେ ସାମାନ୍ୟ ସ୍ଥିତି ରହିବା ପରେ ଏବେ ପୁଣି ମୁଣ୍ଡ ବିନ୍ଧାର କାରଣ ପାଲଟିଛି କୋଭିଡ ସଂକ୍ରମଣ ବୃଦ୍ଧି । ଗତ ସପ୍ତାହରେ ଦେଶରେ ଦୈନିକ ସଂକ୍ରମଣ ୨ହଜାରରୁ ଅଧିକ ରହୁଥିବାବେଳେ ବର୍ତ୍ତମାନ ଏହାର ୩ହଜାର ଟପିଛି । ଗତ ୨୪ ଘଂଟାରେ ଦେଶରେ ୩ହଜାର ୫୪୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଦିନକରେ ୨୭ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ଦେଶରେ ବର୍ତ୍ତମାନ ସଂକ୍ରମିତ ଓ ସୁସ୍ଥଙ୍କ ସଂଖ୍ୟା କମ ରହିଛି । ୨୪ ଘଂଟାରେ ଦେଶରେ ୩ହଜାର ୫୪୦ଜଣ ସଂକ୍ରମିତ ସୁସ୍ଥ ହୋଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ସରକାରୀ ରିର୍ପୋଟ ଅନୁସାରେ ଅଧିକ ରହିଛି । ଦେଶରେ ବେଶ କିଛି ଦିନରେ ଧରି କରୋନାର ଦୈନିକ ସଂକ୍ରମଣ ଟ୍ରେଣ୍ଡ ୩ଲକ୍ଷ, ପରେ ୨ଲକ୍ଷ ଓ କିଛି ଦିନ ଧରି ୧ଲକ୍ଷ ଧରି ଜାରି ରହିଥିବାବେଳେ କ୍ରମଶ ଏହା ହ୍ରାସ ପାଇଥିଲା । ବର୍ତମାନ ପୁଣି କରୋନା ଗ୍ରାଫ ଉପରମୁହାଁ ହେବା ଯୋଗୁଁ ଚିନ୍ତା ବୃଦ୍ଧି ପାଇଛି । ଅନ୍ୟପଟେ ଚୀନରେ ସଂକ୍ରମଣ ହୁ ହୁ ହୋଇ ▶▶ପୃଷ୍ଠା ୭

# ମନ୍ଦିରରେ ଲାଉଡସ୍ପିକର ବଜାଇବାରୁ ପିଟିପିଟି ହତ୍ୟା : ୬ ଗିରଫ

ଅହମ୍ମଦାବାଦ, ୦୬/୦୫: ଦେଶରେ ଲାଉଡସ୍ପିକରକୁ ନେଇ ବିବାଦ ଲାଗି ରହିଛି। ମସଜିଦ ଗୁଡିକରୁ ଲାଉଡସ୍ପିକର ହଟାଇବାକୁ ନେଇ ଦାବି ହେଉଛି। ଏହାରି ଭିତରେ ଗୁଜରାଟ ମେହସଣାରୁ ଏକ ହୃଦୟକ ବିଦାରକ ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତିଙ୍କୁ ମନ୍ଦିରରେ ଲାଉଡସ୍ପିକର ବଜାଇବାରୁ ଅତି ଦୟନୀୟ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଏହି ମାମଲାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ବୁଧବାର ସନ୍ଧ୍ୟା ୭ଟା। ଜୋତନା ତାଲୁକାର ଲକ୍ଷ୍ମୀପୁର ଗାଁ। ଏଠାକାର ୪୦ ବର୍ଷୀୟ ଜଶବନ୍ତ ଜୀ ଠାକୋର ଶ୍ରମିକ ଭାବେ କାମ କରନ୍ତି। ସେ ନିଜ ଘର ନିକଟରେ ଥିବା ଏକ ମନ୍ଦିରରେ ଭାଇ ଅଜିତଙ୍କ ସହ ଆଳତି କରୁଥିଲେ। ଏହି ସମୟରେ ଲାଉଡସ୍ପିକରରେ ଆଳତି ଭଜନ ବାଜୁଥିଲା। ଏହା ଶୁଣି ତାଙ୍କ ପଡୋଶୀ ସଦାଜୀ ଠାକୁର, ବିଷ୍ଣୁଜୀ ଠାକୁର, ବାବୁଜି ଠାକୁର, ଜୟନ୍ତିଜୀ ଠାକୁର, ଜାବନଜୀ ଠାକୁର ଏବଂ ବିନୁଜୀ ଠାକୁର ପାଖକୁ ଆସି ଏତେ ର୍ବେରେ ଲାଉଡସ୍ପିକର୍ କାହିଁକି ବଜାଉଛ କହି ପ୍ରଶ୍ନ କରିଥିଲେ। ଏହା ଶୁଣି ଜଶବନ୍ତଙ୍କ ଭାଇ କହିଥିଲେ ଆମେ ଆଳତି କରୁଛୁ। ଏହାପରେ ଏହି ୬ଜଣ ପଡୋଶୀ ମିଶି ▶▶ପୃଷ୍ଠା ୭

# ଦେବାଶିଷ୍ ସାମନ୍ତରାୟ ଓ ସମ୍ବିତ ରାଉତରାୟ ମୁହାଁମୁହିଁ



ଭୁବନେଶ୍ୱର, ୦୬/୦୫ (ନି.ପ୍ର): ଶ୍ରମିକ ଦିବସରେ ବରିଷ୍ଠ ବିଜେଡି ନେତା ଦେବାଶିଷ ସାମନ୍ତରାୟଙ୍କ ଏକ ମନ୍ତବ୍ୟ ପାରାଦୀପ ରାଜନୀତିରେ ଝଡ ସୃଷ୍ଟି କରିଛି । କେବଳ ପାରାଦୀପ ନୁହେଁ ବିଜେଡି ରାଜନୀତିରେ ବି ଚର୍ଚ୍ଚା ସୃଷ୍ଟି କରିଛି । ଦାମଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଥିବା ଦେବାଶିଷ ଏଥର ପୁଅ ସମ୍ବିତ ରାଉତରାୟଙ୍କୁ ଟାର୍ଗେଟ କରିଥିଲେ । ଆଉ ସମ୍ବିତ ବି ଚୁପ ବସିନାହାନ୍ତି । ପାରାଦ୍ୱୀପ ରାଜନୀତି ରାଜ୍ୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ଥାଏ। କେତେବେଳେ ଦାମ ବନାମ ବିଷ୍ଣୁ ଦାସ ତ ଆଉ କେତେବେଳେ ଦାମ ବନାମ ଦେବାଶିଷ । କିନ୍ତୁ ଏବେ ଦାମଙ୍କ ପରେ ପାରାଦ୍ୱୀପ ଗଡ ସମ୍ଭାଳିଥିବା ପୁଅ ସମ୍ବିତ ରାଉତରାୟ ବନାମ ଦେବାଶିଷ ସାମନ୍ତରାୟ । ଗତ ମେ ୧ରେ ଅନୁଷ୍ଠିତ ଏକ ସଭାରେ ସମ୍ବିତ ରାଉତଙ୍କୁ କଟାକ୍ଷ କରିଛନ୍ତି ଦେବାଶିଷ । ଆଉ କହିଥିଲେ ପ୍ରଭୁ ଜଗନ୍ନାଥ, ମା ସାରଳା ଚାହିଁଲେ ସେ ଏଠାରୁ ପ୍ରତିନିଧିତ୍ୱ କରି ଲୋକଙ୍କ କଥା ବୁଝିପାରିବେ । ଆଉ ବିଧାୟକ ଲୋକଙ୍କୁ ଚିହ୍ନି ପାରିନାହାନ୍ତି କହି ସମ୍ବିତକୁ ମାରିଥିଲେ ବାଣ । ଦେବାଶିଷ ସାମନ୍ତରାୟଙ୍କୁ ମଧ କଡା ଜବାବ ଦେଇଛନ୍ତି ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତ ରାୟ । କହିଛନ୍ତି, ସ୍ୱପ୍ନ ଦେଖିବା ମନା ନାହିଁ । କିନ୍ତୁ ଦିବା ସ୍ୱପ୍ନ ଦେଖିବା ଭାରି ଭୟଙ୍କର । ଯଦି ଲୋକ ଚିହ୍ନି ନାହାନ୍ତି ତାହେଲେ ୨୧ ହଜାର ଭୋଟରେ ଜିତିଲେ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି । ସାଧାରଣତଃ ଅନ୍ୟ ଦଳ ଭଳି ବିଜେଡିରେ ▶▶ପୃଷ୍ଠା ୭

## ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତ ଗିରଫ

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତ ଗିରଫ ହୋଇଛନ୍ତି। ଏହାସହ ତାଙ୍କ ପତ୍ନୀଙ୍କ ନାଁରେ ମଧ୍ୟ ମାମାଲା ରୁଜୁ କରିଛି ଭିଜିଲାନ୍ସ। ଆୟ ବହିଃର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଶ୍ରୀ ରାଉତଙ୍କ ଗୁରୁବାର କଟକ ଓ ଖୋର୍ଦ୍ଧା ଜିଲ୍ଲାର ୯ ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ। ଚଢାଉ ସମୟରେ ତାଙ୍କର ୯୧ ଟି ପ୍ଲଟ୍ ସମେତ ୭ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତି ଠାବ କରିଥିଲା ଭିଜିଲାନ୍ସ ବିଭାଗ। ଏନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଜଶବନ୍ତ ଜେଠୱା ସୂଚନା ଦେଇଛନ୍ତି ।

# ଝାଡ଼ଖଣ୍ଡ ଖଣି ସଚିବ ପୂଜା ସିଂଘଲ ଓ ତାଙ୍କ ସହଯୋଗୀଙ୍କ ନିକଟରୁ ମିଳିଲା ପୁଳା ପୁଳା ଟଙ୍କା



ଭୁବନେଶ୍ୱର, ୦୬/୦୫ (ନି.ପ୍ର): ଓଡିଶାର ଅନେକ ଅଫିସରଙ୍କ ଘରେ ଭିଜିଲାନ୍ସ ରେଡ୍ର ଅନେକ ଚିତ୍ର ଆପଣ ଦେଖିଛନ୍ତି । ସର୍ବାଧିକ ୨ କୋଟି ପର୍ଯ୍ୟନ୍ତ ନଗଦ ଟଙ୍କାର ରେଡ୍ ଆପଣ ଦେଖିଛନ୍ତି । କିନ୍ତୁ ଆୟ ବହିର୍ଭୂତ ଟଙ୍କା ରଖିବାର ରେକର୍ଡ କରୁଛନ୍ତି । ୨ କୋଟି କି ୩ କୋଟି ନୁହେଁ ନଗଦ ୧୯ କୋଟି ଟଙ୍କା ମିଳିଛି ଜଣେ ବାବୁଙ୍କ ଘରୁ । ପେଟି ପେଟି ୫୦୦ ଶହ, ୨୦୦ ଓ ଶହେ ଟଙ୍କିଆ ନୋଟ୍ । ଟଙ୍କା ଗଣିବାକୁ ଆସିଛି ଦୁଇଟି ମେସିନ । ତାକୁ ଗଣିବାରେ ଲାଗିଛନ୍ତ ଅନେକ କର୍ମଚାରୀ । ନଗଦ ୧୯ କୋଟି ଟଙ୍କା ଜବତ । ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି ଜଣେ ଆଇଏଏସ ଅଫିସରଙ୍କ ଦୁଇ ସହଯୋଗୀଙ୍କ ଘରେ ରେଡ୍ କରି ପୁଳା ପୁଳା ଟଙ୍କା ସହିତ ବିଭିନ୍ନ ଦସ୍ତାବିଜ ଜବତ କରିଛି । ଏହି ଆଇଏଏସ ଅଫିସର ଜଣଙ୍କ ଝାଡଖଣ୍ଡର । ତାଙ୍କ ନାମ ପୂଜା ସିଙ୍ଘଲ । ମୋଟ୍ ୧୯ କୋଟିରୁ ଆଇଏଏସ ପୂଜାଙ୍କ ଚାଟାର୍ଡ ଆକାଉଂଟାଟ ସୁମନ କୁମାରଙ୍କ ଘରୁ ନଗଦ ୧୭ କୋଟି ଟଂକା ଜବତ କରିଥିବା ବେଳେ ବାକି ୧.୮ କୋଟି ଟଙ୍କା ଆଉ ଏକ ସ୍ଥାନରୁ ରେଡ୍ ହୋଇଛି । ନଗର ଟଂକାର ପରିମାଣ ଏତେ ଅଧିକ ଥିଲା ଯେ ଇଡି ମେସିନ ବ୍ୟବହାର କରି ଟଙ୍କା ଗଣିଥିଲା। ମନରେଗା ଦୁର୍ନୀତି ଅଭିଯୋଗରେ ଇଡି ଏହି ରେଡ୍ କରିଥିଲା ବୋଲି ସୂଚନା ରହିଛି । ନିକଟରେ ଇଡି ଜଣେ ସେକ୍ସନ ଅଫିସର ରାମ ବିନୋଦ ପ୍ରସାଦ ସିହ୍ନା ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ଏହା ପୂର୍ବରୁ ଏହି ସେକ୍ସନ ଅଫିସରଙ୍କ ବିରୋଧରେ ଝାଡଖଣ୍ଡ ଭିଜିଲାନ୍ସ ଦୁର୍ନୀତି ଅଭିଯୋଗରେ ୧୬ଟି ଏଫଆଇର ରୁଜୁ କରିଥିଲା। ସେକ୍ସନ ଅଫିସରଙ୍କୁ ଜେରା କରିବା ବେଳେ ଆଇଏଏସ ପୂଜା ସିଙ୍ଗଲଙ୍କ ନାମ ସାମ୍ନାକୁ ଆସିଥିଲା । ଏହି ଦୁର୍ନୀତି ଅଭିଯୁକ୍ତ ▶▶ପୃଷ୍ଠା ୭

# ବିଜେପି ନେତାଙ୍କୁ ଗିରଫ ଘଟଣା: ୩ ରାଜ୍ୟର ପୁଲିସଙ୍କ ମଧ୍ୟରେ ଛକାପଞ୍ଝା

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ବିଜେପି ନେତା ତେଜିନ୍ଦର ପାଲ ସିଂ ବଗାଙ୍କ ଗିରଫ ଘଟଣାକୁ ନେଇ କମ୍ପୁଛି ପଂଜାବ,ହରିଆଣା ଦିଲ୍ଲୀ । ଶୁକ୍ରବାର ସକାଳୁ ବିଜେପି ନେତାଙ୍କ ଦିଲ୍ଲୀସ୍ଥିତ ଘରେ ପଶି ପଂଜାବ ପୁଲିସ ବଳପୂର୍ବକ ତାଙ୍କୁ ଉଠାଇ ଆଣୁଥିବା ସମୟରେ କୁରୁକ୍ଷେତ୍ରରେ ହରିଆଣା ପୁଲିସ ସହ ମୁହାଁମୁହିଁ ହୋଇଛି । ବଗାଙ୍କୁ ସଡକପଥରେ ମୋହାଲି ନେଇ ଯାଉଥିବାବେଳେ ହରିଆଣା ପୁଲିସ ପଂଜାବ ପୁଲିସ ହାତରୁ ବଗାଙ୍କୁ ଆଣି ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛି । ତେଜିନ୍ଦରଙ୍କୁ କୋର୍ଟରେ ହାଜର ନକରି ପଂଜାବ ନିଆଯାଉଥିବାରୁ ଦିଲ୍ଲୀ ପୁଲିସ ଅପହରଣ ମାମଲା ରୁଜୁ କରିଥିଲା ଓ ତାଙ୍କୁ ଫେରାଇ ଆଣିବାକୁ ହରିଆଣା ପୁଲିସକୁ ନିର୍ଦ୍ଦେଶ ଦେଇଥିଲା । ବିଜେପି ନେତା ତଜିନ୍ଦର ପାଲ ସିଂ ବଗାଙ୍କୁ ପଂଜାବ ପୁଲିସ ଗିରଫ କରିବା ପରେ ରାଜନୀତି ଜୋର ଧରିଛି । ବିଜେପି ଏହି ଗିରଫଦାରୀକୁ ରାଜନୀତି ଧର୍ମ ସହ ଯୋଡି ପଂଜାବର କ୍ଷମତାସୀନ ଆମ ଆଦମୀ ପାର୍ଟିକୁ ଦାୟୀ କରିଛି । ଘଟଣାକୁ ନେଇ ଆମ ଆଦମୀ ପାର୍ଟିକୁ ଦାୟୀ କରିଛନ୍ତି ବଗାଙ୍କ ପରିବାର । ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ବାସଭବନ ଓ ଆପ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିରୋଧ ପ୍ରଦର୍ଶନ କରିଛି ବିଜେପି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ନାଁରେ ବିବାଦୀୟ ବୟାନ, ଧାର୍ମିକ ଭାବନାକୁ ଆଘାତ ଦେବା ଭଳି ବୟାନ, ଧାର୍ମିକ ହିଂସା ଉସକାଇବା ପାଇଁ ବୟାନ ଓ ସୋସିଆଲ ମିଡିଆରେ ମିଛ କଥା ପ୍ରଚାର ଅଭିଯୋଗରେ ପଂଜାବ ସାଇବର ସେଲ ତଜିନ୍ଦରଙ୍କ ନାଁରେ ମାମଲା ରୁଜୁ କରିଥିଲା ମୋହାଲି ପୁଲିସ । ପୂର୍ବରୁ ନୋଟିସ ଦିଆଯିବା ସତ୍ତ୍ୱେ ଥାନାରେ ହାଜର ହୋଇନଥିଲେ ବିଜେପି ନେତା ଓ ଆଜି ସକାଳୁ ପଂଜାବ ପୁଲିସ ଦିଲ୍ଲୀରେ ପହଁଚି ଗିରଫ କରିଥିଲା ।

# ଦେବଗଡ ବିଧାୟକଙ୍କୁ ନ୍ୟାୟ ଦାବିରେ ଏସପି ଅଫିସ୍ ଆଗରେ ଧାରଣା ଦେଲା ବିଜେପି



ଭୁବନେଶ୍ୱର, ୦୬/୦୫ (ନି.ପ୍ର): ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଗିରଫର ପ୍ରତିବାଦ ଏବଂ ତିଲେଇବଣି ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାର ଏସପି କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ବିଜେପି ପକ୍ଷରୁ ଧାରଣା ଦିଆଯାଇଛି । ଏହା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । କଟକ, ବୌଦ୍ଧ, ସୁନ୍ଦରଗଡ଼, ମୟୂରଭଂଜ, ରାୟଗଡ଼ା, କଳାହାଣ୍ଡି, ଦେବଗଡ଼, ବରଗଡ, ଜଗତସିଂହପୁର, କନ୍ଧମାଳ, ନୂଆପଡ଼ା, ଖୋର୍ଦ୍ଧା, ଅନୁଗୁଳ ସମେତ ଅନ୍ୟାନ୍ୟ ଜିଲ୍ଲା ଏସପି କାର୍ଯ୍ୟାଳୟ ସମ୍ମୁଖରେ ବିଜେପି କାର୍ଯ୍ୟକର୍ତାମାନେ ଧାରଣା ପ୍ରଦର୍ଶନ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦେବଗଡ ବିଧାୟକଙ୍କୁ ମିଛ କେସ୍ ଜରିଆରେ ଗିରଫ କରି ବଦନାମ କରିବାର ହୀନ ପ୍ରୟାସ । ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରଥମେ ଏଫଆଇଆର ରୁଜୁ କରିଥିଲେ ସୁଦ୍ଧା ପରବର୍ତୀ ସମୟରେ ତିଲେଇବଣି ବିଡିଓଙ୍କ କାଉଂଟର ଏଫଆଇଆର ଆଧାରରେ ବିଧାୟକଙ୍କୁ ଗିରଫ କରାଯିବା ସଂପୂର୍ଣ୍ଣ ଆଇନବିରୋଧୀ । ଅନ୍ୟ ପଟେ ବର୍ତମାନ ସୁଦ୍ଧା ବିଡିଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଆହୁରି ଚିନ୍ତାଜନକ । ସେହିପରି ଝରିଗାଁ ବିଧାୟକ ପ୍ରକାଶ ମାଝୀଙ୍କ ବିରୁଦ୍ଧରେ ଜଣେ ମହିଳା ଯୌନ ନିର୍ଯ୍ୟାତନାର ଅଭିଯୋଗ କରିବା ସତ୍ତ୍ୱେ ଶାସକ ଦଳର ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ନବୀନ ସରକାରର ଦୋମୁହାଁ ନୀତିକୁ ପୁଣି ଥରେ ପଦାରେ ପକାଇଛି । ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ରସାତଳଗାମୀ ହେବାରେ ଲାଗିଛି ।

# ୩ ହିଜବୁଲ ଆତଙ୍କୀ ସଫା, ଟାର୍ଗେଟ୍‌ରେ ଥିଲା ଅମରନାଥ ଯାତ୍ରା

ଶ୍ରୀନଗର, ୦୬/୦୫ : ଜମ୍ମୁ କଶ୍ମୀର ପୁଲିସକୁ ମିଳିଛି ବଡ ସଫଳତା। ସୁରକ୍ଷାକର୍ମୀଙ୍କ ଗୁଳିରେ ଗଡିଲା ତିନି ଆତଙ୍କୀଙ୍କ ମୁଣ୍ଡ। ଜମ୍ମୁକଶ୍ମୀରର ପହଲଗାମରେ ସୁରକ୍ଷାକର୍ମୀମାନେ ତିନି ଜଣ ଆତଙ୍କବାଦୀଙ୍କୁ ଏନ୍‌କାଉଣ୍ଟର କରିଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ହିଜବୁଲ ମୁଜାହୁଦ୍ଦିନର ସବୁଠାରୁ ପୁରୁଣା ଆତଙ୍କବାଦୀ ଅଶରଫ ମୌଲବୀ ମଧ ସାମିଲ ଥିବା ସୂଚନା ମିଳିଛି। ଏହି ତିନି ଆତଙ୍କବାଦୀ ଅମରନାଥ ଯାତ୍ରାକୁ ଟାର୍ଗେଟ କରିଥିଲେ ବୋଲି ପୁଲିସ ଦାବି କରିଛି। କଶ୍ମୀର ପୁଲିସର ମହାନିର୍ଦ୍ଦେଶକଙ୍କ କହିବା ମୁତାବକ, ପହଲଗାମ ଠାରେ ଅଶରଫଙ୍କ ସମେତ ମୋଟ ୩ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି। ବଟକୁଟ ଜଙ୍ଗଲରେ ଅଶରଫ ଲୁଚିଥିବା ଖବର ପାଇବା ପରେ ପୁଲିସ ଓ ସେନାର ୧୯ଆରଆର ସଂଯୁକ୍ତ ଟିମ୍ ବଟକୁଟ ଜଙ୍ଗଲକୁ ଘେରିଯାଇ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହା ଜାଣିବା ପରେ ଅଶରଫ ଓ ତାର ସହଯୋଗୀମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଏହାର ଜବାବରେ ପୁଲିସର ପାଲଟା ଗୁଳିରେ ଅଶରଫ ସମେତ ଅନ୍ୟ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଅଶରଫ ହିଜବୁଲ ଆତଙ୍କବାଦୀ ସଙ୍ଗଠନ କଶ୍ମୀର ଶାଖାର କମାଣ୍ଡର ଥିଲା। ଏହା ପୂର୍ବରୁ ୨୦୨୦ ମେ' ୬ ତାରିଖରେ ଆତଙ୍କୀ ରିୟାଜ ନାଇକୁର ମୃତ୍ୟୁ ପରେ ଅଶରଫକୁ କମାଣ୍ଡର ଭାବେ ନିଯୁକ୍ତି ମିଳିଥିଲା। ଏବେବି ଅନନ୍ତନାଗର ବଟକୁଟ ଜଙ୍ଗଲରେ ଆହୁରି ଦୁଇ ଜଣ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ତେଣୁ ସେଠାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ ଜାରି ରହିଛି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଘସିପୁରା,୬/୦୫ (ନି.ପ୍ର): ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି ।

ସୂଚନାରୁ ଜଣାଯାଏ, ନନ୍ଦିପଦା ଥାନା ଅନ୍ତର୍ଗତ ପୋଡ଼ା ସିଙ୍ଗିଡି ରଙ୍ଗମାଟିଆ ଗ୍ରାମର ବ୍ରଜମୋହନ ନାୟକ (୩୦) ନାମକ ଜଣେ ଯୁବକ ସକାଳୁ ନିକଟ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଏକ ଭାଲୁ ହାବୁଡରେ ପଡ଼ିଥିଲା । ଉତ୍ୟକ୍ତ ଭାଲୁ ବ୍ରଜମୋହନକୁ କଚାଡି ଦେଇଥିଲା ଓ ତାର ଦୁଇ ଗୋଡ଼କୁ ଆକ୍ରମଣ କରିଥିଲା । ନିକଟରେ ଥିବା ଲୋକମାନେ ପାଟି କରିବାରୁ ଭାଲୁଟି ସେଠାରୁ ଚାଲିଯାଇଥିଲା । ଆହାତ ବ୍ରଜମୋହନକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ବ୍ରଜମୋହନକୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଜଙ୍ଗଲ ବିଭାଗ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଜନସାଧାରଣ ଦାବୀ କରିଛନ୍ତି ।

# ତାଗାବେଡା ଗ୍ରାମକୁ ରାସ୍ତା ନିର୍ମାଣ

ମାଲକାନଗିରି,୬/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଂଚାୟତର ପାହାଡିଆ ଘାଟି ଅଂଚଳରେ ରହିଛି ତାଗାବେଡା ଗାଁ । ଭାରତ ସ୍ୱାଧିନ ହେବାର ୭ ଦଶନ୍ଧି ବିତିଯାଇଥିଲେ ମଧ ଗାଁକୁ ପକ୍କା ରାସ୍ତାଟିଏ ନଥିଲା, ଥିଲା ଏକ ପାଦଚଲା ଅଙ୍କାବଙ୍କା ପାହାଡିଆ ରାସ୍ତା । ବର୍ତମାନ ସ୍ଥାନୀୟ ବଣ୍ଡା ଉନ୍ନୟନ ନିଗମ ଓ ବ୍ଲକ ପ୍ରଶାସନ ର ମିଳିତ ସହଯୋଗରେ ଓପେଲିପି ମାଧମରେ ରାସବେଡା ର ପୋଲକାଗୁଡା ଠାରୁ ପାଖାପାଖି ୮ କିଲୋମିଟର ଘାଟିରାସ୍ତା କଟାଯାଇ ତାଗାବେଡା ଗାଁକୁ ରାସ୍ତା ସମ୍ପଯୋଗ କରାଯାଇଛି !ଯାହା ଫଳରେ ତାଗାବେଡା ଗାଁ ଲୋକଙ୍କ କଷ୍ଟ ଦୂର ହେବା ସହିତ ବହୁତ ଦିନର ସ୍ୱପ୍ନ ବାସ୍ତବ ରୂପ ନେଇଛି । ଆଜି ବ୍ଲକ ପ୍ରଶାସନ ଓ ବଣ୍ଡା ନିଗମ ପକ୍ଷରୁ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ, ଗୋଷ୍ଠୀ ଉନୟନ୍ନ ଅଧିକାରୀ ହୃଦା ରଞ୍ଜନ ସାହୁ, ମାଡକାପଦର ସମିତି ସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି, ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ମୁର୍ମୁ ଓ ସ୍ୱାତିକା ପାଣିଗ୍ରାହୀ ପ୍ରମୁଖ ବୋଲେରୋ ଗାଡି ଯୋଗେ ଉକ୍ତ ଗ୍ରାମରେ ପହଂଚି ଥିଲେ ! ଯେଉଁଠି ଗାଁ ଲୋକେ ସ୍ୱାଗତ ସତ୍କାର କରିଥିବା ଜଣାପଡିଛି ।

# ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟନ

କେନ୍ଦ୍ରାପଡ଼ା,୬/୦୫ (ନି.ପ୍ର): ପ୍ରବଳ ଗ୍ରୀଷ୍ମରେ ଆରୋହୀଙ୍କୁ ଦହିପାଣି ଦେବା ପାଇଁ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଜଳଛତ୍ରର ବ୍ୟବସ୍ଥା କରାଯାଇଛି । ଏମ୍‌ଏସ୍‌ପି ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ଏହି ଜଳଛତ୍ରକୁ ପ୍ରଧାନ ଶିକ୍ଷକ ଉଦଘାଟନ କରିଥିଲେ । ସ୍କୁଲବାଟେ ଯାତାୟତ କରୁଥିବା ଲୋକ ମାନଙ୍କୁ ଏହି ଛାତ୍ରଛାତ୍ରୀ ମାନେ ଥଣ୍ଡାପାଣି ଓ ଦହିପାଣି ଦେଉଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ପର୍ଶୁରାମ ମହାନ୍ତି, ସାଈ ସିକୁନ ମହାନ୍ତି, ଲିତା ଦାସ, ସଂଜୟ କୁମାର ସାମଲ, ସୁଲୋଚନା ସାମଲ, ସରୋଜକାନ୍ତ ସାମଲ ପ୍ରମୁଖ ସହ ଯୋଗ କରିଥିଲେ ।

# ବଲାଙ୍ଗିର ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ପ୍ରଭାରୀଙ୍କ ବଲାଙ୍ଗିର ଜିଲ୍ଲା ଗସ୍ତ

ବଲାଙ୍ଗିର,୬/୦୫ (ନି.ପ୍ର): ବଲାଙ୍ଗିର ଆକାକ୍ଷୀଂ ଜିଲ୍ଲା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ତଥା କେନ୍ଦ୍ର ସରକାରଙ୍କ ପଂଚାୟତିରାଜ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ସି.ଏସ୍. କୁମାର ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ଆଜି ପୂର୍ବାହ୍ନରେ କ୍ଷେତ୍ର ପରିଦର୍ଶନ କରିଥିଲେ । କ୍ଷେତ୍ର ପରିଦର୍ଶନ ଅବସରରେ ପ୍ରଥମେ ସେ ଜାତୀୟ ଉଦ୍ୟାନ ମିଶନ ଅନ୍ତର୍ଗତ ସମନ୍ୱିତ ଉଦ୍ୟାନ କୃଷି ବିକାଶ ଅଭିଯାନ ଜରିଆରେ ବିଜାଖମନ ଠାରେ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ କଦଳୀ ପଚେଇବା ଚେମ୍ବର ପରିଦର୍ଶନ କରିଥିଲେ । ପରେ ସେ ଲୋଇସିଂହା ଅନ୍ତର୍ଗତ ବାନିପାଲି ଗ୍ରାମପଂଚାୟତ କାର୍ଯ୍ୟାଳୟକୁ ଯାଇ ୱାର୍ଡମେମ୍ବର, ସମିତି ସଭ୍ୟ, ସରପଂଚ ତଥା ଗ୍ରାମବାସୀଙ୍କ ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ବଭିନ୍ନ ଉନ୍ନୟନ ଓ ଜନହିତକର ଯୋଜନା ନିମନ୍ତେ ପଂଚାୟତକୁ ଆସୁଥିବା ଅର୍ଥର ସୁବିନିଯୋଗ କରିବା ସହ ଅନାବଶ୍ୟତାକୁ ଦୃଷ୍ଟି ରଖି ଯୋଜନା ଗୁଡିକୁ ପ୍ରାଧାନ୍ୟ ଦେବା ଉପରେ ସେ ପରାମର୍ଶ ଦେଇଥିଲେ । ପରେ ସେ ବାଦିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ପ୍ରସୂତି ଗୃହ, ଯୋଗ ଏବଂ ଧ୍ୟାନ କେନ୍ଦ୍ର, ରୋଗୀଙ୍କ ସମ୍ପର୍କୀୟ ପାଇଁ ଉର୍ଦ୍ଧିଷ୍ଟ ପ୍ରତିକ୍ଷାଳୟ ଇତ୍ୟାଦି ପରିଦର୍ଶନରେ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେ ବୁଡିପଦର ସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନରେ ଯାଇ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ, ଶିଶୁ ମାନଙ୍କ ଯତ୍ନ ଓ ଅଭିବୃଦ୍ଧି ତଥା ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟକାରିତା ସର୍ମ୍ପକରେ ଅଙ୍ଗନବାଡି କର୍ମୀ, ସିଡିପିଓ ଏବଂ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପରେ ସେ ରାମପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ତଦାରଖ କରିଥଇଲେ । ସେଠାରେ ସେ ଶିକ୍ଷଣ ବ୍ୟବସ୍ଥା, ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଫଳାଫଳ, ଭିତିଭୂମି ଆଦି ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ବିଷୟରେ ଦୁର୍ବଳଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ପରେ ସେ ଆଗଲପୁର ବ୍ଲକ ଅନ୍ତର୍ଗତ ବକ୍ତି ଗ୍ରାମକୁ ଯାଇ ସେଠାରେ ଥିବା ଘାସ ଚାଷ ଏବଂ କ୍ଷୀର ପ୍ରକଳ୍ପକୁ ପରିଦର୍ଶନ କରିଥିଲେ । ପରେ ସେ ପଥରଚେପା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷଣ ବ୍ୟବସ୍ଥା, ଭିତିଭୂମି, ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନ ତଥା ପରୀକ୍ଷା ଫଳ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଆକାକ୍ଷୀଂ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ୫ ଗୋଟି ବିଷୟର ବିଭିନ୍ନ ମାନଦଣ୍ଡର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ଓ ପୋଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୩ ଗୋଟି ମାନଦଣ୍ଡ, ଶିକ୍ଷା ଅନ୍ତର୍ଗତ ୮ ଗୋଟି ମାନଦଣ୍ଡ, କୃଷି ଓ ଜଳ ସଂପଦ ଅନ୍ତର୍ଗତ ୧୦ ଗୋଟି ମାନଦଣ୍ଡ, ମୌଳିକ ଭିତିଭୂମି କାର୍ଯ୍ୟକ୍ରମ ଅନ୍ତର୍ଗତ ୭ ଗୋଟି ମାନଦଣ୍ଡ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୧ ଗୋଟି ମାନଦଣ୍ଡ ଜରିଆରେ ବଲାଙ୍ଗିର ଆକାକ୍ଷୀଂ ଜିଲ୍ଲାରେ ଅଦ୍ୟାବଧି ହୋଇଥିବା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଗୁଡିକର ସଫଳରେ ରସାୟନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କେନ୍ଦ୍ରୀୟ ପ୍ରଭାରୀ ଡ. ସି.ଏମ୍ କୁମାରଙ୍କୁ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଚଂଚଳ ରଣା ବଲାଙ୍ଗିର ଆକାକ୍ଷୀଂ ଜିଲ୍ଲା କାର୍ଯ୍ୟକ୍ରମର ରୂପରେଖ ଓ ଅଗ୍ରଗତି ସମ୍ପର୍କରେ ଅବଗତ କରିଥିଲେ । ବୈଠକରେ ପି.ଡି ଡିଆର୍ଡିଏ ସୁଶାନ୍ତ କୁମାର ସିଂଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସଂପଦ, ସମାଜ ମଙ୍ଗଳ, ସଂପାଦକ ସୁରକ୍ଷା, ଦକ୍ଷାତା ବିକାଶ ଆଜି ବିକାଶ ଆଦି ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭୀମ ପାହାଡ଼ର ଐତିହାସିକ ପୃଷ୍ଠଭୂମି, ଗବେଷଣା ହିଁ ନୂତନ ପରିଚୟ ସୃଷ୍ଟି କରିବ

ବଲାଙ୍ଗୀର,୬/୦୫ (ନି.ପ୍ର): ଘଂଚ ଜଙ୍ଗଲ ଉପରେ ଅବସ୍ଥିତ ଭୀମ ପାହାଡ଼ ଆଜକୁ ପ୍ରାୟ ୩୦ ବର୍ଷ ପୂର୍ବେ ଏକ ଅଜଣା ସ୍ଥାନ ହୋଇ ରହିଥିଲା । ଭୀମ ପାହାଡ଼ରେ ଗୋଟେ ପରେ ଗୋଟେ ଗୁମ୍ଫାର ସନ୍ଧାନ ହେବା ପରେ ଧୀରେ ଧୀରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ ଦେଖା ଦେଇଥିଲା । ଆଦିବାସୀ ସଂସ୍କୃତି, ପରମ୍ପରା ଓ ଜୀବନ ଜୀବିକା ସହ ଜଡ଼ିତ ହୋଇଥିବା ଏହି ପାହାଡ଼ ଅନନ୍ୟ ଓ ସ୍ୱତନ୍ତ୍ର । ଗବେଷଣା ହିଁ ଏହାର ଅନେକ ରହସ୍ୟ ଖୋଲିବ । ସ୍ଥାନୀୟ ଭୀମ ପାହାଡ଼ ପାଦଦେଶରେ ବୁଧବାର ଅନୁଷ୍ଠିତ 'ଭୀମ ପାହାଡ଼ର ଐତିହାସିକ ପୃଷ୍ଠଭୂମି'ଶୀର୍ଷକ ସମ୍ମାନରେ ଗବେଷକମାନେ ଏହି ମତ ଦେଇଛନ୍ତି । ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମାନରେ ଲୋକ ସଂସ୍କୃତି ଓ ପରମ୍ପରା ଗବେଷକ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ଗବେଷକ ସାଲେଗ୍ରାମ ହୋତା, ଆଦିବାସୀ ସଂସ୍କୃତି ଗବେଷକ ରାଜୀବ ସଗରିଆ, କନ୍ଧ ସଂସ୍କୃତି ଗବେଷକ ଅଜିତ୍ ଭୋଇ, ଭୀମ ପାହାଡ଼ ମହୋତ୍ସବର ସଭାପତି ତଥା ଭୀମ ପାହାଡ଼ ଐତିହ୍ୟ ପ୍ରଚାରକ ପ୍ରମୋଦ ବହିଦାର, ସାମ୍ବାଦିକ ବିଭୁ କଲ୍ୟାଣ ଗଡ଼ତ୍ୟା, କୋଶଲୀ ଲୋକ ନୃତ୍ୟ ଏକାଡ଼େମୀର ପ୍ରତିଷ୍ଠାତା ଧରଣୀଧର ନାୟକ ପ୍ରମୁଖ ମଂଚାସିନ ହୋଇଥିଲେ । ପ୍ରାରମ୍ଭରେ ମହୋତ୍ସବର ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ମାନର ଆୟୋଜନ ସମ୍ପର୍କରେ ମତ ରଖିଥିଲେ । ଗବେଷକ ଶ୍ରୀ ସଗରିଆ ଶହ ଶହ ବର୍ଷ ପୂର୍ବରୁ କିଭଳି ଭୀମ ଯୁଗ ସୃଷ୍ଟି ହୋଇଥିଲା ଓ ୧୨ ଭୀମ ବୁଢା ସମ୍ପର୍କରେ ମତ ରଖିବା ସହ ଏ ଅଂଚଳର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ମତ ରଖିଥିଲେ । ଡ. ଶ୍ରୀ ମିଶ୍ର ପାହାଡ଼, ଗୁମ୍ଫାରୁ ସୃଷ୍ଟି ଶବ୍ଦ ବିଜ୍ଞାନ ଓ ଧ୍ୱନିପ୍ରତିଧ୍ୱନିର ଭୀମ ପାହାଡ଼ ଠାରେ ରହିଥିବା ସମ୍ପର୍କକୁ ପ୍ରାମାଣିକ ତଥ୍ୟ ଦେଇ ମା' ବିନା ସୃଷ୍ଟିର ପରିକଳ୍ପନା କରାଯାଇନପାରେ । ଗୁମ୍ଫା ସଂସ୍କୃତି ଏ ଅଞ୍ଚଳର ପରିଚୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସିପାହୀ ବିଦ୍ରୋହର ୪ ବର୍ଷ ପୂର୍ବରୁ ଭୀମ ପାହାଡ଼ ଏକ ଅଭେଦ୍ୟ ଦୂର୍ଗ ଭାବେ ପରିଗଣିତ ହେଉଥିଲା । ଚକରା ବିଶୋଇଙ୍କୁ ସୁରକ୍ଷା ପାଇଁ ଏହାକୁ ବ୍ୟବହାର କରାଯାଇଥିଲା । ଇଂରେଜ ସରକାରଙ୍କ ବିରୋଧରେ ହୋଇଥିବା ପ୍ରଜାମେଳି ଓ ଆଟଗାଁର ତତ୍କାଳୀନ ଜମିଦାର ଧରମ ସିଂ ମାନଧାତାଙ୍କ ବୀରତାର ଏହା ମୁକସାକ୍ଷୀ ବୋଲି ସମ୍ମାନରେ ମତ ପ୍ରକାଶ ପାଇଥିଲା । ଆଦି ପରମ୍ପରାର ଏହି ମହାନ ଐତିହ୍ୟସ୍ଥଳୀ ଯେଉଁଭଳି ଏହାର ରକ୍ଷଣାବେକ୍ଷଣ ଓ ଗବେଷଣା ହେବା କଥା ଆଜି ଯାଏଁ ହୋଇପାରି ନାହିଁ । ବର୍ତମାନ ସୁଦ୍ଧା ୬୪ଟି ଗୁମ୍ଫାର ସନ୍ଧାନ ହୋଇଥିବା ବେଳେ ଏହାରି ପରିସୀମାରେ ଆହୁରି ଅନେକ ଗୁମ୍ଫାର ସନ୍ଧାନ ହୋଇପାରିବ । ଏଥିରେ କୌଣସି ଦ୍ୱିମତ ନାହିଁ । ଗବେଷଣା ହେଲେ ଏହାର ଆହୁରି ଅନେକ ରହସ୍ୟମୟ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଥିଲା । ଏହି ସମ୍ମାନରେ ସ୍ଥାନୀୟ ଅଂଚଳର ପଂଚାୟତ ଜନ ପ୍ରତିନିଧି, ବୁଦ୍ଧିଜୀବୀ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଯୁବ ଗବେଷକ, ଏସଏଚଜି ମହିଳାମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ଆୟୋଜକ କମିଟିର ସଭାପତି ଶ୍ରୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ସହରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଅଭିଯାନ

ଖୋର୍ଦ୍ଧା,୬/୦୫ (ନି.ପ୍ର): ଖୋର୍ଦ୍ଧା ସହରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବା ଅଭିଯାନ ପାଇଁ ଗୁରୁବାର ଖୋର୍ଦ୍ଧା ଆରକ୍ଷୀ ଅଧକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ବିକାଶ ମଂଚ ପକ୍ଷରୁ ଅନୁଷ୍ଠିତ ହୋଇଯାଉଛି । ଏହି ଅବସରରେ ଖୋର୍ଦ୍ଧା ଆରକ୍ଷୀ ଅଧକ୍ଷକ ସିଦ୍ଧାର୍ଥ କଟାରିଆ ନୂତନ ଭାବେ ଯୋଗଦାନ କରିଥିବାରୁ ମଂଚ ପକ୍ଷରୁ ଅଧିକ୍ଷକ କଟାରିଆଙ୍କୁ ଗଛ ଚାରା ଉପହାର ଦେଇ ସ୍ୱାଗତ କରାଯାଇଥିଲା । ପରେ ଉକ୍ତ ଚାରାକୁ ସେ କାର୍ଯ୍ୟାଳୟ ପରିସରରେ ରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ଶ୍ରୀ କଟାରିଆ କହିଥିଲେ ବୃକ୍ଷଚାରା ପ୍ରଦାନ କରି ନବାଗତ ଜିଲ୍ଲା ପଦାଧିକାରୀମାନଙ୍କୁ ସ୍ୱାଗତ କରିବା ଏକ ଅଭିନବ ପଦକ୍ଷେପ । ତାଙ୍କ ପୁଲିସ୍ ଜିଲ୍ଲା ଅଧିନସ୍ଥ ଥାନା ଓ ଫାଣ୍ଡିମାନଙ୍କରେ କିପରି ବୃକ୍ଷରୋପଣ କରାଯିବ ସେଥପ୍ରତି ସେ ବିଶେଷ ଦୃଷ୍ଟି ଦେବେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିକାଶ ମଂଚର ଉପଦେଷ୍ଟା ଡ଼. ଦିଲ୍ଲିପ ଶ୍ରୀଚନ୍ଦନ ବୃକ୍ଷରୋପଣ କରିବା ସହିତ ଉତାପ ବୃଦ୍ଧି, ଜଳବାୟୁ ପରିବର୍ତନ, ପରିବେଶ ପ୍ରଦୂଷଣ ଯୋଗୁଁ ପାଣିପାଗରେ ପରିବର୍ତନ ଘଟି ସାମୁଦ୍ରିକ ଝଡ, ମହାବାତ୍ୟା ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇ ଜୀବଜଗତର ଅନେକ କ୍ଷତି କରୁଛି । ତେଣୁ ଜଙ୍ଗଲ ସୁରକ୍ଷା ତଥା ବୃକ୍ଷରୋପଣ ଭଳି ପଦକ୍ଷେପ ପ୍ରାକୃତିକ ବିପର୍ଯ୍ୟୟକୁ ଅନେକ ପରିମାଣରେ ରୋକିପାରିବ । ଏହି ଅବସରରେ ଖୋର୍ଦ୍ଧା ବିକାଶ ମଂଚର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ଜିଲ୍ଲା ସଦର ମହକୁମାକୁ ଆସୁଥିବା ନୂତନ ଅଧିକାରୀମାନଙ୍କୁ ଏଣିକି ଗଛଚାରା ପ୍ରଦାନ କରାଯିବା ସହ ସେମାନଙ୍କ ହାତରେ ତାଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବ । ଏଥିସହିତ ଐତିହାସିକ ଖୋର୍ଦ୍ଧା ସହରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବା ପାଇ ଖୋର୍ଦ୍ଧା ବିକାଶ ମଂଚ ଆଜିଠାରୁ ପ୍ରୟାସ ଜାରି ରଖିବ ।

ଏଥିରେ ଖୋର୍ଦ୍ଧା ଓକିଲ ସଂଘର ସଭାପତି ବିଜୟ ସାମନ୍ତସିଂହାର, ଖୋର୍ଦ୍ଧା ଅଞ୍ଜୁମାନ୍ ଇସ୍‌ଲାମ୍‌ର ସଭାପତି ରମ୍‌ଜାନ୍ ଖାଁ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଅଞ୍ଜୁମାନ୍ ଇସ୍‌ଲାମ୍‌ର ସମ୍ପାଦକ ହାଜି ନସିମ୍‌ମୁଦ୍ଦିନ୍ ଖାଁ, କେଫାତୁଲ୍ଲା ଖାଁ, ଶାହାଜାହାନ ଖାଁ ,ବିକାଶ ମଂଚର ସାଧାରଣ ସମ୍ପାଦକ ପମିନା ଦାସ, ଆଇନ୍‌ଜୀବୀ ବିକ୍ରମ ଚମ୍ପତି, ବିଚିତ୍ରବଡ଼ଜେନା, ନୃସିଂହ ମିଶ୍ର, ଶିକ୍ଷାବିତ୍ ବୃନ୍ଦାବନ ପଣ୍ଡା, ସମାଜସେବୀ ଅବନୀ ଜେନା, ଏମ୍.ଡ଼ି. କାଲାମ, ସୁବାସ ସାମନ୍ତରାୟ, ସୁନୁ ମହାପାତ୍ର, ହେମନ୍ତ ପାତ୍ର, ତଥା ବିକାଶ ମଂଚର ସମସ୍ତ ମହିଳା ସଦସ୍ୟମାନେ ଚାରାରୋପଣ କରିଥିଲେ । ପରେ ଏକ ଶୋଭାଯାତ୍ରା ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା ।

# ଓଁକାରେଶ୍ୱର ମହାଦେବଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ପୁରୀ,୬/୦୫ (ନି.ପ୍ର): ଓଁକାରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଦ୍ୱାଦଶତମ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳାହାଟ-ଷ୍ଟର୍ଲିଂ ବାଇପାସ ରୋଡ଼ରେ ଅବସ୍ଥିତ ମହାଦେବ ମନ୍ଦିରକୁ ପ୍ରତିଦିନ ଶହ ଶହ ଭକ୍ତ ଦର୍ଶନ ପାଇଁ ଯାଉଛନ୍ତି । ପ୍ରତିବର୍ଷ ସେଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଉଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯୋଗ ଦେଇଥିଲେ । ଯଜ୍ଞର ପ୍ରଥମ ଦିନ ଅଙ୍କୁରାରୋପଣ ଓ ଦ୍ୱିତୀୟ ଦିନରେ କଳସ ସ୍ଥାପନା କରାଯାଇଥିଲା । ଯଜ୍ଞ ମଣ୍ଡପ ସ୍ଥଳକୁ ବାବା ଓଁକାରେଶ୍ୱରଙ୍କୁ ସେବାୟତମାନେ ପଟୁଆରରେ ନେଇ ବିଜେ କରାଇଥିଲେ । କର୍ତା ଭାବେ କୃଷ୍ଣଚନ୍ଦ୍ର ପ୍ରତିହାରୀ ଓ ତାଙ୍କ ଧର୍ମପତ୍ନୀ ରାଧାମଣୀ ପ୍ରତିହାରୀ ଯୋଗଦେଇ ଆହୁତି ପ୍ରଦାନ କରିଥିଲେ । ବ୍ୟାସ ଭାବେ ଶ୍ରୋତୀୟ ବ୍ରାହ୍ମଣ ଜୟକୃଷ୍ଣ ତ୍ରିପାଠୀ, ପୁରୋହିତ ଶରତଚନ୍ଦ୍ର ଷଡ଼ଙ୍ଗୀ, ଆଚାର୍ଯ୍ୟ ରବିଚରଣ ରଥ, ଗୋପାଳ ମିଶ୍ର ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମନାରାୟଣ ପ୍ରତିହାରୀ, ଗୋପାଳକୃଷ୍ଣ ପୂଜାପଣ୍ଡା, ରବିନାରାୟଣ ପୂଜାପଣ୍ଡା ଓ ଅନୁଷ୍ଠାନର ସଦସ୍ୟମାନେ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ ।

## ଜଙ୍ଗଲରୁ ୯ ଶହ ଲିଟର ପୋଚ ଜବତ

ଜୟପୁର,୬/୦୫ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଡିମିଳା ଜଙ୍ଗଲରେ ଅବକାରୀ ବିଭାଗ ଚଢାଉ କରିଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଚଢାଉ କରାଯାଇଥିଲା । ଚଢାଉ ବେଳେ ଘଟଣା ସ୍ଥଳରୁ ୯ ଶହ ଲିଟର ପୋଚ , ମଦ ରନ୍ଧା ସରଞ୍ଜାମ ଓ ପ୍ଲାଷ୍ଟିକ ଡ୍ରମକୁ ଜବତ କରାଯାଇଛି । ତେବେ ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଜଙ୍ଗଲରୁ ଚମ୍ପଟ ମାରିଥିଲେ ।

## କଳାକାର ସଂଘର ବୈଠକ ଅନୁଷ୍ଠିତ

ନୂଆପଡ଼ା,୬/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କଳା ଓ ସଂସ୍କୃତି ସଂଘର ଏକ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ରାଧେଶ୍ୟାମ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଡ଼ିଆଳ ବିଡିଓ ନାରାୟଣ ସାହୁ, ଜିଲ୍ଲା ସଂଯୋଜକ ସୁଜିତ ହନୁମାନ, ଜିଲ୍ଲା କଳା ଓ ସଂସ୍କୃତି ସଂଘର ସଦସ୍ୟ ଅର୍ଜୁନ ଛତ୍ରିଆ ଓ ଅମୂଲ୍ୟ ମୁଣ୍ଡ ଯୋଗ ଦେଇଥିଲେ । କଳାକାର ମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରି ସେମାନଙ୍କ ପାଇଁ ସବୁ ପ୍ରକାର ସହଯୋଗ କରିବାକୁ ସରକାର ଯୋଜନା କରିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ।୨୦୧୧ ମସିହାରୁ ବ୍ଲକ କଳା ଓ ସଂସ୍କୃତି ସଂଘ ଏବଂ ଜିଲ୍ଲା କଳା ଓ ସଂସ୍କୃତି ସଂଘ ଗଠନ ହୋଇଥିଲେ ମଧ ସେମାନଙ୍କ ଉନ୍ନତି ପାଇଁ ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ନେଇ କଳାକାର ମାନେ ଅଭିଯୋଗ କରିଥିଲେ । ଆଜି ପର୍ଯ୍ୟନ୍ତ କଳାକାର ପରିଚୟ ପତ୍ର ନଦେବା, କଳାକାର ଭବନ ପ୍ରତିଷ୍ଠା କରା ନଯିବା, ବିନା ସାଂସ୍କୃତିକ ଦଳରେ ସରକାରୀ ଯୋଜନାର ପ୍ରଚାର କରା ଯାଉଥିବା ଅଭିଯୋଗ ହୋଇଥିବା ବେଳେ ଏନେଇ ପଦକ୍ଷେପ ନେବାକୁ ଖଡ଼ିଆଳ ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ ।

# ମଣିଷ ଚାଲାଣ ଓ ବଲାଙ୍ଗିରରେ ଗ୍ରାମ୍ୟ ରୋଜଗାର ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର,୬/୦୫ (ନି.ପ୍ର): ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଏଚ୍ ଡି ଇଣ୍ଡିଆର ୨୮ ତମ ପ୍ରତିଷ୍ଠା ଦିବସ ତଥା ମଣିଷ ଚାଲାଣ ଓ ବଲାଙ୍ଗିରରେ ଗ୍ରାମ୍ୟ ରୋଜଗାର ଶୀର୍ଷକ ବିଷୟ ଉପରେ ଏକ ବୁଦ୍ଧିଜୀବୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଏଫ୍ ଏଚ୍ ଡି ଇଣ୍ଡିଆର ସଭ୍ୟ ଓ କର୍ମକର୍ତା ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶିଳ୍ପବିହୀନ ବଲାଙ୍ଗିର ଜିଲ୍ଲାରେ କର୍ମନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ନଥିବାରୁ ତଥା ଲୋକଙ୍କ ମାନସିକତାରେ ପରିବର୍ତନ ହେଉନଥିବାରୁ ଲୋକେ ନିଜ ମାଟିରେ କାମଧନ୍ଦା ଅନ୍ୱେଷଣ କରିବା ବଦଳରେ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ନିଜ ଅଂଚଳରେ ମଧ ସମ୍ବଳକୁ ବିନିଯୋଗ କରି ଜଣେ ସ୍ୱାବଲମ୍ବୀ ହୋଇପାରିବ ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ । ବିଭିନ୍ନ ସରକାରୀ ଯୋଜନା ପରେ ବି ବିଡମ୍ବନାର ବିଷୟ ହେଉଛି ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ଏହା ଉପରେ ସମସ୍ତେ ତର୍ଜମା କରିବାର ଆବଶ୍ୟକତା ରହିଛି ବୋଲି ବକ୍ତା ମାନେ ମତ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବଲାଙ୍ଗିର ଏକ୍ସନ କମିଟିର ଧୀରେନ୍ଦ୍ର ସିଂହଦେଓ, ଅଜୟ ବାଦୀ, ସାମ୍ବାଦିକ ରଘୁନନ୍ଦନ ସିଂହ, ସନ୍ଦୀପ କୁମାର କୁଅଁର, ବିଭୁ କଲ୍ୟାଣ ଗଡତିଆ, ପଲ୍ଲୀ ଆଲୋକ ପାଠାଗାରର ହୀରାଲାଲ ମିଶ୍ର, ଜିତୁ ହନୁମାନ, ଶିକ୍ଷାବିତ୍ ମନୋଜ ମିଶ୍ର ନିଜ ବକ୍ତବ୍ୟରେ ଦାଦନ ଶ୍ରମିକ ଚାଲାଣକୁ ରୋକିବା ଦିଗରେ ସବୁ ସ୍ତରରେ ଏକ ସାମୁହିକ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ଏଫ୍ ଏଚ୍ ଡି ଇଣ୍ଡିଆର ଉପସଭାପତି ସରୋଜ ଛତ୍ରିଆଙ୍କ ପରିଚାଳନାରେ ଆୟୋଯିତ ଏହି ଆଲୋଚନାଚକ୍ରରେ ଏଫ୍ ଏଚ୍ ଡି ଇଣ୍ଡିଆର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବିଲହନ୍ ସାଗର ସଭାକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରିମୁଳ ବିକାଶ ମଂଚ ପକ୍ଷରୁ ରାସ୍ତା ମରାମତି ପାଇଁ ଦାବି

କେନ୍ଦ୍ରାପଡ଼ା,୬/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୁଳ ଗ୍ରାମ ପଂଚାୟତ ବିକାଶ ମଂଚ ପକ୍ଷରୁ ରାସ୍ତା ମରାମତି କରିବା ପାଇଁ ଦାବି କରାଯାଇଛି । ଦାବି ମୁତାବକ ଜାତୀୟ ପିତା ମହାତ୍ମାଗାନ୍ଧି ସ୍ମୃତି ପୀଠ ବାରିମୁଳ ଗ୍ରାମ ଠାରୁ ତିନିମୁହାଣୀ ଚଟିପୋଲ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡିଛି । ଏଥି ସହିତ ମୁସଲମାନ ସାହି ୧୩ନଂ ୱାର୍ଡ ଠାରୁ ଗୁଲନଗର ଗ୍ରାମ ପଂଚାୟତ ୱାର୍ଡ ୧ ଓ ୧୨ନଂ ୱାର୍ଡ ଦେଇ ଯାଇଥିବା ନଦୀବନ୍ଧ ଅତି ଶୋଚନୀୟ ହୋଇପଡି ଗୋବରୀନ୍ଦୀରେ ଲୀନ ହେବାଭଳି ଅବସ୍ଥା ସୃଷ୍ଟି ହୋଇଛି । ଦୈନିକ ୭୦୦ ରୁ ୮୦୦ ଲୋକ ଏହି ବାଟ ଦେଇ ଯିବାଆସିବା କରୁଛନ୍ତି । ରାସ୍ତାରେ ବିଜୁଳି ସଂଯୋଗ ନଥିବା ବେଳେ ରାତ୍ର ସମୟରେ ଯିବା ଆସିବାରେ ବହୁ ଅସୁବିଧା ସୃଷ୍ଟି ହେଉଛି । ରାସ୍ତା ନିର୍ମାଣ ଓ ପଥର ପ୍ୟାକିଂ କରିବା ପାଇଁ ବାରିମୁଳ ପଂଚାୟତର ସରପଂଚ କଳ୍ପନା ବେହେରା, ଗୁଲନଗର ସରପଂଚ ସଂନ୍ଧ୍ୟାରାଣୀ ସାହୁ, ବାରିମୁଳ ବିକାଶ ମଂଚ ସଭାପତି ଭରତ ଚନ୍ଦ୍ର ଚୁଳି, ତିନିମୁହାଣୀ ବଜାର କମିଟି ସଭାପତି ବିବେକାନନ୍ଦ ମହାରଣା ଦାବି କରିଛନ୍ତି ।

# ଜାମ୍ ଗାଁ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ବଲାଙ୍ଗିର ,୬/୦୫ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାମଗାଁଠାରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ୨୬/୪/୨୨ ମଙ୍ଗଳବାର ଦିନ ଉଦ୍ ?ଯାପିତ ହୋଇଯାଇଛି । ଗତ ୧୮ ତାରିଖଠାରୁ ୮ ଦିନ ଧରି ଏହି ତାଲିମ ଶିବିର ଚାଲିଥିବା ବେଳେ ଏଥିରେ ୭୪ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ମାଷ୍ଟର ଟ୍ରେନର ଭାବେ ସ୍ୱର୍ଣ୍ଣପ୍ରଭା ମେହେର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ । ଅଧ୍ୟକ୍ଷ ଶିବ ଶଙ୍କର ଉଦ୍ ?ଗାତା ଏହି ଶିବିରରେ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶିବ ପ୍ରସାଦ ଭଞ୍ଜ ମୁଖ୍ୟ ଅତିଥି ଓ ଇତିହାସ ଅଧ୍ୟାପକ ଡ. ଶୁଶାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଶିବିର କିପରି ଛାତ୍ରୀମାନଙ୍କ ପାଇଁ ସହାୟକ ହୋଇପାରିବ ସେ ଦିଗରେ ଆଲୋଚନା କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପକ ଶୋଭାକର ବିଶ୍ୱାଲ ଏହି କାଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ୨ଦିନ ହେବ ମିଳୁନି ଟ୍ରେନ ଟିକେଟ: ଫେରୁଛନ୍ତି ଯାତ୍ରୀ

କେନ୍ଦ୍ରାପଡ଼ା,୬/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସର ରେ ଥିବା ରେଲ କାଉଣ୍ଟରରେ ୨ଦିନ ହେଲା ଟିକେଟ ମିଳୁ ନଥିବାରୁ ଶହ ଶହ ଯାତ୍ରୀ ଦୈନିକ ନିରାଶ ହୋଇ ଫେରୁଛନ୍ତି । ଖବର ରୁ ପ୍ରକାଶ ଯେ, ରେଳ କାଉଣ୍ଟରରେ ସଂଯୋଗ ଥିବା ବିଏସ୍‌ଏନ୍‌ଏଲ୍ ମୋଡେମ ପୋଡି ଯାଇ ଥିବାରୁ ଟିକେଟ ମିଳୁ ନଥିବା ଜଣାପଡିଛି । ଏ ବିଷୟରେ କାଉଣ୍ଟର ସୁପର ଭାଇଜର ଶଶାଙ୍କ କୁମାର ବେହେରା ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟକୁ ଜଣାଇଥିଲେ ମଧ ବିଏସ୍‌ଏନ୍‌ଏଲ୍ କର୍ତୃପକ୍ଷ ମୋଡେମ ନଦେବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ କରି ଯାତ୍ରୀଙ୍କୁ ଟିକେଟ ଦେବାପାଇଁ ଦାବି ହେଉଛି ।

## ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୀ,୬/୦୫ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନଠାରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଯୋଗଦେଇ କହିଲେ, ରାଜ୍ୟରେ ଚାରୁ ଓ କାରୁକଳା ଶିକ୍ଷା ପାଇଁ ସରକାରୀ ସହାୟତା ଯୋଗାଇଦେଲେ ଏହି କଳାର ଉନ୍ନତି ହେବ । ଅନୁଷ୍ଠାନର ସଭାପତି ଭକ୍ତଚରଣ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ସମାଜସେବୀ ଚକ୍ରଧର ମହାପାତ୍ର, ଯୁବକଳାପ୍ରେମୀ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ମଂଚାସୀନ ଥିଲେ । କଲେଜର ଅଧ୍ୟକ୍ଷ ତଥା ଅନୁଷ୍ଠାନର ସମ୍ପାଦକ ଦୁର୍ଗାମାଧବ କର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଓଡ଼ିଶୀଗୁରୁ ଚନ୍ଦ୍ରମଣି ଲେଙ୍କା, ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋ, ଅଧ୍ୟାପକ ଚନ୍ଦନ କୁମାର ଜେନା, ସାମ୍ବାଦିକ ମଧୁସୂଦନ ମିଶ୍ର, ଜିତେନ୍ଦ୍ର ନାରାୟଣ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ବଟକୃଷ୍ଣ ପ୍ରାଧାନଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । କଣ୍ଠଶିଳ୍ପୀ ଦର୍ଶନା କର ଗୀତଗୋବିନ୍ଦ ଗାନ କରିଥିଲେ । ରୋଜାଲିନ ପଣ୍ଡା ଓ ହୃଷିକେଶ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ।

## ଖାଇବାକୁ ପଡ଼େ ଝିଅଙ୍କ ହିଲ୍

ରାସ୍ତାରେ ଝିଅଙ୍କୁ କମେଣ୍ଟ କଲେ ପୁଅମାନଙ୍କୁ ଚପଲ ମାଡ଼ ଖାଇଥିବାର ଦେଖିଥିବେ କିନ୍ତୁ ରେଷ୍ଟୁରାଣ୍ଟରେ ଖାଇବାକୁ ଗଲେ ଚପଲ ଖାଇବାକୁ ପଡ଼ିବ ଏହା ଶୁଣିବାକୁ ଟିକେ ଅଜବ ଲାଗୁଛି ।ହେଲେ ମୁମ୍ବାଇରେ ଏମିତି ଏକ ରେଷ୍ଟୁରାଣ୍ଟ ବିଷୟରେ କହିବାକୁ ଯାଉଛୁ, ଯେଉଁଠିକୁ ଗଲେ ଝିଅଙ୍କ ଚପଲ ଖାଇବାକୁ ପଡ଼େ । ଏହା ସତ୍ତ୍ୱେ ଏହି ରେଷ୍ଟୁରାଣ୍ଟ ର ବହୁତ ଚାହିଦା ରହିଛି । ମୁମ୍ବାଇରେ ଥିବା ଏହି ରେଷ୍ଟୁରାଣ୍ଟରେ ଝିଅମାନଙ୍କ ଭଳି କି ଭଳି ଜୋତା ଟେବୁଲ ଉପରେ ରଖାଯାଉଥିବା ଦେଖିବାକୁ ମିଳିବ । ଏବେ ଆପଣ ଭାବୁଥିବେ କେହି ପାଗଳ ହିଁ ଝିଅମାନଙ୍କ ଜୋତା ଖଣଇବାକୁ ରେଷ୍ଟୁରାଣ୍ଟକୁଯାଉଥିବ । ପ୍ରକୃତ କଥା ହେଲା ଏଠାରେ ଯେଉଁ ଜୋତା ଖାଇବାକୁ କୁହାଯାଇଛି ତାହା ମାଡ଼ ନୁହେଁ । ଏହା ବିଭିନ୍ନ ଫ୍ଲେବର ଯୁକ୍ତ ଚକୋଲେଟର ଝିଅଙ୍କ ହାଇହିଲ ଆକାରରେ ପ୍ରସ୍ତୁତ ହୋଇଥାଏ । ଆପଣ ଚାହିଁଲେ ଏହାକୁ ଖାଇପାରିବେ।



## ଅଷ୍ଟିଓଆର୍ଥ୍ରାଇଟିସ୍ ଯନ୍ତ୍ରଣା ଦୂର କରିବା ମାଛତେଲ




ଯଦି ଆପଣ ଅଷ୍ଟିଓଆର୍ଥ୍ରାଇଟିସ୍‌ରେ ପୀଡ଼ିତ, ତେବେ ଆପଣଙ୍କ ପାଇଁ ଖୁସି ଖବର । ଏକ ଗବେଷଣାରୁ ଜଣାପଡ଼ିଛି ଯେ ଅଷ୍ଟିଓଆର୍ଥ୍ରାଇଟିସ୍ ରୋଗୀ ସ୍ୱଳ୍ପମାତ୍ରାର ମାଛତେଲ ବ୍ୟବହାର କଲେ ଯନ୍ତ୍ରଣା ଦୂର କରିପାରିବେ । ସରେ ବି୍ବବିଦ୍ୟାଳୟର ଗବେଷକମାନେ ଖାଦ୍ୟ ଓ ଅଷ୍ଟିଓଆର୍ଥ୍ରାଇଟିସ୍ ମଧ୍ୟରେ ଥିବା ପ୍ରଭାବଶାଳୀ ଲିଙ୍କର ଯାଞ୍ଚ କରିଥିଲେ । ଅଷ୍ଟିଓଆର୍ଥ୍ରାଇଟିସ୍ ଏକ ଗଣ୍ଠିବାତଜନିତ ରୋଗ । ପ୍ରାୟ ୧୮ପ୍ରତିଶତ ମହିଳା ଓ ୬୦ବର୍ଷ ବୟସର ୯.୬ପ୍ରତିଶତ ପୁରୁଷ ଏହି ରୋଗରେ ପଡ଼ି ଯନ୍ତ୍ରଣାରେ ଜର୍ଜରିତ ହୋଇଥାନ୍ତି । ଏହି କ୍ଷେତ୍ରରେ ପୂର୍ବରୁ ହୋଇଥିବା ୬୮ଗବେଷଣାର ବିଶ୍ଳେଷଣରୁ ଗବେଷକମାନେ ପାଇଛନ୍ତି ଯେ କମ ମାତ୍ରାର ମାଛତେଲକୁ ସପ୍ଲିମେଣ୍ଟ ଭାବେ ନେବାଦ୍ୱାରା ଅଷ୍ଟିଓଆର୍ଥ୍ରାଇଟିସ୍ ଜନିତ ଯନ୍ତ୍ରଣା କମ ହୋଇଥାଏ । ତା' ସହିତ ସେମାନଙ୍କର ହୃଦୟ ସମ୍ବନ୍ଧୀୟ ସମସ୍ୟାରେ ସୁଧାର ଆଣିଥାଏ । ମାଛତେଲରେ ଆବଶ୍ୟକ ପରିମାଣରେ ଫ୍ୟାଟ ଏସିଡ୍ ରହିଥାଏ, ଯାହା ଗଣ୍ଠି ଯନ୍ତ୍ରଣାକୁ ମ କରିଥାଏ । ଗବେଷକମାନେ ଜାଣିବାକୁ ପାଇଛନ୍ତି, ଅଧିକ ଓଜନ ବା ମୋଟା ରୋଗୀମାନଙ୍କ ଓଜନ କମାଇବା ଓ ଗତିଶୀଳତା ବଢ଼ାଇବା ଅଭ୍ୟାସ ଅଷ୍ଟିଓଆର୍ଥ୍ରଇଟିସ୍ ଲକ୍ଷଣକୁ କମ କରିବାରେ ସାହାଯ୍ୟ କରିଥାଏ । ମୋଟାପଣ କେବଳ ଗଣ୍ଠିଯନ୍ତ୍ରଣା ବଢ଼ାଏନା, ବରଂ ଶରୀରର ଗ୍ରେଡ୍ କମାଇବା ସହ ସ୍ଥଥଇତିକୁଗମ୍ଭୀର କରିଥାଏ ।

ଏକ ସୁସ୍ଥ ଜୀବନଶୈଳୀ ରକ୍ତରେ କୋଲେଷ୍ଟ୍ରୋଲ ମାତ୍ରାକୁ କମ କରିଥାଏ । ଉଚ୍ଚ ରକ୍ତଚାପ କୋଲେଷ୍ଟ୍ରଲକୁ ଅଷ୍ଟିଓଆର୍ଥ୍ରାଇଟିସ୍ ସହ ଜଡ଼ିତ ବୋଲି ଜଣାଯାଇଛି । ପାଳଙ୍ଗ ଓ ଅନ୍ୟ ଏକପ୍ରକାରର ଶାଗ ରହିଛି; ଯାହା ଭିଟାମିନ୍ -କେ'ରେ ଭରପୂର । ଏହା ଅଷ୍ଟିଓଆର୍ଥ୍ରାଇଟିସ୍ ରୋଗୀଙ୍କ ପାଇଁ ବେଶ୍ ଲାଭପ୍ରଦ ପ୍ରଭାବ ପକାଇବା ସହ ଅସ୍ଥିତିକୁ ଶକ୍ତ କରିବା ସହ ପୁନର୍ଗଠନ କରିବା କ୍ଷେତ୍ରରେ ସହଯୋଗ କରିଥାଏ ।

ସରେ ବିଶ୍ୱବିଦ୍ୟାଳୟର ନ୍ୟୁଟ୍ରିନାଲ ମେଡିସିନ୍ ପ୍ରଫେସର ମାର୍ଗାରେଟ୍ ରେମନ୍ କହିଛନ୍ତି, ନିୟମିତ ଭଲ ଖାଦ୍ୟ ଓ ବ୍ୟାୟାମରେ ଅବହେଳା ନକରିବା ଆବଶ୍ୟକ । ଏହାଦ୍ୱାରା କେବଳଫିଟ୍ ରହିବେନି ବରଂ ଅଷ୍ଟିଓଆର୍ଥ୍ରାରାଇଟିସ୍ ଯନ୍ତ୍ରଣା କମ ହୋଇଥାଏ ।






## ପାଦ ଦୁର୍ଗନ୍ଧ ଦୂରେଇବା ଉପଚାର

ଗରମରୁ ଝାଳ ବାହାରିବା ସାଧାରଣ କଥା । କିନ୍ତୁ ଗରମ ହେତୁ ପାଦରୁ ଝାଳ ଓ ଜୀବାଣୁ ବାହାରି ଦୁର୍ଗନ୍ଧ ହେଲେ ଖୁବ୍ ଅପମାନିତ ହେବାକୁ ପଡ଼ିଥାଏ । ତେବେ ପାଦକୁ ସୁରକ୍ଷିତ ରଖିବାର ବିଶେଷ ଉପଚାର:- ଲୁରପାଣି- ଗୋଡକୁ ସୁରକ୍ଷିତ ରଖିବା ଓ ଝାଳର ଦୁର୍ଗନ୍ଧକୁ ,ଡାଇବା ନିମନ୍ତେ ଲୁଣପାଣି ବହୁ ଗୁଣକାରୀ ହୋଇଥାଏ । ଟବରେ କିଛି ଗରମ ପାଣି ନେଇ ସେଥିରେ ଲୁଣ ପକାଇ ୨୦ରୁ ୩୦ ମିନିଟ୍ ରଖିବା ଦ୍ୱାରା ଏହି ସମସ୍ୟା ହୋଇନଥାଏ । ଚା' ପତି:- ଅଳ୍ପ ପାଣିରେ ଚା' ପତି ପକାଇ ଫୁଟାଇ ଓ ଅଳ୍ପ ଉଷୁମ ଥିବା ସମୟରେ ପାଦ ବୁଡ଼ାଇ ରଖିବା ଦ୍ୱାରା ଏହି ସମସ୍ୟା ହୋଇନଥାଏ । ପାଦରେ ଝାଳ ହେବା କ୍ରମାଗତ ଭାବେକମିଥାଏ । ସେଉ ରସ:- ଗରମ ପାଣିରେ ଅଳ୍ପ ସେଉ ରସ ମିଶାଇ ସେଥିରେ ପାଦକୁ ସଫା କରି ଜୋତା ବ୍ୟବହାର କରିବା ଦ୍ୱାରା ଦୁର୍ଗନ୍ଧ ସମସ୍ୟା ହୋଇନଥାଏ । ସାବୁନ ବ୍ୟବହାର:- ଦୈନନ୍ଦିନ ବିଦ୍ୟାଳୟ କିମ୍ବା କାର୍ଯ୍ୟାଳୟରୁ ଫେରିବା ପରେ ସାବୁନରେ ପାଦଧୋଇବା ଆବଶ୍ୟକ । ଏହାଦ୍ୱାରା ପାଦର ଜୀବାଣୁ ନଷ୍ଟ ହେବା ସହ ଦୁର୍ଗନ୍ଧ ହୋଇନଥାଏ ।



## ଗୃହିଣୀ ଜାଣନ୍ତୁ

ପୋଷାକରୁ ଲିପ୍ ଷ୍ଟିକ୍ ଦାଗ ଦୂରକରିବା ପାଇଁ ହେୟାରସ୍ପ୍ରେ ବ୍ୟବହାର କରନ୍ତୁ ।

ୱାସିଂ ମେସିନରେ ଜିନସ୍ ସଫା କଲା ବେଳେ ପାଣିରେ ଅଧ କପ୍ ଧଳା ଭିନେଗାର ପକାନ୍ତୁ ।

ରେଡ ୱାଇନ ଦାଗ ଛଡ଼ାଇବା ପାଇଁ ହ୍ୱାଇଟ ୱାଇନ୍ ବ୍ୟବହାର କରନ୍ତୁ । ପୋଷାକରୁ ଝାଳ ଗନ୍ଧ ଯାଉ ନ ଥିଲେ, ଧୋଇବା ବେଳେ ପାଣିରେ ଏକ କପ୍ ଭୋଦକା ମିଶାଇ, କିଛି ସମୟ ବତୁରିବାକୁ ଦିଅନ୍ତୁ ।

ଖାଉଥିବା ବେଳେ ଅସାବଧାନନତା ଯୋଗୁଁ ହ୍ୟାଣ୍ଡ ବ୍ୟାଗରେ ତୈଳାକ୍ତ ମସଲାଯୁକ୍ତ ଖାଦ୍ୟ ପଡ଼ିଗଲେ, ବ୍ୟସ୍ତ ହୁଅନ୍ତୁନାହିଁ । ଟିସୁ ପେପରରେ ପୋଛି ଦିଅନ୍ତୁ । ଘରକୁ ଫେରିବା ପରେ ଖାଦ୍ୟ ପଡ଼ିଥିବା ଜାଗାରେ ବେବି ପ୍ୱାଉଡର ଛିଞ୍ଚିଦିଅନ୍ତୁ । ସକାଳୁ ଦାଗ ଛାଡ଼ିଯିବ । ନ ଛାଡ଼ିଲେ, ଆଉ ଥରେ ଦୁଇ ଥର ଛିଞ୍ଚିବାକୁ ପଡ଼େ ।

## ପ୍ରକୃତିର ଦାନ ଆଖୁ

ଖରାଦିନେ ଏବେ ଆଖୁରସ ପିଇବାର ମଜା ଅଲଗା ପ୍ରକାରର । ଏହା କେବଳ ପ୍ରବଳ ଗରମରୁ ରକ୍ଷା କରେ ନାହିଁ, ଏକାଧିକ ରୋଗରୁ ବି ସୁରକ୍ଷିତ ରଖିଥାଏ । ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ହୋଇଥିବା ଯୋଗୁଁ ଡାଇବେଟିସ୍ ରୋଗୀଙ୍କ ପାଇଁ ବି ଭଲ ।

କ୍ୟାଲସିୟମ୍, ମାଗ୍ନେସିୟମ୍, ପଟାସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍‌ରେ ଭରପୁର ଆଖୁରସ ଇଲେକ୍ଟ୍ରୋଲାଇଟ୍‌ସ ଏବଂ ପାଣିର ଅଭାବ ସହ ଡିହାଇଡ୍ରେସନ୍‌ରୁ ବି ରକ୍ଷାକରେ ।

ଏଥିରେ ଥିବା ଆଲଫା ହାଇଡ୍ରକ୍ସି ଏସିଡ୍ ଏବଂ ଗ୍ଲାଇକୋଲିକ୍ ଏସିଡ୍ ତ୍ୱଚା ପାଇଁ ଅମୃତ ସମାନ । ଏହା ବ୍ରଣ ଦୂର କରିବା ସହ ଦାଗ ଦୂର କରେ ତଥା ଏଜିଂ ପ୍ରକ୍ରିୟା ଧିମାଇ ଦିଏ । ତ୍ୱଚାକୁ ଏହା ଆର୍ଦ୍ର ରଖେ ।



କରିବାରେ ବି ଏହା ସହାୟକ ।

ଆଖୁରସ ଆଲ୍‌କାଲାଇନ୍ ପ୍ରକୃତିର ହେବା ସହ ଏକ ଆଣ୍ଟିବାୟୋଟିକ୍ ଏଜେଣ୍ଟ । ଏହା ଦାନ୍ତର ସୁରକ୍ଷା କରିବା ସହ ମୁଖଦୁର୍ଗନ୍ଧ ଦୂର କରେ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀର ଉପରେ ଶକ୍ତିଶାଳୀ ପ୍ରଭାବ ପକାଏ ଏବଂ ଫ୍ଲେବୋନ୍ କ୍ୟାନସର କୋଷଗୁଡ଼ିକ ବ୍ୟାପିବାକୁ ରୋକେ ।

ଆଖୁରସ ଶରୀରର ବିଲିରୁବିନ୍ ସ୍ତର ଠିକ୍ ରଖିବାରୁ ଲିଭର ସୁସ୍ଥ ରହେ । ତେଣୁ ଏହାକୁ ଆୟୁର୍ବେଦରେ ଜଣ୍ଡିସ୍ ଚିକିତ୍ସାରେ ବ୍ୟବହାର କରାଯାଇଛି । ଏଥିରେ ଗ୍ଲୋକୋଜ୍ ଅଧିକ ପରିମାଣରେ ଥିବାରୁ ଏହା ଏକ ଭଲ ଏନର୍ଜି ଡ୍ରିଙ୍କ । ଶରୀରକୁ ଶକ୍ତି ଦେବା ସହିତ ପ୍ରବଳ ଗରମରୁ ସୁରକ୍ଷା ଦିଏ ।

## ସାପର ଜିଭ ଦୁଇଫାଳ କାହିଁକି



ସାପ ନାଁ ଶୁଣିଲେ ଦେହ ଶିହରିଯାଏ । ଗୋଟଏପଟେ ସାପ ବିଷାକ୍ତ ବୋଲି ସମସ୍ତେ ତାକୁ ଡରୁଥିବାବେଳେ ଅନ୍ୟପଟେ ହିନ୍ଦୁଧର୍ମରେ ଏହାକୁ ପୂଜା କରାଯାଏ । ତେବେ ଆସନ୍ତୁ ଜାଣିବା ଏହି ବିଷାକ୍ତ ସାପ ବିଷୟରେ କିଛି ଜଣାଅଜଣା କଥା । ବିଶେଷକରି ସାପର ଜିଭ ଦୁଇଫାଳ କାହିଁକି ?

ମହାକାବ୍ୟ ମହାଭାରତରେ କୁହାଯାଇଛି, ମହର୍ଷି କଶ୍ୟପଙ୍କର ୧୩ଜଣ ପତ୍ନୀ ଥିଲେ । ଜଣେ ପତ୍ନୀଙ୍କ ନାମ ଥିଲା କଦ୍ରୁ । ପୃଥିବୀରେ ଥିବା ସମସ୍ତ ନାଗ ପ୍ରଜାତି ଏହି କଦ୍ରୁଙ୍କ ସନ୍ତାନ । କଶ୍ୟପଙ୍କର ଆଉ ଜଣେ ପତ୍ନୀ ଥିଲେ ବିନତା । ମହାରାଜ ଗରୁଡ଼ ବିନତାଙ୍କ ପୁତ୍ର । ,କଦା କଦ୍ରୁ ଓ ବିନତା ଗୋଟିଏ ଘୋଡ଼ା ଦେଖିଲେ, ଘୋଡ଼ାର ରଙ୍ଗ ଥିଲା ଧଳା । ସେହି ଘୋଡ଼ା ଲଞ୍ଜର ରଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଆରମ୍ଭ ହେଲା। କଦ୍ରୁଙ୍କ କହିବା କଥା -ଘୋଡ଼ଟି ଧଳା, ମାତ୍ର ତା ଲାଞ୍ଜ କଳା । କିନ୍ତୁ ବିନତାଙ୍କ ମତରେ ଘୋଡ଼ା ଧଳା ଓ ଲାଞ୍ଜ ବି ଧଳା । ଏହାକୁ ନେଇ ଆରମ୍ଭ ହେଲା ବିବାଦ । ଆଉ ଉଭୟଙ୍କ ମଧ୍ୟରେ ଲାଗିଲା ସର୍ତ୍ତ । ସର୍ତ୍ତ ଜିତିବା ପାଇଁ କଦ୍ରୁ ନିଜ ସମସ୍ତ ପୁତ୍ରଙ୍କୁ କହିଲେ- ଛୋଟ ହେବା ସହ ଘୋଡ଼ା ଲାଞ୍ଜରେ ଲାଗିଲେ ଲାଞ୍ଜ କଳା ଦେଖାଯିବ । ସାପମାନେ ଘୋଡ଼ା ଲାଞ୍ଜରେ ଗଡ଼ାଇହେବା ଦ୍ୱାରା ଧଳା ଲାଞ୍ଜ କଳାଦେଖାଗଲା । ଏପରି ଭାବରେ କଦ୍ରୁ ବିନତାଙ୍କଠାରୁ ସର୍ତ୍ତ ଜିତିଗଲେ । ସର୍ତ୍ତ ହାରିବା ପରେ ବିନତାଙ୍କୁ ଦାସୀ ହେବାକୁ ପଡ଼ିଲା । ଏହା ଦେଖି ଗରୁଡ଼ ଖୁବ୍ ଦୁଃଖୀ ହେବାସହ କଦ୍ରୁ ଓ ତାଙ୍କ ପୁତ୍ରମାନଙ୍କୁ ବିନତି କରି କହିଲେ କିଛି ବି ନିଅ, ମୋ ମାତାଙ୍କୁ ମୁକ୍ତ କର । ସେତବେଳେ ମାତା କଦ୍ରୁ ଓ ତାଙ୍କ ପୁତ୍ରମାନେ ସ୍ୱର୍ଗରୁ ଅମୃତ ଆଣିବା ପାଇଁ କହିଲେ । ଆଉ ଗରୁଡ଼ ମାତାଙ୍କୁ ଦାସତ୍ୱରୁ ମୁକ୍ତ କରିବାପାଇଁ ଅମୃତ ଆଣି କୁଶାରେ ରଖିଦେଲେ । କୁଶା ହେଉଛି ଧାର ଥିବା ଘାସ । ଅମୃତ ନେବା ପୂର୍ବରୁ କଦ୍ରୁଙ୍କ ପୁଅମାନେ ସ୍ନାନ କରିବାକୁ ଚାଲିଗଲେ । ଏହି ସମୟରେ ଇନ୍ଦ୍ର ଆସି ଅମୃତ ନେଇ ସ୍ୱର୍ଗକୁ ଚାଲିଗଲେ । ଏହା ଦେଖି କଦ୍ରୁଙ୍କ ପୁଅମାନେ ବିଚଳିତ ହୋଇପଡ଼ିଲେ । ଆଉ ଘାସ ଉପରେ କିଛି ଅମୃତ ପଡ଼ଇଥିବ ବୋଲି ଭାବି ଘାସକୁ ଚାଟିବାରେ ଲାଗିଲେ । ଘାସ ଧାରୁଆ ହୋଇଥିବାରୁ ସାପଙ୍କ ଜିଭ କଟି ଦୁଇଫାଳ ହୋଇଗଲା । ସେବେଠାରୁ ସାପ ବହଶର ଜିଭ ଦୁଇଫାଳ ହୋଇ ରହିଲା ।

## ସ୍ମାର୍ଟଫୋନର ୫ସ୍ମାର୍ଟ ବ୍ୟବହାର

**ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ସବୁ କାମ ସ୍ମାର୍ଟଫୋନରେ ହୋଇପାରୁଛି । ତେବେ ଏଭଳି କିଛି ସ୍ମାର୍ଟ ଉପାୟ ରହିଛି । ଯାହାକୁ ବ୍ୟବହାର କରିବା ଦ୍ୱାରା ଦୈନନ୍ଦିନ କାର୍ଯ୍ୟ ଖୁବ୍ ସହଜସାଧ ହୋଇଥାଏ ।**



ଡୁ ନଟ୍ ଡିସଟର୍ବ:- ଘରେ ଥିବା ସମୟରେ ବ୍ୟସ୍ତ ଥିଲେ, ସିନେମା ହଲରେ ପୁସ୍ତକାଳୟରେ ଫୋନକୁ ଡୁ ନଟ୍ ଡିସଟର୍ବରେ ରଖନ୍ତୁ । ଏହାକୁ ରଖିବାକୁ ହେଲେ ଫୋନ୍ର ସେଟିଙ୍ଗକୁ ଯାଇ ସାଉଣ୍ଡ ଫିଚରରେ ଥିବା ଡୁନଟ୍ ଡିସଟର୍ବ ଅପସନରେ କ୍ଲିକ୍ କରିବା ଦ୍ୱାରା ଏହା ଚାଲୁ ହୋଇଯା, । ଏହା ସାହାଯ୍ୟରେ ଗୁଗୁଲ ମ୍ୟାପ୍ସ ଓ ଗଜୁଗୁଲ କ୍ୟାଲେଣ୍ଡର ମଧ୍ୟ ବ୍ୟବହାର କରାଯାଇପାରିବ । ଘରେ ଫୋନ୍ ଅନଲକ୍ ରଖନ୍ତୁ:- ଯଦି ଆପଣ ଚାହାନ୍ତି ଘରେ ରହିବା ସମୟରେ ଫୋନ୍ ଅନଲକରେ ରହୁ ତେବେ ଫୋନ୍ର ସେଟିଙ୍ଗରେ ସିକ୍ୟୁରିଟି ଓ ଲୋକେସନ ଯାଇ ସ୍ମାର୍ଟଲକ କରନ୍ତୁ । ଟ୍ରଷ୍ଟେଡ୍ ପ୍ଲେସର ସେଟ୍ଂିଗ କରାଯାଏ ଓ ଲୋକେସନ ଦିଆଯାଇଥାଏ । ଏହାଦ୍ୱାରା ଘରେ ରହିଲେ ଫୋନ ଅନଲକ୍ ରହିବ । ଫଟୋ ବ୍ରେକଅପ୍:- ଫଟୋକୁ ନେଇ ବହୁ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡ଼େ । ଆଇଫୋନ୍ ଓ ଆଣ୍ଡରଏଡ୍ ଫୋନରେ ଗୁଗୁଲ ଫୋଟଜ ଆପ ରହିଥାଏ । ଯାହାଫଳରେ ସମସ୍ତ ଫଟୋକୁ କ୍ଲାଉଡରରେ ସେଭ କରି ରଖାଯାଇପାରିବ । ଥିନିମନ୍ତେ ଗୁଗୁଲ ଫଟୋଜ କ୍ଲାଉଡର ସେଭ କରି ରଖାଯାଇପାରିବ । ଏଥିନିମନ୍ତେ ଗୁଗୁଲ ଫଟୋଜ ଆପରେ ଫଟୋ ବ୍ରେକଅପ୍ ବଟନ ଅନ କରିବାକୁ ପଡ଼ିଥାଏ । ଫଳରେ ଗୁଗୁଲ କ୍ଲାଉଡର ୧୫ଜିବି ଡାଟା ଗଚ୍ଛିତ କରିରଖାଯାଇପାରିବ । ,ଥିରେ ୨ଡଲାର ଖର୍ଚ୍ଚ କରି ଷ୍ଟୋରେଜ କ୍ୟାପସିଟିକୁ କଣାଯାଇପାରିବ । ଗୁଗୁଲ ଫଟୋଜ ଛଡ଼ା ଆଇଫୋନରେ ଆଇ କ୍ଲାଉଡ୍ ଫଟୋ ଲାଇବ୍ରେରୀ ମଧ ବ୍ୟବହାର କରାଯାଇପାରିବ । ଅଟୋମେଟିକ୍ ରିପ୍ଲାଏ ।:- ଗାଡି ଚାଳନା ସମୟରେ ଫୋନ୍ କଲ ହେଉ ଅବା ମେସେଜ ସେଥିରେ ରିପ୍ଲାଏ ଦେବାବେଳେ ଜରୁରୀ ହୋଇଥାଏ । ତେଣୁ ଗାଡ଼ି ଚଳନା ସମୟରେ ହୁଏ ତ ଡୁ ନଟ୍ ଡିସଯର୍ବକୁ ଚାଲୁ ରଖାଯାଏ କିମ୍ବା ଆଣ୍ଡରଏଡ୍ ଫୋନ୍‌ରେ ଆଣ୍ଡରଏଡ ଅଟୋ ପ୍ଲେ ଷ୍ଟୋରରୁ ଡାଉନଲୋଡ କରି ଅଟୋ ଲଞ୍ଚ ଅନ୍ କରିବାକୁ ପଡ଼ଇଥାଏ । ସମୟ ଉପଯୋଗର ବିବରଣୀ:- ସ୍ମାର୍ଟଫୋନ୍ର କେଉଁଠାରେ କେତେ ସମୟ ଅପଚୟ ହେଲା ତାହା ମଧ ଜଣାପଡ଼ିଥାଏ । ଆଇଏଫଟିଟି ଅପ୍ ଡାଉନଲୋଡ କରିବାକୁ ପଡ଼େ ଏହା ସହ ଏଥିରେ ସେଟିଙ୍ଗ ଅନୁଯାୟୀ ବିବରଣୀ ଦେବାକୁ ପଡ଼ିଥାଏ । ଏହା ଦ୍ୱାରା କେଉଁଠି କେତେ ସମୟ ଅତିବାହିତ ହେଲା ଜଣାପଡ଼ିଥାଏ ।

## ଘରୋଇ ହ୍ୟାଣ୍ଡୱାଶ୍

ଗାଧେଇବା ସାବୁନ ପତଳା ହୋଇଗଲେ ଏହାକୁ ନଫୋପାଡ଼ି ଏବେ ଏହି ଛୋଟ ଛୋଟ ସାବୁନ ଖଣ୍ଡକୁ କରନ୍ତୁ ପୁନଃବ୍ୟବହାର । ଏହି ସାବୁନ ହିଁ ହ୍ୟାଣ୍ଡୱାଶ୍ କାର୍ଯ୍ୟ କରିପାରିବ । ଘାରେ ହ୍ୟାଣ୍ଡୱାଶ୍ ପ୍ରସ୍ତୁତ କରିବା ପାଇଁ ଅନ୍ୟ କୌଣସି ଜିନିଷର ଆବଶ୍ୟକତା ପଡ଼ିବ ନାହିଁ ।

ତେବେ ଜାଣନ୍ତୁ ବଜାରରେ ବିକ୍ରି ହେଉ ଥିବା ଦାମୀ ହ୍ୟାଣ୍ଡୱାଶ୍ କିପରି ପ୍ରସ୍ତୁତ କରିବେ ।

ଏଥିପାଇଁ ବ୍ୟବହୃତ ଏକ ଛୋଟ ସାବୁନ ଖଣ୍ଡ, ଗୋଟିଏ ଗ୍ଲାସ ଗରମପାଣି ଏବଂ ଗୋଟିଏ ଠିପି ଡେଟଲ ଆବଶ୍ୟକ ହୋଇଥାଏ ।

ପ୍ରସ୍ତୁତି :- ପ୍ରଥମେ ସାବୁନକୁ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ । ଏହାପରେ କଟା ସାବୁନ ଅଳ୍ପ ପାଣି ଦେଇ ଏହାକୁ ଗ୍ରାଇଣ୍ଡିଂ କରନ୍ତୁ । ଧ୍ୟାନ ରଖନ୍ତୁ, ଯେପରି ଆପଣ ପ୍ରସ୍ତୁତ କରୁଥିବା ମିଶ୍ରଣ ପାଣିଚିଆ ନହୁଏ ଏହାକୁ ବହଳିଆ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ । ପେଷ୍ଟ ପ୍ରସ୍ତୁତ ହୋଇଗଲେ ସେଥିରେ ଗୋଟିଏ ଗ୍ଲାସ ଗରମ ପାଣି ଏବଂ ଗୋଟିଏ ଠିପି ଡେଟଲ ମିଶାନ୍ତୁ । ଏହାପରେ ସେହି ମିଶ୍ରଣକୁ ଭଲ



ଭାବରେ ଗୋଳାନ୍ତୁ ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ହ୍ୟାଣ୍ଡୱାଶ୍ । ଏହାକୁ ଏକ ବୋତଲରେ ସଂରକ୍ଷିତ କରି ରଖିପାରିବେ । ଏହିପରି ଭାବରେ ଆପଣ ୫୦୦ମିଲିଲିଟର ଯାଏ ହ୍ୟାଣ୍ଡୱାଶ୍ ପ୍ରସ୍ତୁତ କରିପାରିବେ । ଗାଧେଇବା ସାବୁନରେ ଡେଟଲର ମାତ୍ରା ଥିବା ହେତୁ ଏହାର ଗୁଣାତ୍ମକ



କାର୍ଯ୍ୟ ମଧ ଭଲ ରହିଥାଏ । ଯଦି ଘରେ ସାବୁନ ଛୋଟ ଖଣ୍ଡ ନାହିଁ, ତେବେ ୧୦ ଟଙ୍କିଆ ଗାଧୁଆ ସାବୁନରେ ମଧ ଏହି ହ୍ୟାଣ୍ଡୱାଶ୍ ପ୍ରସ୍ତୁତ କରାଯାଇପାରିବ । ଭଲ କ୍ୱାଲିଟି ହ୍ୟାଣ୍ଡୱାଶ୍ ପାଇଁ ଦାମୀ ସାବୁଦ ବ୍ୟବହାର କରିପାରିବେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୭ ମଇ ୨୦୨୨, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ କୌଶଳରେ ପ୍ରଶାନ୍ତ କିଶୋର ...

ଭାରତୀୟ ରାଜନୀତିରେ ସଦାବେଳେ କିଛି ନା କିଛି ନୂଆ ପରୀକ୍ଷାନିରୀକ୍ଷା ଚାଲିଥାଏ । ସେଥିରୁ କେତେବେଳେ ଇପ୍ସିତ ସୁଫଳ ମିଳେ ତ ଆଉ କେତେବେଳେ ସେଭଳି ଅଭିନବ ପରୀକ୍ଷଣ ବିଫଳ ହୋଇଥାଏ । ଗତ ପ୍ରାୟ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଜଣେ ସଫଳ ନିର୍ବାଚନ ରଣନୀତି ବିଶାରଦ ଭାବେ ସୁଖ୍ୟାତି ଅର୍ଜନ କରିଥିବା ପ୍ରଶାନ୍ତ କିଶୋର ଏବେ ପ୍ରତ୍ୟକ୍ଷ ରାଜନୀତିକୁ ଧୀରେ ଧୀରେ ପାଦ ବଢ଼ାଇବା ପରି ପ୍ରତୀୟମାନ ହୁଏ । ତେବେ ନିଜର ଅଭିପ୍ରାୟକୁ ସ୍ପଷ୍ଟ ନକରି ସେ ନିଜ ରାଜ୍ୟ ବିହାରରେ 'ଜନ ସୁରାଜ' ସନ୍ଧାନରେ ଆଗାମୀ ଅକ୍ଟୋବର ୨ ତାରିଖ ଠାରୁ ଦୀର୍ଘ ପଦଯାତ୍ରାରେ ବାହାରିବେ ବୋଲି ଘୋଷଣା କରିଛନ୍ତି । ଏହି ପଦଯାତ୍ରା ପ୍ରାୟ ଆଠରୁ ଦଶ ମାସ ପର୍ଯ୍ୟନ୍ତ ଜାରି ରହିବ ଏବଂ ପ୍ରଶାନ୍ତ କିଶୋର ରାଜ୍ୟର ୩୦୦ କିଲୋମିଟର ଗସ୍ତ କରିବେ । ଏହି ପଦଯାତ୍ରା ଅବସରରେ ସେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ଭେଟି ସେମାନଙ୍କ ସହ ପ୍ରତ୍ୟକ୍ଷ ଭାବେ ବାର୍ତ୍ତାଳାପ କରିବେ, ଯାହାକି ରାଜ୍ୟ ଶାସନ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିପାରେ ବୋଲି ସେ ସୂଚନା ଦେଇଛନ୍ତି । ତାଙ୍କ ସହ ଆଲୋଚନା ପରେ ଲୋକମାନେ ଯଦି ଏକ ନୂଆ ରାଜନୈତିକ ଦଳ ଗଢ଼ନ୍ତି ତେବେ ସେଥିରେ ସେ ଅବଶ୍ୟ ସାମିଲ ହେବେ ବୋଲି ସ୍ପଷ୍ଟ କରିଛନ୍ତି । ଅକ୍ଟୋବର ଦୁଇ ତାରିଖକୁ ଆଉ ପ୍ରାୟ ପାଞ୍ଚମାସ ବାକି ଅଛି । ଏହି ପାଞ୍ଚ ମାସ ଭିତରେ ପ୍ରଶାନ୍ତ କିଶୋରଙ୍କ କାର୍ଯ୍ୟକଳାପ କ'ଣ ହେବ ତାହା ଲକ୍ଷ୍ୟ କରିବା କଥା । ପ୍ରଶାନ୍ତ କିଶୋରଙ୍କ ନିର୍ବାଚନ ରଣନୀତି ଓ ଆକଳନକୁ ଊଣା ଅଧିକେ ସବୁ ରାଜନୈତିକ ଦଳ ମାନିଥାନ୍ତି । କାରଣ ତାହା ପଛରେ ତାଙ୍କର ଗଭୀର ଚିନ୍ତନ ଓ ଅନୁଶୀଳ ଥାଏ । ସେଥିପାଇଁ ନିକଟରେ କଂଗ୍ରେସ ତାଙ୍କୁ ନିଜ ଦଳରେ ସାମିଲ କରିବାକୁ ଖୋଲା ପ୍ରସ୍ତାବ ଦେଇଥିଲା ଯାହା ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏକାଧିକ ରାଜନୈତିକ ଦଳଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିଥିବା ଏହି ଚାଣକ୍ୟ ଏବେ 'ପ୍ରକୃତ ମାଷ୍ଟର (ଜନତା)ଙ୍କ ପାଖକୁ ଯିବା' ବୋଲି ଘୋଷଣା କରିବା ପଛରେ କି ରହସ୍ୟ ରହିଛି ତାହା ବିଶ୍ଳେଷଣ ସାପେକ୍ଷ । ବିହାର ତାଙ୍କର ନିଜ ରାଜ୍ୟ । ବିହାରରେ ସେ ଉଭୟ ଲାଲୁ ପ୍ରସାଦ ଯାଦବ ଏବଂ ନିତିଶ କୁମାରଙ୍କ ପାଇଁ ବିଜୟର ରଣନୀତି ବିଶାରଦ ଦାୟିତ୍ୱ ସଂପାଦନ କରିଛନ୍ତି । ଏବେ ଯଦି ସେ ବିହାରରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇବାକୁ ଚାହୁଁଥାନ୍ତି ତେବେ ତାଙ୍କ ମନରେ ନିଶ୍ଚୟ ଏକ ସୁଦୀର୍ଘ ଯୋଜନା ରହିଛି । ଲାଲୁ ଯାଦବ ଏବଂ ନିତିଶ କୁମାର ଏବେ ବିହାର ରାଜନୀତିରେ ଦନ୍ତହୀନ ବୃଦ୍ଧ ସିଂହ ପାଲଟି ସାରିଛନ୍ତି । ଗତ ନିର୍ବାଚନର ବିଶ୍ଳେଷଣ ଅନୁସାରେ ସେ ରାଜ୍ୟରେ ଆରଜେଡି ହାତରେ ୩୫ ପ୍ରତିଶତ ସମର୍ଥନ ରହିଥିବାବେଳେ ଜେଡିୟୁ ହାତରେ ମାତ୍ର ୧୫ ପ୍ରତିଶତ ଜନସମର୍ଥନ ରହିଛି । ବିଜେପି ହାତରେ ୩୫ ଏବଂ କଂଗ୍ରେସ ପାଖରେ ଅବଶିଷ୍ଟ ୧୫ ପ୍ରତିଶତ ଭୋଟ ସମର୍ଥନ ରହିଛି । ଏହି ମନ୍ଥନ କରି ପ୍ରଶାନ୍ତ କିଶୋର ତାଙ୍କର ହୁଏତ ଆଗାମୀ ଗୋଟିଚାଳନା କରିବାକୁ ଚାହୁଁଥାଇ ପାରନ୍ତି । ଏବେ ତାଙ୍କୁ ମାତ୍ର ୪୫ ବର୍ଷ ବୟସ । ତେଣୁ ଏବେଠାରୁ ପ୍ରୟାସ କଲେ ୨୦୨୫ ମସିହାରେ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସେ ହୁଏତ କିଛି ଚମତ୍କାର ପ୍ରଦର୍ଶନ କରିପାରନ୍ତି । ତାଙ୍କରି କାନଫୁଙ୍କାକୁ ପାଥେୟ କରି ଆମ୍ ଆଦମୀ ପାର୍ଟି ଠାରୁ ଆରମ୍ଭ କରି ଜଗନମୋହନ ରେଡ୍ଡୀ ଏବଂ ଏମ.କେ.ଷ୍ଟାଲିନ ପର୍ଯ୍ୟନ୍ତ କ୍ଷମତା କୁର୍ସିର ନିକଟତର ହୋଇଛନ୍ତି । ସଂଗ୍ରେସ ଠାରୁ ବିଜେପି ପର୍ଯ୍ୟନ୍ତ ସଭିଏଁ ତାଙ୍କ ପରାମର୍ଶରେ ଧାରୁଆ । ତେଣୁ ନିର୍ବାଚନ ରଣନୀତି ଚିନ୍ତନ ଛାଡ଼ିବାକୁ ସେ ଘୋଷଣା କରିବା ସ୍ୱାଭାବିକ । ଏକଥା ସ୍ୱୀକାର୍ଯ୍ୟ ଯେ, ପ୍ରଶାନ୍ତ କିଶୋରଙ୍କ ଭଳି ବିଚକ୍ଷଣ ଚିନ୍ତକ ରାଜନୀତିରେ ରହିବା ଆବଶ୍ୟକ । ଦେଶର ରାଜନୀତି ଧୀରେ ଧୀରେ ଯେଉଁଭଳି ଭାବେ କଳୁଷିତ ହେବାରେ ଲାଗିଛି ସେଥିରେ ପ୍ରଶାନ୍ତ କିଶୋରଙ୍କ ପରି ବିଶାରଦ ବେଶ୍ ସଂସ୍କାର ଆଣିପାରିବେ । ତେବେ ସବୁକିଛି ନିର୍ଭର କରୁଛି ତାଙ୍କର ପଦଯାତ୍ରା ଉପରେ । ଦେଶ ହେଉ କିମ୍ବା ରାଜ୍ୟ। ଲୋକମାନଙ୍କୁ ଜାଣିବା ଏବଂ ସମାଜର ବାସ୍ତବ ସ୍ୱରୂପକୁ ଚିହ୍ନିବା ପାଇଁ ପଦଯାତ୍ରା ଏକ ବଳିଷ୍ଠ ମାଧ୍ୟମ । ସଭ୍ୟତା ଓ ସଂସ୍କୃତି, ସମାଜ ଓ ଜନସାଧାରଣଙ୍କୁ ଚିହ୍ନିବା ସକାଶେ ବୁଦ୍ଧଙ୍କ ଠାରୁ ଆରମ୍ଭ କରି ଶଙ୍କର, ବିବେକାନନ୍ଦ, ଗାନ୍ଧୀ ଆଦି ବ୍ୟକ୍ତିତ୍ୱ ପଦଯାତ୍ରା କରିଥିଲେ । ଆଧୁନିକ ରାଜନୀତିରେ ମଧ ଏହାର ବହୁଳ ଉଦାହରଣ ରହିଛି । ପ୍ରଶାନ୍ତ କିଶୋରଙ୍କ ପଦଯାତ୍ରାର ପରିଣାମ କେଉଁ ସ୍ୱରୂପ ଗ୍ରହଣ କରୁଛି ତାହା ଲକ୍ଷ୍ୟ କରିବା କଥା । ସମ୍ଭବତଃ ଏହା ଭାରତୀୟ ରାଜନୀତି ପାଇଁ ଏକ ଶୁଭ ସଂକେତ ।

## ତିନି ମାସରେ ଋଷ ୟୁକ୍ରେନ ଯୁଦ୍ଧ!



ଡାଃ ସୁରେନ୍ଦ୍ର ନାଥ ଦାଶ

ଚାହୁଁ ଚାହୁଁ ଋଷ ୟୁକ୍ରେନ ଯୁଦ୍ଧ ଦୁଇମାସ ସରି ତୃତୀୟ ମାସରେ ପ୍ରଦାର୍ପଣ କଲା । ଯୁଦ୍ଧ ସରିବାର ନାଁ ଗନ୍ଧ ଜଣା ଯାଉନି । ଫେବୃୟାରୀ ୨୪ ତାରିଖ ଦିନ ବିଶ୍ୱର ଅନ୍ୟତମ ମହାଶକ୍ତି ଋଷିଆ ଯେଉଁ ଦମ ଦେଖାଇ ଅନାୟସରେ କ୍ଷୁଦ୍ର ଦେଶ ୟୁକ୍ରେନକୁ କବଜାକୁ ନେବ ବୋଲି ଦମ୍ଭ ଦେଖାଉଥିଲା, ତାହା ପାଣିଫଟକା ପରି ମିଳାଇ ଯାଇଛି । ଆଜି ମେ ଛଅ ତାରିଖ ଦିନକୁ ଯୁଦ୍ଧ ଆରମ୍ଭ ହୋଇ ୭୦ ଦିନ ହୋଇଗଲାଣି । ଉଭୟ ପକ୍ଷ ଥକି ପଡିଲେଣି । ହଜାର ହଜାର ସୈନ୍ୟ ମରିଲେଣି । ବିଭବଶାଳୀ ଦେଶ ୟୁକ୍ରେନ ସଂପୂର୍ଣ୍ଣ ଧ୍ୱଂସ ସ୍ତୁପରେ ପରିଣତ ହେଲାଣି । ଘର ଦ୍ୱାର, ବଜାର, କଳକାରଖାନ, ବନ୍ଦର, ରେଳ ଷ୍ଟେସନ, ଶସ୍ୟ କ୍ଷେତ୍ର, ଶିକ୍ଷାନୁଷ୍ଠାନ, ଆଣବିକ କେନ୍ଦ୍ର ସବୁ ଧ୍ୱଂସ ହେଲାଣି । ୫.୫ ମିଲିଅନ ଲୋକ ଦେଶ ଛାଡି ଶରଣାର୍ଥୀ ହୋଇ ଅନ୍ୟ ଦେଶ ରେ ରହୁଚନ୍ତି । ତଥାପି ଉଭୟ ନିଜ ଯିଦ ରେ ଅଟଳ । ୧୯୯୧ ପୂର୍ବରୁ ଋଷିଆ ସହ ଅନ୍ୟ ୧୪ ଟି ରାଷ୍ଟ୍ର ମିଶି ୟୁ.ଏସ.ଏସ.ଆର.ବା ସୋଭିଏତ ସାମ୍ୟବାଦୀ ରାଷ୍ଟ୍ରସଂଘ ଗଠିତ ହୋଇଥିଲା । ଏମାନେ କମ୍ୟୁନିଷ୍ଟ ଦଳ ଦ୍ୱାରା କଠୋର ନୀତିରେ ଶାସିତ ହେଉଥିଲେ । ଦ୍ୱିତୀୟ ମହାଯୁଦ୍ଧ ବେଳେ ୟୁକ୍ରେନର ରାଜଧାନ କିଭରେ ନାଜୀମାନଙ୍କ ଆକ୍ରମଣରେ୬୦ ଲକ୍ଷଲୋକ ନିହତ ହୋଇଥିଲେ । ୪ ବର୍ଷ ଧରି ଏହା ନାଜୀମାନଙ୍କ ଅଧିନରେ ରହିଲା ଅନେକ କଷ୍ଟ ସହି ଋଷିଆ ଓ ୟୁକେନ କାନ୍ଧ ମିଶାଇ ଲଢେଇ କରି ନାଜୀ ମାନଙ୍କୁ ପରାସ୍ତ କରି ତଡି ଦେଲେ । ୟୁକ୍ରେନକୁ ଏସିଆର ଶସ୍ୟ ଭଣ୍ଡାର କୁହାଯାଏ । ଏହାର ଉର୍ବର ମାଟିରେ ପ୍ରଚୁର ଗହମ ଓ କପା ଉତ୍ପନ ହୁଏ । କୃଷ୍ଣ ସାଗର କୂଳରେ ଅନେକ ତୈଳ ଖଣିଅଛି । ଏହା ଋଷିଆର ସବୁଠାରୁ ଶିଳ୍ପ ସମୃଦ୍ଧ ରାଜ୍ୟ ଥିଲା । ବୃହତ୍ତମ ଆଣବିକ କେନ୍ଦ୍ର ଚେର୍ନୋବିଲ ଏହି ଦେଶ ରେ । ୧୯୯୧ ମସିହାରେ ସୋଭିଏତ ୟୁନିଅନର ବିଲୟ ଘଟିଲା । ସମସ୍ତ ୧୪ ଟି ଦେଶ ଋଷିଆରୁ ପୃଥକ ହୋଇ ସ୍ୱାଧିନ ହେଲେ । ନିଜର ପ୍ରତିପତ୍ତି ରକ୍ଷା ପାଇଁ ଋଷିଆ ଦେଶ ମାନଙ୍କୁ ଏକାଠି କରି ସି, ଆଇ.ଏସ. **(Common Independent States)** ନାମକ ଫେଡେରେସନ ପତିଷ୍ଠା କରିଥିଲା । ମାତ୍ର ବେଲାରସ ବ୍ୟତିତ ସମସ୍ତେ ସଂଘରୁ ଓହରି ୟୁରୋପୀୟ ୟୁନିଅନ ଓ ଆମେରିକା ନେତୃତ୍ୱରେ ଥିବା ନାଟୋ ସାମରିକ ମେଣ୍ଟର ସଦସ୍ୟ ହୋଇଗଲେ । ନାଟୋର ପ୍ରତିଦ୍ୱନ୍ଦୀ ଋଷ ଅଧିନରେ ଥିବା ୱାରସା ମେଣ୍ଟର ବିଲୟ ଘଟିଲା । ମହାଶକ୍ତି ରୂପେ ଋଷିଆର ଯେଉଁ ଦମଥିଲା ତାହା ଧୂଳିସାତ ହୋଇଗଲା । ଏହି ପତନ ପଛରେ ଯେ ଆମେରିକା ଓ ତାର ବନ୍ଧୁମାନେ ଯେ ଅଛନ୍ତି ତାହା ଋଷିଆ ଭାବିନେଲା । ୟୁକ୍ରେନ ଯେତେବେଳେ ଆମେରିକା ଆଡକୁ ମୁହାଁଇଲା ଓ ନାଟୋ ତଥା ୟୁରୋପୀୟ ୟୁନିଅନର ସଦସ୍ୟ ହେବା ଇଛା ପ୍ରକାଶ କଲା, ଋଷ ବାଧା ଦବାକୁ ଚେଷ୍ଟା କଲା । ଋଷିଆ ଜାଣିଥିଲା ତାର ଏକମାତ୍ର ଉଷ୍ମ ଜଳ ପୋତାଶ୍ରୟ **(Worm Water Port)** କୃଷ୍ଣ ସାଗରରେ ରହିଚି । ୟୁକ୍ରେନ ହାତଛଡା ହେଲେ ଆମେରିକା ଯେକୌଣସି ସମୟରେ ଜଳପଥ ବନ୍ଦ କରିପାରେ । ଆମେରିକା ସମର୍ଥିତ ତୁର୍କୀ ତା ଦେଶ ଦେଇ ଯିବା ପାଇଁ ଋଷିଆ ଉପରେ ନାନା ପ୍ରତିବନ୍ଧକ ଲଗାଇଛି (ବସଫରସ ଓଦାର୍ଦାନାଲିସ ପ୍ରଣାଳୀ) । ସେଥିପାଇଁ ଋଷିଆ ନିଜ ସମର୍ଥିତ ବ୍ୟକ୍ତି କୁୟୁକ୍ରେନରେ କ୍ଷମତାରେ ନାନା ଫନ୍ଦି କରି ବସାଇଲା । ମାତ୍ର ନିର୍ବାଚନରେ ବିରୋଧି ପାର୍ଥୀଙ୍କ ମୃତ୍ୟୁ ଓ ତାହା ବିଷ ପୟୋଗ ଋଷିଆ ଦ୍ୱାରା ହୋଇଛି ବୋଲି ଜଣା ପଡିବାରୁ, ଦେଶରେ ଋଷ ସମର୍ଥିତ ପ୍ରାର୍ଥୀଙ୍କ ବିରୋଧରେ ଅନେକ ଆନ୍ଦୋଳନ ହେଲା **(Orange, Uro Maiden, Dignity Revolution)** ପ୍ରେସିଡେଣ୍ଟ ଦେଶ ଛାଡି ପଳାଇଲେ । ୟୁକ୍ରେନର ଏହି ଘଟଣା ଋଷିଆକୁ କ୍ଷୁବ୍ଧ କଲା । ୟୁକ୍ରେନ ଋଷ ବିରୋଧି ୟୁରୋପୀୟ ୟୁନିଅନ ଓ ନାଟୋ ସାମରିକ ମେଣ୍ଟର ସଦସ୍ୟ ହେବ ବୋଲି ତା ପାର୍ଲିଆମେଣ୍ଟରେ ପ୍ରସ୍ତାବ ଗୃହିତହେଲା । ପ୍ରତିଶୋଧ ନେବାକୁ ୨୦୧୪ ମସିହାରେ ଋଷିଆ କୃଷ୍ଣସାଗର କୂଳର କ୍ରିମିଆ ଉପଦ୍ୱୀପକୁ ଅଧିକାର କରିନେଲା । ୟୁକ୍ରେନକୁ ଗ୍ୟାସ ଯୋଗାଣ ବନ୍ଦ କରିଦେଲା । ୟୁକ୍ରେନର ଦୁଇଟି ପ୍ରଦେଶ ଡାନାବେସ ଓ ସାଭୋଲାକରେ ଲୋକଙ୍କୁ ମତେଇ ବିଦ୍ରୋହ ଆରମ୍ଭ କରି ସମାନ୍ତରାଳ ଋଷ ସମର୍ଥକ ସରକାର ଗଠନ କରାଇଲା । ନାଟୋର ସଦସ୍ୟ ହେଲେ ଚରମ ପରିଣତି ହେବ ବୋଲି କହି ହଟାତ ୟୁକ୍ରେନ ସୀମାନ୍ତକୁ ସୈନ୍ୟ ପଠାଇ ଘେରାଉ କରିଦେଲା । ଫେବୃୟାରୀ ୨୪ ତାରିଖ ଦିନ ଆକ୍ରମଣ ଆରମ୍ଭ ହେଲା । ଚାରିଟି ଦିଗରୁ ଋଷ ସେନା ୟୁକ୍ରେନରେ ପ୍ରବେଶ କଲେ । ଉତ୍ତର ଦିଗରୁ ବେଲାରସ ବାଟେ ପଶି ଖୁବ ଶୀଘ୍ର ରାଜଧାନୀ କିଭ, ଅକ୍ତିଆର କରି ଯୁଦ୍ଧର ପରିସମାପ୍ତି ଘଟାଇବା ତାର ଲକ୍ଷ୍ୟ ଥିଲା । ଋଷ ର ବିଶାଳ ଶକ୍ତିଶାଳୀ ସେନା ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ନିକଟରେ ଦୁର୍ବଳ ୟୁକ୍ରେନେ ଯେ ବେଶି ଦିନ ତିଷ୍ଠି ପାରିବ ନାହିଁ ସେ ବିଷୟରେ ଋଷ ନିଶ୍ଚିତ ଥିଲା । ୟୁକ୍ରେନକୁ ସାହାଯ୍ୟ କଲେ ବିଷମୟ ଫଳ ହେବ, ଦରକାର ହେଲେ ପରମାଣୁ ଅସ୍ତ୍ର ପ୍ରୟୋଗ କରି ତୃତୀୟ ବିଶ୍ୱଯୁଦ୍ଧ ଘଟାଇବ ବୋଲି ଋଷ କହିଲା । ରାଜଧାନୀ ସମେତ ଦେଶର ସବୁଆଡେ ବିମାନରୁ ବମ ପକାଗଲା । ଦୂରଗାମୀ କମାଣରୁ ଗୋଳା ବର୍ଷଣ ହେଲା । ଅନେକ ସହର, ଖାରକିଭ, ମାରିପୋଲ, ଚେରନୋବିଲ, ବୁଛା, ହେଷ୍ଟ୍ରାମେଲ, ମୁକେରାଲେନେ ଋଷ ଆକ୍ରମମଣରେ ବ୍ୟାପକ କ୍ଷତି ସହିଲେ । କେତେକ ସହର ଜନଶୂନ୍ୟ **Ghost City** ହୋଇଯାଇଛି ।ବନ୍ଦରନଗରୀ ମାରିପୋଲକୁ କବଜା କରିଚି ବୋଲି ଋଷ ଦାବି କରିଚି । ବୁଛା ଠାରେ ନିରୀହ ଲୋକଙ୍କ ଗଣହତ୍ୟା ହୋଇ ଯାଇଛି । ୬୦ କିମି ଲମ୍ବାରେ ଋଷ ସାମରିକ ଗାଡିମାନ ଆକ୍ରମଣ ପାଇଁ ବେଲାରସ ଯାତ୍ରାକରିଛନ୍ତି । ୟୁକ୍ରେନ ପ୍ରେସିଡେଣ୍ଟ ଜେଲେନସ୍କିଙ୍କୁ ହତ୍ୟା ପାଇଁ ଚେଷ୍ଟା କରାଗଲା । ଅନେକ କହିଲେ ସେ ଦେଶ ଛାଡି ପଳାଇଲେଣି । ଋଷ ସେନାରେ ଥିବା କିଛି ଯୁଦ୍ଧବିରୋଧି ବ୍ୟକ୍ତିଙ୍କ ସାହାଯ୍ୟରୁ ସେ ରକ୍ଷା ପାଉଛନ୍ତି । ସେ ଋଷକୁ ପ୍ରତିରୋଧ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ଲଢ଼ିବାକୁ ସଂକଳ୍ପ ନେଲେ । ୧୮ ରୁ ୬୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ନାଗରୀକ ସୈନ୍ୟ ବାହିନୀରେ ଯୋଗ ଦେବେ ବୋଲି ଆଦେଶ ଦେଲେ । ସାହାଯ୍ୟ ଓ ସମର୍ଥନ ପାଇଁ ବିଶ୍ୱବାସୀଙ୍କୁ ଅନୁରୋଧ କଲେ । ୟୁରୋପରେ ତାଙ୍କୁ ଅଦଭୁତ ପୂର୍ବ ସମର୍ଥନ ମିଳିଲା । ଯୁଦ୍ଧରେ ପ୍ରତ୍ୟକ୍ଷ ଯୋଗ ଦେଲେ ତୃତୀୟ ବିଶ୍ୱ ଯୁଦ୍ଧ ହୋଇଯିବ, ଏହି ଡରରେ ସେମାନେ ଚୁପ ରହିଲେ ମାତ୍ର ଅର୍ଥ ଓ ଅସ୍ତ୍ରଶସ୍ତ୍ର ପଠାଇଲେ । ନାଟୋ ପ୍ରତ୍ୟକ୍ଷ । ସାହାଯ୍ୟ କରିବାକୁ ଦାବିହେଲେ ମଧ୍ୟ ଆମେରିକା ପଛେଇଗଲା । ଅନେକ କହିଲେ, **Nato is Finished** । ଏହା ଏକ କାଗଜ ବାଘ କାମୁଡିବା କ୍ଷମତା ଆଦୌ ନାହିଁ । ଏ ନେଇ ଆମେରିକାର ଉଦାସିନତାରେ ତାର ୟୁରୋପୀୟ ବନ୍ଧୁ ମାନେ ମଧ୍ୟ କ୍ଷୁବ୍ଧ ହେଲେ । ପୋଲାଣ୍ଡ, ରୁମାନିଆ, ହଙ୍ଗେରି ଭଳି ଦେଶରେ ପ୍ରବଳ ସମର୍ଥନ ୟୁକ୍ରେନକୁ ମିଳିଲା । ଆମେରିକା ପ୍ରେସିଡେଣ୍ଟ ବିଡେନ ମଧ୍ୟ ବାଧ୍ୟ ହୋଇ ୟୁରୋପ ଆସି ସାହାଯ୍ୟ ପ୍ରତିଶୃତି ଦେଇଗଲେ । ପ୍ରେସିଡେଣ୍ଟ ଜେଲନେକସିଙ୍କୁ ଆଶ୍ୱାସନା ଓ ସାହାଯ୍ୟ ପ୍ରତିଶୃତି ଦେଇ ଗଲେ । ପ୍ରଥମ ପଦକ୍ଷେପ ସ୍ୱରୁପ ଋଷିଆ ଉପରେ ଆର୍ଥିକ କଟକଣା ଆରମ୍ଭ ହେଲାତାର ତେଲ ଆମଦାନୀ ନକରିବାକୁ, ତାକୁ ଖାଦ୍ୟଶସ୍ୟ ନବିକିବାକୁ, ଋଣ ନଦବାକୁ ଘୋଷଣା କରାଗଲା । ଅନେକ କମ୍ପାନୀ ଋଷିଆ ଛାଡି ଚାଲିଗଲେ । ଜାତିସଂଘରେ କଡା ନିନ୍ଦା ପ୍ରସ୍ତାବ ଗୃହିତ ହେଲା । ଅନେକ ଆର୍ନ୍ତଜାତିକ ଅନୁଷ୍ଠାନରୁ ତାକୁ ବହିଷ୍କାର କରାଗଲା । ତାର ସଂପତ୍ତିମାନ ବାଜ୍ୟାପ୍ତ କରାଗଲା ।

ଧିରେଧିରେ ଆମେରିକା ଓ ୟୁରୋପରୁ ଅସ୍ତ୍ରଶସ୍ତ୍ର ମାନ ଆସି ୟୁକ୍ରେନ ରେ ପହଂଚିବାରେ ଲାଗିଲା । ୟୁକ୍ରେନର ଶରଣାର୍ଥୀ ମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରାଗଲା । ଯୁଦ୍ଧର ଗତି ବଦଳି ଗଲା । ଧ୍ୱଂସ ରାଶି ମଧ୍ୟରେ ୟୁକ୍ରେନବାସୀ ଜନ୍ମ ଭୂମିର ସୁରକ୍ଷା ପାଇଁଅପୂର୍ବ ସାହାସ ଦେଖାଇଲେ । ଧାଡି ବାନ୍ଧି ଟ୍ୟାଙ୍କ ଆଗରେ ଠିଆହେଲେ । ନିରସ୍ତ୍ର ଲୋକଙ୍କୁ ଆଘାତ ନକରି ଟ୍ୟାଙ୍କ ମାନ ବାଧ୍ୟ ହୋଇ ଫେରିଗଲେ । ଋଷିଆର ଶହଶହ ଟ୍ୟାଙ୍କ, ବିମାନ ଧ୍ୱଂସ ହେଲେ । କିଛି ସେନା ଅଫିସର ମଧ୍ୟ ମଲେ । ଅନେକସ୍ଥାନରୁ ସେମାନେ ପଛଘୁଞ୍ଚା ଦେବାର ଖବର ମିଳୁଛି । ପୋଲମାନ ଧ୍ୱଂସ ହେବାରୁ ଋଷିଆର ସୈନ୍ୟ ମାନେ ମଝିରେ ଅଟକି ରହିଚନ୍ତି। କିଭ ଅଭିଯାନ ବିଫଳ ହେଲା ବୋଲି ଋଷିଆ ସ୍ୱୀକାର କରିସାରିଲାଣି । କେତେକ ଯାଗାରେ ନିର୍ମମ ଗଣହତ୍ୟା ଯୋଗୁ ଋଷିଆକୁ ନିନ୍ଦା କରି ବିଚାର ପାଇଁ ଦାବି ହେଲାଣି । କୃଷ୍ଣ ସାଗରରେ ଥିବା ଋଷିଆର ଏକ ବିମାନବାହୀ ଯୁଦ୍ଧ ଜାହାଜ**(Moskva)** ୟୁକ୍ରେନର ନେପଚ୍ୟୁନ କ୍ଷେପଣାସ୍ତ୍ର ମାଡରେ ବୁଡି ଯାଇଛି । ଜଣେ ୟୁକ୍ରେନିଆନ ପାଇଲଟ ନିଜେ ମରିବା ପୂର୍ବରୁ ୪୦ଟି ଋଷିଆ ବିମାନ ଧ୍ୱଂସ କରିବାର ସମ୍ବାଦ ପ୍ରଚାରିତ ହୋଇଛି । ୟୁକ୍ରେନର ଡ୍ରୋନ ଆକ୍ରମଣ ଋଷିଆର ସାମରିକ ଗାଡିମାନ ଧ୍ୱଂସ କରିବାର ଜଣାଯାଇଛି ।

ଯୁଦ୍ଧ ଯୋଗୁ ବିଶ୍ୱରେ ଆର୍ଥିକ ଅନାଟନ ଦେଖାଦେଲାଣି । ଆମ ଭାରତ ରେ ଖାଇବା ତେଲ ଓ ପେଟ୍ରୋଲିଅମର ଦର ବଢି ଗଲାଣି । ୟୁରୋପରେ ମଧ୍ୟ ଅଭାବ ପଡିଲାଣି । ଶ୍ରୀଲଙ୍କାର ଆର୍ଥିକ ଅବନତିର ମୁଖ୍ୟ କାରଣ ଏହି ଯୁଦ୍ଧ ଯୋଗୁ ଖଣିଜ ତେଲର ଅଭାବ, ଯାହା ମୁଖ୍ୟତଃ ୟୁକ୍ରେନରୁ ଆସୁଥିଲା। ଯୁଦ୍ଧ ବନ୍ଦ କରି ସମସ୍ୟାର ସମାଧାନ ପାଇଁ ଅନେକ ଦ୍ୱିପାକ୍ଷିକ ବୈଠକ ପୋଲାଣ୍ଡ, ରୁମାନିଆ, ତୁର୍କୀ ଠାରେ ବସିଗଲାଣି । ମାତ୍ର ସମାଧାନ ହୋଇ ପାରୁନାହିଁ । ଋଷିଆର ରାଷ୍ଟ୍ରପତି ଭ୍ଲାଡିମର ପୁଟିନ ବାରମ୍ବାର ଆଣବିକ ଅସ୍ତ୍ର ପ୍ରୟୋଗ ଧମକ ଦେଉଚନ୍ତି । ଦରକାର ହେଲେ ସେ ସାରା ୟୁରୋପକୁ ଧ୍ୱଂସ କରିଦେବେ । ଚିନ ଓ ଉତ୍ତର କୋରିଆ ଋଷିଆକୁ ସାହାସ ଦଉଛନ୍ତି । ଏହି ବିବାଦ ମଧ୍ୟରେ ଭାରତ ଅତି ଜଟିଳ ପରିସ୍ଥିତି ରେ ଗତି କରୁଚି । ଉଭୟ ୟୁକ୍ରେନ ଓ ଋଷିଆ ଆମର ବନ୍ଧୁ । ଋଷିଆ ସହ ଆମେ ବନ୍ଧୁତା ଚୁକ୍ତିରେ ଆବଦ୍ଧ । ତେଣେ ଆମେରିକାର ଚାପ ଋଷିଆ ଠାରୁ ତେଲ ନକିଣିବାକୁ । ମାତ୍ର ଋଷିଆ ଏକମାତ୍ର ଦେଶ ଯେ ଆମ ମୁଦ୍ରାରେ ତେଲ ଦଉଛି । ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ (ଦେଶର ସ୍ୱାର୍ଥ ଦୃଷ୍ଟିରୁ ଭାରତ ବାଣିଜ୍ୟ ବନ୍ଦ କରିପାରିବ ନାହିଁ । ଭାରତର ଏହି ନୀତି ପ୍ରଥମେ ନାପସନ୍ଦ କଲେ ମଧ୍ୟ ପରେ ସମସ୍ତେ ପ୍ରଶଂସା କରୁଛନ୍ତି। ମୋଦୀ ବିଦେଶରେ କହିଛନ୍ତି, 'ଏ ଯୁଦ୍ଧରେ କେହି ଜିତିବେ ନାହିଁ । ଉଭୟ ହିଁ ଅଶେଷ କ୍ଷତି ସହିବେ' । **(There will be no Victor but loser)**।

♥ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର,
ମୋ: ୯୪୩୭୨୩୫୩୮୬

## ସର୍ବଦେବୋମୟଃ ଗୁରୁ



ପ୍ର. ଡା. ଉମେଶ ଚନ୍ଦ୍ର ପାତ୍ର

ଧର୍ମ ଏକ ସର୍ବ ସମନ୍ୱୟକାରୀ ଶକ୍ତି ପ୍ରସଙ୍ଗରେ ଯୁଗପୁରୁଷ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ ଧର୍ମ ପାଳନ ଅର୍ଥ ଧୃତି ପାଳନ । ଏହା ନିତ୍ୟ ଆଚରଣୀୟ ବ୍ୟାପାର । ନିଜେ ଆଚରଣ ନ କରିଲେ ଅନ୍ୟକୁ କରାଇ ହୁଏ ନାହିଁ । ଧର୍ମ ଅର୍ଥ ଯାହା ଧରି ରଖେ । ତେଣୁ ସମସ୍ତ କର୍ମ ଓ ବ୍ୟବହାରରେ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ବା ଧର୍ମ ରହିଛି । ଯେଉଁଥିରେ ଯାହାର ଅସ୍ତିତ୍ୱ ବଜାୟ ରହେ ତାହା ହିଁ ତାର ଧର୍ମ । ଧର୍ମ ବର୍ତ୍ତମାନ ଅଲୌକିକତ୍ୱ (ମିରାକଲ୍) ଭିତରେ ପ୍ରବେଶ କରିଛି, ଅଲୌକିକ ମାନେ ଯାହା ବୁଝି ହୁଏ ନାହିଁ, ଯାହାର କାରଣ ଜଣା ପଡ଼େ ନାହିଁ । କିନ୍ତୁ ଆମ୍ଭମାନଙ୍କର କର୍ମ ହେଲା ସେହି କାରଣ ପଛରେ ଲାଗି ରହି ତାକୁ ଖୋଜି ବାହାର କରିବା । ପ୍ରାଚୀନ ଉପରେ ଦଣ୍ଡାୟମାନ ହୋଇ ନବୀନକୁ ସୃଷ୍ଟି କରିବାକୁ ହୁଏ । କିନ୍ତୁ ଆମ୍ଭମାନଙ୍କର ଅବସ୍ଥା ଏପରି ଯେ ପ୍ରାଚୀନ ସହିତ ଆମ୍ଭମାନଙ୍କର ସମ୍ବନ୍ଧ ନାହିଁ । ଐତିହ୍ୟ ସହିତ କୌଣସି ସମ୍ବନ୍ଧ ନାହିଁ । ଜନୈକ ଭକ୍ତ ପ୍ରଶ୍ନ କଲେ ମୁଁ କେଉଁଠାରୁ ଦୀକ୍ଷା ନେବି ? ଶ୍ରୀ ଶ୍ରୀ ଠାକୁର କହିଲେ - ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବାକୁ ହୁଏ । ସତ୍ ମାନେ ଯାହା ଅସ୍ତିତ୍ୱକୁ ରକ୍ଷା କରେ । ପୂର୍ବରୁ ଆମ୍ଭମାନଙ୍କ ଦେଶରେ ପ୍ରଥା ଥିଲା - ପାଞ୍ଚ ବର୍ଷ ବୟସରେ ଦୀକ୍ଷା ଦେଇ ଦେବ । ତା'ପରେ ପଇତା (ଉପନୟନ) ନେଇ ଲୋକସେବା କରି ଚାଲୁ ଥିଲେ । ଲୋକ ସେବାର ଅର୍ଥ ହେଉଛି ସମସ୍ତଙ୍କର ଯେଉଁଥିରେ ଭଲ ହୁଏ ତାହା ହିଁ କରିବା । ସେହି ଭକ୍ତ ପ୍ରଶ୍ନ କଲେ- ତାହା ଅନେକ ବ୍ୟକ୍ତି କରନ୍ତି କିନ୍ତୁ ସେଥିରେ ଗୁରୁଙ୍କର କ'ଣ ଆବଶ୍ୟକତା ଅଛି ? ଦୟାଲ୍ ପୁରୁଷ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱଭାବ ସୁଲଭ କରୁଣା ନିର୍ଝର ଭଙ୍ଗୀରେ କହିଲେ - କରିବାର ପଦ୍ଧତି ନ ଜାଣିବା ଯୋଗୁଁ ମନଷ୍ୟ ଭୁଲ କରନ୍ତି । ଦୀକ୍ଷା ଭିତରେ ଶିକ୍ଷା ନିହିତ ଅଛି । ଯାହାଫଳରେ ଆମ୍ଭେମାନେ ଜାଣିପାରୁ କେଉଁଟା ସତ୍ତାର ଅନୁକୂଳ ଓ କେଉଁଟା ପ୍ରତିକୂଳ । ଏହାଦ୍ୱାରା ଆମ୍ଭେମାନେ ହିଁ ଲାଭବାନ୍ ହୋଇ ଉଠୁ । ଅନେକ ବ୍ୟକ୍ତି କୁହନ୍ତି ଯେ ବୃଦ୍ଧ ବୟସରେ ଧର୍ମ କରିବ, ତାହା ଠିକ୍ ନୁହେଁ । ଆମ୍ଭମାନଙ୍କର ଶିକ୍ଷା ହେଉଛି ହାତ କଲମରେ । ଯେଉଁଠାରେ ଶିଷ୍ୟ ବୁଝିପାରେ ନାହିଁ ସେଠାରେ ଗୁରୁଙ୍କ ପାଖକୁ ଆସି ବୁଝି ନେଉଥିଲେ । ଋଷିମାନେ ହିଁ ହେଉଛନ୍ତି ଗୁରୁ । ଋଷୟୋ ମନ୍ତ୍ରଦ୍ରଷ୍ଟାରଃ । ଋଷିମାନେ ହେଉଛନ୍ତି ଦ୍ରଷ୍ଟାପୁରୁଷ । ମୁନିମାନେ ହେଉଛି ଯେଉଁମାନେ ମନନଶୀଳ । ଋଷିକୁ ମୁନି କୁହାଯାଏ, କିନ୍ତୁ ମୁନି ଋଷି ନ ହୋଇପାରନ୍ତି । ଶ୍ରୀ ଶ୍ରୀ ଠାକୁର ହସି ହସି କହିଲେ- ମୁଁ ଜାଣେ ନାହିଁ, ମୁଁ ମୂର୍ଖ ମନୁଷ୍ୟ । ବାସ୍ତବ ଅଭିଜ୍ଞତା ଭିତରେ ରହି ଯାହା ମୁଁ ଦେଖେ ତାହା କୁହେ ।

ଦୀକ୍ଷା ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀକ୍ଷା ମାନେ ଅନୁଶୀଳନ କରି ଦକ୍ଷ ହୋଇ ଉଠିବା । ଆଉ ନାମ ହେଲା ତାହା ଯାହାକୁ ଡାକିଲେ ମନୁଷ୍ୟ ତଦ୍ ବିଷୟରେ ଆନତ ହୋଇ ଉଠେ । ତେଣୁ କୁହାଯାଏ ବୀଜମନ୍ତ୍ର ଗୁରୁଙ୍କର ଦ୍ୟୋତକ । ଗୁରୁ ହେଉଛନ୍ତି କେନ୍ଦ୍ରବିନ୍ଦୁ । ତାଙ୍କ ପାଖରେ ଆନତ ହେଲେ ନାମ କରା ହୁଏ । ଆନତି ଓ ନିଷ୍ଠା ସହିତ ନାମ କରୁ କରୁ ନାମୀଙ୍କର ବିଶେଷ ଲକ୍ଷଣ ଓ ଗୁଣ ସମୂହ ତୁମ ଭିତରେ ଜାଗ୍ରତ ହୋଇ ଉଠେ । ଗୁରୁଙ୍କୁ ଅନୁସରଣ କରିଲେ ଓ ତାଙ୍କୁ ଅନ୍ତରରେ ଗ୍ରହଣ କରିଲେ ତୁମ ଭିତରେ ସମସ୍ତ ଅବଗୁଣଗୁଡିକ ଭାଙ୍ଗି ଯାଇ ସଦ୍‌ଗୁଣର ବିକାଶ ହୁଏ । ଅବତାର ପୁରୁଷମାନେ ଯେଉଁ ଦେଶରେ ଆବିର୍ଭାବ ହୁଅନ୍ତୁ ନା କାହିଁକି ସେମାନେ ସମସ୍ତେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ଓ ସେମାନେ ସମସ୍ତେ ଏକ ଏବଂ ଅଦ୍ୱିତୀୟ । ପରସ୍ପର ପରସ୍ପରଙ୍କର ପରିପୂରକ । ସେମାନେ ଏକ ଚନ୍ଦ୍ର, ପ୍ରକାଶ ହୁଅନ୍ତି କେତେବେଳେ ପ୍ରଥମାର ଚନ୍ଦ୍ର ହିସାବରେ ବା କେତେବେଳେ ଅଷ୍ଟମୀର ଚନ୍ଦ୍ର ବା କେତେବେଳେ ପୂର୍ଣ୍ଣଚନ୍ଦ୍ର ହିସାବରେ । ଭାଗବତରେ ଲେଖା ଅଛି- ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ । ଶ୍ରୀ ଶ୍ରୀ ଠାକୁର ପୁନର୍ବାର କହି ଉଠିଲେ -ଆତ୍ମା ହେଲା ଅତ୍ ଧାତୁ ମାନେ ସତତ ଗମନ । ଏହା ଦେହ ଭିତରେ ରହି ପ୍ରକାଶିତ ହୁଏ । ଆମ୍ଭମାନଙ୍କ ଭିତରେ ଯେଉଁ ଜୀବନୀ ଶକ୍ତି ଅଛି, ଯାହା ଆମ୍ଭମାନଙ୍କର ବିଧାନ ଭିତର ଦେଇ ସଞ୍ଚାରିତ ହୋଇ ଆମ୍ଭମାନଙ୍କୁ ସଞ୍ଜିବୀତ କରି ରଖେ ତାହା ହେଲା ଆତ୍ମା । ପ୍ରେମମୟ ପିତା ହିସାବରେ ଭଗବାନଙ୍କର ଏହା ବିଧାନ । ପ୍ରେମମୟ ପିତା କେତେବେଳେ ହେଲେ ଚାହାଁନ୍ତି ନାହିଁ ଯେ ତାଙ୍କର ସନ୍ତାନ ମାନେ ଖରାପ ରାସ୍ତାରେ ଗତି କରି କଷ୍ଟ ପାଆନ୍ତୁ । ସେଥିରୁ ଉଦ୍ଧାର କରିବା ପାଇଁ ଯାହା ଯାହା କରିବାର ଦରକାର ପରମପିତା ତାହା କରନ୍ତି । ପୁତ୍ରର ଯଦି ଭଲ ପାଇବା ରହେ ପିତାଙ୍କ ଉପରେ ତାହା ସେ ଉପଲବ୍ଧି କରିପାରେ ଓ ପିତାଙ୍କର ଆଦେଶାନୁଯାୟୀ ଚାଲିବାକୁ ଚେଷ୍ଟା କରେ । ପରମପିତା ହିଁ ପରମ କରୁଣାମୟ । କିନ୍ତୁ ଆମ୍ଭେମାନେ ଅନ୍ୟାୟ କରୁ ବୋଲି ଉନ୍ନତି କରିପାରୁ ନାହୁଁ । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ଲୁଣ ମାହାତ୍ମ୍ୟ

ଦୀନବନ୍ଧୁ ବେଜ

ଚିମୁଟାଏ ଲୁଣ ଗୁଣ ଗାଇବାକୁ
ବାଧ୍ୟ କରିଦିଏ ସେତେ ବେଳେ,
ଯେତେ ବେଳେ ତାର ଲାଳନ
ପାଳନ ପ୍ରତ୍ୟେକ୍ଷ ଅପ୍ରତ୍ୟେକ୍ଷରେ
ତୁମତ୍ୱ ଅନୁଭବ କରେ ଅନୁଗ୍ରହୀ ।

ଯେପରି ସୂର୍ଯ୍ୟଙ୍କ ଅଂଶୁ ବିନା
କମଳର ଅସ୍ତିତ୍ୱ ନଥାଏ,
ଚିର ହୋଇ ରହିଥାଏ ଚିମୁଟାଏ
ଲୁଣର ଉଧାର
ଦୁଇ ଗୁଣ କରି ଫେରିପାଇ
ହୃଦୟବାନ ମଣିଷ ପାଖରୁ
ସ୍ମରଣୀୟ ହୋଇଯାଏ
ସାର୍ଥକବାଦୀର ମାନସ ପଟରେ ।

ହୁଅନା କୃତଘ୍ନ... ଭୁଲି ଯାଅନା
ପ୍ରକୃତିରୁ ପାଉଥିବା ମୁକ୍ତ ଉପାଦାନ
ତା କୋଳରେ ଖିଲିଖିଲି ହସୁଥିବା,
ସବୁଜ ବନାନୀ ଧୂଷର ପାହାଡ଼ ରଙ୍ଗ
ମାଟିର ନିଛକ ଛଇଳ ପଣ,
ମାଗଣା ଶୀତଳୀ କରଣ ଯନ୍ତ୍ର,
ଘେରି ରହିଥିବା ଘଞ୍ଚ ଜଙ୍ଗଲ ।

ବିନାମୂଲ୍ୟରେ ବିଶୁଦ୍ଧ ଅମ୍ଳଜାନ
କୋଟି କୋଟି ବୃକ୍ଷର କାରଣ ।

ଜୀବନର ଅନ୍ୟ ନାମ ଜଳ ମଧ
ଆକାଶପାଣି ଝରାଉ ଥିବା ଉଦ୍ଭିଦ,
ଏତେ ପରେବି ଆମେ ସ୍ୱାର୍ଥପର,
ମହାଭାରତର ଜରାସନ୍ଧ ପରି
ନିଜେ ଚିରଉଛୁ ନିଜର ଶରୀର ।

ସଜାଗ ହୁଏହେ ମଣିଷ....
ଅନ୍ତତଃ ପକ୍ଷେ
ପ୍ରକୃତିକୁ କର ଗଭୀର ବିଶ୍ୱାସ
ଅଜାଡି ଦିଅ ଶ୍ରଦ୍ଧା ସୁମନ
ଦୂର ହେଉ ଦିଗବଳୟରୁ ବିଷ ।

♥ମୁଖ୍ୟ ସଂପାଦକ, ଜାତୀୟ କବି
ଲେଖକ ସଂଗଠନ, ଭଦ୍ରକ, ଓଡ଼ିଶା
ମୋ: ୭୬୮୩୯୨୦୨୨୧

### ମୁଁ ଛାର ଶ୍ରମିକଟିଏ

ପ୍ରସେନଜିତ୍ ସେଠୀ



ମୁଁ ଛାର ଶ୍ରମିକଟିଏ
ମୋତେ କିଏ ଜାଣେ,
ସୁଉଚ୍ଚ ଅଟ୍ଟାଳିକାଟିଏ,
ମୁଁ ଗଢିଥାଏ
ସେ ଅଟ୍ଟାଳିକାର ସମସ୍ତ ପ୍ରସ୍ତର
ମୋତେ ଜାଣିଥାଏ
ତଥାପି ତା ସମ୍ମୁଖରେ ଆଉ କା'ର
ନାମ ଲେଖାଥାଏ ।

ମୋ ରକ୍ତର ପ୍ରତ୍ୟେକ ବିନ୍ଦୁ
ଝାଳ ହେଇ ବହିଯାଏ,
ସେ ଝାଳରେ ସୁଦୀର୍ଘ
ନାଳ ଖୋଳିଦିଏ,
ତାର ସମସ୍ତ ଉପକାର
ସଂସାରକୁ ହୁଏ,
ତଥାପି ମୁଁ କାହାର ବା ମନେଥାଏ ?

ମୁଁ କଣ ପାଇଁ
ଲହୁ ଢାଳିଦିଏ
ସ୍ୱାର୍ଥରେ ନା ନିଃସ୍ୱାର୍ଥରେ
ମୋତେ କିବା ଜଣାଥାଏ
ମୋ ପେଟର ଭୋକ ମେଣ୍ଟୁଥାଏ,
କେବେ ପୁରା, କେବେ ଅଧୁରା,
ମୋତେ ଜଣାଥାଏ
ମୁଁ ମାଟିର ମଣିଷଟିଏ
ନିତି ଖଟି ଚାଲିଥାଏ,
ମୁଁ ଛାର ଶ୍ରମିକଟିଏ ।

♥ବାଲିଆ, ଗୋପୀନାଥପୁର,
ଜଗତସିଂହପୁର
ମୋ- ୮୦୧୮୪୦୪୯୭୨

### ସକାଳକୁ ମୋର ଡର

ଡୁଇଟ୍ ଡେଭିଡ ଫିଲିପ



କ୍ଷୁଧା ଓ ଶୋଷ ଅନିବାର୍ଯ୍ୟ,
ତାପୂର୍ବରୁ ମୋର ଶୌଚର ନାହିଁ
ଉପଚାର,
ଯିବାକୁ ପଡ଼ିବ ଅନେକ ଦୂର,
ଧୂଳି, ମଳି, ନାଳ, ତରିବାକୁ ଡର ।

ଖରା, ବର୍ଷା, ଶୀତ, କାକର,

ନିଦ ହୋଇଗଲେ ହୁଏ ପାର,
ମଶା, ମାଛି, କୁକୁର, ନାଳ,
ତାଙ୍କୁ ସମ୍ଭାଳିବା ଅଟେ ମୋ ପାଇ କଷ୍ଟ ।

ଶବ୍ଦ, ଗାଳି, ଛିଣ୍ଡା, ଜରି,
ବସା କରିବେ ମୋଠି ଆସି ।

ଛେପ, କଫ, ନିଃଶ୍ୱାସ, ଛିଙ୍କ,
ଛି, ଛି, ଭିକ୍ଷା ବୃତ୍ତି ଭୟଂକର ।

ଆଖି, କାନ, ପାଟି, ଜିଭ, ଚର୍ମ,
ଥିଲା ଲୋକ ପାଇ ଭୋଗ ବିଳାସ,
ମୋପାଇ କାଳ,
ସକାଳକୁ ମୋର ଡର ।

ଗର୍ଭ ପାତ ଚେଷ୍ଟା ହେଲା ବ୍ୟର୍ଥ,
ସକାଳ ବିଳମ୍ବ, ମୋପାଇଁ ମୂଳରୁ ଭଲ,
ଭିକ୍ଷା, ବିକଳାଙ୍ଗ ତାସାଙ୍ଗକୁ ଝିଅ ।

ସବୁ ତରିଛି ଆଜି ଯାଏଁ,

ଆଖିରେ ଶିକାର, ପାରେନି ପାରି,
ରାତିରେ ନିଜର, ସକାଳୁ ମୁଁ ଅତି ପର,
ସକାଳକୁ ମୋର ଡର ।

♥ଲେହିରୀ ଥାନା, କାଟାପାର,
ବିହାରଶରିଫ,
ନାଳନ୍ଦା, ବିହାର ୮୦୩୧୦୧
ମୋ: ୯୪୩୭୧୦୪୩୦୩

### ତୁମ ଯିବାପରେ...

ଅଞ୍ଜଳି ପଣ୍ଡା



ତୁମ ଯିବାପରେ ଆହେ ବାଣୀକନ୍ୟା
ଅନେକ ଶୂନ୍ୟତା ଏଠି
ସାହିତ୍ୟ ଆକାଶରୁ
ଧ୍ରୁବ ତାରାଟିଏ
ଅର୍ନ୍ତହିତ ହେଲ କେଉଁଠି ?
ନାଉଗଛ ତୁମ ଦିଗନ୍ତ ବିସ୍ତାରି
ବଢ଼ାଇଛି ଡାଳପତ୍ର
ସାହିତ୍ୟ କୃତିର ଫଳରେ
ପୂର୍ଣ୍ଣ କରିଛ ଓଡ଼ିଶାର ବାଣୀକ୍ଷେତ୍ର ।

ଆଗୋ ପାଟ ଦେଇ
ଓଡ଼ିଆଙ୍କ ଅସ୍ମିତା
ଗଲ କେଣେ ତୁମେ ହଜି
କାଚଘର ତୁମ ଗ୍ଲାସ୍ ପ୍ୟାଲେସ୍
ଝୁରୁଛି ତୁମକୁ ବସି ।

ମୁରବି ପଣକୁ ମନେ ରଖିଥିବ
ସଦା ଲେଖିକା ସଂସଦ
ତୁମ ହାତ ଗଢ଼ା ମାନସୀ କନ୍ୟା ସେ
ଚିରକାଳ ଏଠି ଥିବ ।

କେଉଁଠୁ ଲେଖିବି କେଉଁଠି ସାରିବି
ତୁମର ସାହିତ୍ୟକୃତି
ବୀଣାପାଣିଙ୍କ ବୀଣାର ମୂର୍ଚ୍ଛନା
ହୃଦରେ ରଖେ ସାଇତି ।

ତନ୍ଦ୍ରାହତ ତୁମ ପ୍ରଥମ
କବିତା କସ୍ତୁରୀମୃଗ ସମ
ବାଣ୍ଟି ଚାଲିଗଲ ନାରୀ ମନକଥା
ନାରୀର ବେଦନା
ନାରୀ ଜୀବନର ଧର୍ମ ।

ଏତିକି ବିନତୀ
ଆହେ ବୀଣାଅପା
ତୁମରି ଆଶୀଷ
ଆମରି ମସ୍ତକେ
ସଦା ପଡୁଥାଉ ଝରି
ବିଭୁଙ୍କ ପାଦରେ ତୁମ ସ୍ଥାନ ଥାଉ
ଦିଅନ୍ତୁ ଆତ୍ମାକୁ ମୁକ୍ତି ।

ଚୌଧୁରୀ ସାହି,
ବାଲେଶ୍ୱର





# ମିନା ଅପାଙ୍କ ରାମାୟଣ ଟୁଙ୍କି (୩୯)

## ରାମ-ଭରତ ମିଳନ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

'କଥାରେ ଅଛି, ରାମଙ୍କ ପରି ପିତୃଭକ୍ତ ପୁତ୍ର ନାହିଁ କି ଭରତଙ୍କ ପରି ଭାତୃଭକ୍ତ ଭାଇ ନାହିଁ' ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ଭରତ ଭ୍ରାତା ଶତ୍ରୁଘ୍ନ, କୁଳଗୁରୁ ବଶିଷ୍ଠ ଓ ସୈନ୍ୟମାନଙ୍କ ସହିତ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ପ୍ରବେଶ କଲେ ଓ ତାଙ୍କୁ ଯଥାବିଧି ସମ୍ମାନ ଜଣାଇଲେ। ଭରଦ୍ୱାଜ ଭରତଙ୍କୁ ଆଶୀର୍ବାଦ କଲେ ଓ ତାଙ୍କର ବନକୁ ଆଗମନର କାରଣ ପଚାରିଲେ। ଧ୍ୟାନ ବଳରେ ଋଷି ଭରଦ୍ୱାଜ ସବୁକଥା ଜାଣିଥିଲେ। ମାତ୍ର ଭରତଙ୍କ ମନ କଥା ଜାଣିବାକୁ ସେ ଆଗ୍ରହୀ ଥିଲେ।

ଭରତ ଭରଦ୍ୱାଜଙ୍କୁ ନିଜ ଦୁଃଖ କଥା କହିଲେ। 'କେବଳ ରାମ ହିଁ ଅଯୋଧ୍ୟାର ରାଜା ହେବାକୁ ଯୋଗ୍ୟ, ଆଉ କେହି ନୁହେଁ। ମୁଁ ଆସିଛି ଶ୍ରୀରାମଙ୍କୁ ଅଯୋଧ୍ୟାକୁ ଫେରାଇ ନେବାକୁ।' ଭରତଙ୍କ କଥା ଶୁଣି ଭରଦ୍ୱାଜ ବହୁତ ଖୁସି ହେଲେ ଓ ତାଙ୍କର ପ୍ରଶଂସା କଲେ।

ସେଦିନ ଭରତ ଓ ଅନ୍ୟମାନେ ଭରଦ୍ୱାଜଙ୍କ ଆଶ୍ରମରେ ରହିଲେ। ତପୋବଳରେ ଭରଦ୍ୱାଜ ଋଷି ସମସ୍ତଙ୍କ ରହିବା ଓ ଖାଇବାର ବନ୍ଦୋବସ୍ତ କଲେ।

ତା ପରଦିନ ଭରତ ଭରଦ୍ୱାଜଙ୍କ ଅନୁମତି ନେଇ ଚିତ୍ରକୂଟ ପର୍ବତ ଦିଗରେ ଯାତ୍ରା ଆରମ୍ଭ କଲେ।

ଚିତ୍ରକୂଟ ପର୍ବତ ପାଖରେ ରାମ, ଲକ୍ଷ୍ମଣ ଓ ସୀତା ଏକ ପର୍ଣ୍ଣ କୁଟୀର ନିର୍ମାଣ କରି ଖୁସିରେ ରହୁଥିଲେ। ଲକ୍ଷ୍ମଣ ଜଙ୍ଗଲକୁ ଯାଇ ଫଳମୂଳ ସଂଗ୍ରହ କରି ଆଣୁଥିଲେ। ଶିକାର କରି ହରିଣ ମାଂସ ମଧ୍ୟ ଆଣୁଥିଲେ। ସେମାନେ ମିଳିମିଶି ରୋଷେ କରୁଥିଲେ ଓ ଭୋଜନ କରୁଥିଲେ। କିଛି କାମ ନଥିଲେ ସେମାନେ ଚିତ୍ରକୂଟ ପର୍ବତର ବିଭିନ୍ନ ଭାଗକୁ ଯାଉଥିଲେ ଓ ଜଙ୍ଗଲର ଦୃଶ୍ୟରାଜି ଦେଖି ଖୁସି ହେଉଥିଲେ।

ଭରତ ବେଶ ଓ ଉଦଗ୍ରୀବ ଥିଲେ ଭାଇ ଓ ଭାଉଜଙ୍କୁ ଦେଖା କରିବାକୁ। ସୈନ୍ୟବାହିନୀ ସହିତ ସେ ଚିତ୍ରକୂଟ ପର୍ବତ ପାଖରେ ପହଂଚିଗଲେ। ସେମାନଙ୍କ ଆସିବା ସମୟର କଳରବ ରାମ ଲକ୍ଷ୍ମଣ ଶୁଣି ପାରିଥିଲେ।

ଲକ୍ଷ୍ମଣ ଯାଇ ଭରତ ଓ ତାଙ୍କ ସୈନ୍ୟବାହିନୀକୁ ତାଙ୍କ ଆଡ଼କୁ ଆସିବାର ଦେଖିପାରିଲେ ଓ ଏକଥା ସେ ସଂଗେ ସଂଗେ ଶ୍ରୀରାମଙ୍କୁ କହିଲେ। "ସମ୍ଭବତଃ କିଛି ମନ୍ଦ ଉଦ୍ଦେଶ୍ୟ ନେଇ ଭରତ ତାଙ୍କ ଆଡ଼କୁ ଆସୁଛି।" ଲକ୍ଷ୍ମଣଙ୍କ କଥା ଶୁଣି ରାମ ହସିଲେ ଓ କହିଲେ 'ଭରତ ପରି ଭାଇ ମିଳିବନି। ସେ କେବେ ବି ଆମର କିଛି ଅନିଷ୍ଟ କରିବାକୁ ଚିନ୍ତା କରି ପାରିବନି।' ରାମଙ୍କ କଥା ଶୁଣି ଲକ୍ଷ୍ମଣ ନୀରବ ରହିଲେ।

ଭରତ, ଶତ୍ରୁଘ୍ନ ଓ ଅନ୍ୟମାନେ ଚାଲି ଚାଲି ଚିତ୍ରକୂଟ ପର୍ବତରେ ଯାଉଥିଲେ। ଦୂରରେ ସେମାନେ ଏକ କୁଟୀର ଦେଖିପାରିଲେ। ତାଙ୍କ ମନରେ ସନ୍ଦେହ ରହିଲାନି କି ସେଠାରେ ପ୍ରଭୁ ଶ୍ରୀରାମ ମାତା ସୀତା ଓ ଅନୁଜ ଲକ୍ଷ୍ମଣ ସହିତ ରହୁଛନ୍ତି।

ଭରତ ଓ ଶତ୍ରୁଘ୍ନ ଶ୍ରୀରାମଙ୍କ ପର୍ଣ୍ଣ କୁଟୀର ପାଖରେ ପହଂଚିଗଲେ। ସେତେବେଳେ ରାମ, ସୀତା ଓ ଲକ୍ଷ୍ମଣ ପର୍ଣ୍ଣ କୁଟୀରରେ ବସିଥିଲେ। ଲକ୍ଷ୍ମଣ ଚିନ୍ତିତ ଥିଲେ। ଭରତ କାହିଁକି ସୈନ୍ୟବଳ ନେଇ ଆସିଛନ୍ତି। ସେ କଥା ସେ ବୁଝିପାରୁନଥିଲେ।

ପର୍ଣ୍ଣ କୁଟୀରର ଦ୍ୱାର ଦେଶରେ ପହଂଚିଗଲେ ଭରତ। ସେ ଦେଖିଲେ ଭ୍ରାତା ରାମ କୁଟୀର ମଧ୍ୟ ଭାଗରେ ବସିଛନ୍ତି। ତାଙ୍କ ପାଖରେ ବସିଛନ୍ତି ସୀତା ମାତା। କିଛି ଦୂରରେ ବସିଛନ୍ତି ସୁମିତ୍ରା ନନ୍ଦନ ଲକ୍ଷ୍ମଣ।

ରାମଙ୍କ ଦର୍ଶନରେ ଭରତଙ୍କ ଆଖିରୁ ପ୍ରବାହମାନ ହେଲା ଲୋତକଧାର। ସେସ ନିଜକୁ ସମ୍ଭାଳି ପାରିଲେନି। ଧାଇଁଗଲେ ଜ୍ୟେଷ୍ଠ ଭ୍ରାତା ପିତୃ-ପ୍ରତିମ ରାମଚନ୍ଦ୍ରଙ୍କ ଆଡ଼େ। ରାମ, ଲକ୍ଷ୍ମଣ ଓ ସୀତା ଭରତ ଓ ଶତ୍ରୁଘ୍ନଙ୍କୁ ମୁନି ବେଶରେ ଦେଖି ଆଶ୍ଚର୍ଯ୍ୟ ହେଲେ। ସେମାନେ ତ ଭାବିଥିଲେ- ଭରତ ଅଯୋଧ୍ୟାର ରାଜା ହୋଇ ସାରିଥିବେ।

ରାମ ଓ ଭରତଙ୍କ ମିଳନର ଦୃଶ୍ୟ ଥିଲା ଅଦଭୂତ ପୂର୍ବ। ଆତ୍ମା ଓ ପରମାତ୍ମାଙ୍କ ମିଳନର ଦୃଶ୍ୟ ଥିଲା ସେ। ଆତ୍ମା ପରମାତ୍ମାଙ୍କ ମିଳନ ସାଧାରଣ ମଣିଷ ଦେଖିପାରନ୍ତିନି। ମାତ୍ର ଏଠି ରାମ ଓ ଭରତଙ୍କ ମିଳନ ସମସ୍ତେ ଦେଖୁଥିଲେ। ରାମ ଓ ଭରତ ପରସ୍ପରକୁ ରଖିଥିଲେ ନିବିଡ଼ ଆଲିଙ୍ଗନରେ। ଦ୍ୱିଜଣଙ୍କ ଆଖିରୁ ବୋହୁଥିଲା ଅଶ୍ରୁ। ସେଠାରେ ଉପସ୍ଥିତ ମାତା, ସୀତା, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ଅନ୍ୟମାନଙ୍କ ଆଖିରୁ ମଧ୍ୟ ବୋହି ଯାଉଥିଲା ଧାର ଧାର ଅଶ୍ରୁ। ବାଲ୍ମୀକି ରାମାୟଣରେ ଏହି ଦୃଶ୍ୟର ସୁନ୍ଦର ବର୍ଣ୍ଣନା ହୋଇଛି। ରତ୍ନାକର ଗର୍ଗବଟୁ ମଧ୍ୟ ତାର ସୁନ୍ଦର ରୂପାନ୍ତର କରିଛନ୍ତି।

ପିଲାମାନେ, ମହାପ୍ରଭୁ ଶ୍ରୀରାମଙ୍କ କଥାକୁ କେବଳ କାହାଣୀ ପରି ଶୁଣନି। ସେମାନଙ୍କ ଜୀବନାଦର୍ଶ ଆମ ଜୀବନକୁ ସୁନ୍ଦର ଓ ସୁଖମୟ କରିବ। ମିନା ଅପା ରାମାୟଣ କଥାକୁ ଏଇଠି ରଖିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

# କବିତା

ତୁମ ପାଇଁ

## ସରଳତା

ଧ୍ରୁବଚରଣ ଘିବେଲା

ସରଳ କଥା ସରଳ କାମ
ସରଳତା ଯେ ସୁନ୍ଦର
ସରଳ ଚାଲି ସରଳ ବୋଲି
ସର୍ବଦା ବଡ଼ ମଧୁର।

ସରଳ ପ୍ରଶ୍ନ ଥାଏ ସହଜ
ଉତ୍ତର ଦେବାପାଇଁ
ସରଳ ବେଶ ଦିଶେ ସୁନ୍ଦର
ନିତି ଯେ ପିନ୍ଧୁଥାଇ।

ସରଳ ନୀତି ସବୁଠି ଭଲ
ସଭିଙ୍କ ଭଲ ପାଇଁ
ସରଳ ହେବା ଉତ୍ତମ କଥା
ସରଳତା ବାର୍ତ୍ତା ଦେଇ।

ସରଳ ଧାରା ଆପଣେଇବା
ଜୀବନେ ନିତି ଭଲ
ସରଳ ସୂତ୍ର ପ୍ରୟୋଗ ବିଧି
ଜାଣିଥିଲେ ଉଭଳ।

ସରଳ ପନ୍ଥା ଜୀବନେ ଲୋଡ଼ା
ସରଳ ଜୀବନ ଭଲ
ସରଳ ଜୀବନ ସରଳ ପ୍ରାଣ
ସରଳ ନୁହେଁ ଦୁର୍ବଳ।

ସରଳତା ନୁହେଁ ଦୁର୍ବଳତା
ସରଳତାରେ ଦୃଢ଼ତା
ସରଳ ହେବା ସୁନ୍ଦର କଥା
ସରଳରେ ମହାନତା।

ସରଳପଣ ସରସଗୁଣ
ସରଳ ସରସ ସଦା
ସରଳ ଭାବ ସୁନ୍ଦର ଭାବ
ଭାବରେ ଥିଲେ ସୁବିଧା।

ସରଳ ନୀତି ସୁନ୍ଦର ଅତି
ସରଳ ସୁନ୍ଦର ବେଶି
ସରଳ ଗତି ନାହିଁ ବିପତ୍ତି
ଜଟିଳରେ ହିଁ ଦୁର୍ଗତି।

ସରଳ ଭଲ ସହଜ ଭଲ
ଜଟିଳ କୁଟିଳ ନୁହଁ
ଜଟିଳ ନୁହେଁ କୁଟିଳ ନୁହେଁ
ସୁନ୍ଦର ସରଳ ମୁହଁ।

ସରଳ ବାର୍ତ୍ତା ସରଳ କଥା
ସରଳରେ ସରସତ୍ତା
ସରଳ ବ୍ୟକ୍ତି ଉତ୍ତମ ଅତି
ସଳରେ ସୁନ୍ଦରତା ।

+ବଉଦରାଜି-୭୬୨୦୧୪
ବୌଦ୍ଧ

## ଆମ ଓଡ଼ିଶା ଭୂଇଁ

ଝରଣା ମଲ୍ଲିକ

ତିରିଶଟି ଜିଲ୍ଲା ସଜ୍ଜା ସଜି ହୋଇ
ଗଢ଼ିଲେ ଓଡ଼ିଶା ଭୂଇଁ
କେତେ କୀର୍ତ୍ତିରାଜି କେତେ ଯେ ବୈଭବ
ରଖିଲେ ଆମରି ପାଇଁ।

କେତେ ନଦ ନଦୀ ବହି ବହି ଗଲେ
ଓଡ଼ିଶା ଚରଣ ଧୋଇ
ପ୍ରକୃତିର ଶୋଭା କେଡ଼େ ମନ ଲୋଭା
ଇତିହାସ ଗଲେ କହି।

ବାରବାଟୀ ଦୁର୍ଗ ଧଉଳି ପାହାଡ଼
ରହିଛି ଅମର କୀର୍ତ୍ତି
କୋଣାର୍କ ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ
ଗଢ଼ା ହୋଇଛି ମୂରତି।

ଲୁହା, ବକ୍‌ସାଇଟ୍ ଅଭ୍ର ଯେ କୋଇଲା
ସୁବ ଏଇ ଓଡ଼ିଶାରେ
କଳ, କାରଖାନା ଖଣି ଯେ ଖାଦାନ
ଗଢ଼ିଛି ଆମ ମାଟିରେ।

ବିଜୁ, ଗୋପବଂଧୁ, ନେତାଜୀ ସୁଭାଷ
ଜନମିଲେ ତା'ର କୋଳେ
ସ୍ୱାଧୀନତା ସ୍ୱାଦ ଚଖାଇ ଆମକୁ
ଜିଇଁ ରହିଲେ ଉତ୍କଳେ।

ଦର୍ଶନୀୟ ସ୍ଥାନ ପାହାଡ଼, ମନ୍ଦିର
ରହିଛି ଅଭୟାରଣ୍ୟ



ମୁଗ, ବିରି, ଧାନ, ଗହମ, ମାଣ୍ଡିଆ
ସବୁଥିରେ ପରିପୂର୍ଣ୍ଣ।

+ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
ମୋ: ୯୨୮୮୫୭୪୫୦୩

# ସୁନା ରୁଟି



ଦିବାକର ନାୟକ



ରାଜା ବିକ୍ରମ ସେନ୍ ଥିଲେ ଖୁବ୍ ଯୁଦ୍ଧପ୍ରିୟ । ଯୁଦ୍ଧରେ ଉଭୟ ପକ୍ଷର କେତେ ଯେ କ୍ଷତି ହୁଏ, ସେ କଥା କେବେ ବି ଚିନ୍ତା କରିନାହାଁନ୍ତି । ଦିନେ ସେ ମନ୍ତ୍ରୀଙ୍କ ସଙ୍ଗେ କଥା ହେଉଥାନ୍ତି । ପ୍ରସଙ୍ଗ କ୍ରମେ ମନ୍ତ୍ରୀ ପ୍ରମୋଦ ସେନ୍ କହିଲେ-'ମହାରାଜ୍ ! ଆମ ରାଜ୍ୟର ସୀମା ଯଥେଷ୍ଟ ବଢ଼ିଯାଇଛି । ତଥାପି ଆହୁରି ଗୋଟିଏ ରାଜ୍ୟ ଜିଣିବାକୁ ପଡ଼ିବ ।'

-'ସେ କେଉଁ ରାଜ୍ୟ, ଆମେ ତାକୁ ସହଜରେ ଜିଣି ପାରିବା ତ ?' ରାଜା ପଚାରିଲେ ।

-'ହୀରାପୁର ରାଜ୍ୟର ରାଜା ମହୀନ୍ଦ୍ର ସିଂହଙ୍କ ରାଜ୍ୟ ଖୁବ୍ ବିଶାଳ ଓ ସମୃଦ୍ଧ । ମାତ୍ର ତାଙ୍କର ସେନା ବାହିନୀ ଆମ ସେନା ବାହିନୀର ଏକ ଚତୁର୍ଥାଂଶ । ତେଣୁ ହୀରାପୁର ରାଜ୍ୟକୁ ଜିଣିବାରେ ବିଶେଷ ଅସୁବିଧା ହେବ ନାହିଁ । ଆପଣଙ୍କ ଆଜ୍ଞା ହେଲେ ଯୁଦ୍ଧ ଖବର ପଠାଇବୁ ।'

-'ହଁ ମନ୍ତ୍ରୀ ପ୍ରମୋଦ ସେନ୍ ! ଆମେ ଯେ କୌଣସି ମତେ ହୀରାପୁର ଜିଣିବା ଦରକାର । ଖବର ପଠାଇ ଯୁଦ୍ଧର ସମସ୍ତ ଆୟୋଜନ କର।'

ଜଣେ ବିଶେଷ ଦୂତଦ୍ୱାରା ହୀରାପୁର ରାଜ୍ୟର ରାଜା ମହୀନ୍ଦ୍ର ସିଂହଙ୍କ ନିକଟକୁ ଯୁଦ୍ଧ ଖବର ଜଣାଇ ଦିଆଗଲା ।

ଖୁବ୍ କମ୍ ସମୟ ମଧରେ ଯୁଦ୍ଧ ପାଇଁ ହାତୀ, ଘୋଡ଼ା, ଓଟ ଓ ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ର ଯୋଗାଡ଼ ହୋଇଗଲା । ମନ୍ତ୍ରୀ ପ୍ରମୋଦ ସେନ୍ ଆସି ରାଜାଙ୍କୁ ଜଣାଇଲେ-'ସେନା ବାହିନୀ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇଗଲେଣି। କେବଳ ଆପଣ ଆସି ନିଜ ଆସନ ଗ୍ରହଣ କରି ସେମାନଙ୍କୁ ଯିବା ପାଇଁ ଆଦେଶ ଦେବାକୁ ବାକି ଅଛି।'

ଠିକ୍ ସେତିକି ବେଳେ ରାଣୀ ବିଶ୍ୱକଲ୍ୟାଣୀ ହଠାତ୍ ଆଗକୁ ଆସିଯାଇ କହିଲେ-'ମନ୍ତ୍ରୀ ରହନ୍ତୁ, ଯୁଦ୍ଧକୁ ଯିବା ଆଗରୁ ଆପଣ ବି ମହାରାଜାଙ୍କ ସାଙ୍ଗରେ ଭୋଜନ କରି ଯାଆନ୍ତୁ । ଯୁଦ୍ଧରେ କେତେବେଳେ କ'ଣ ହେବ କିଏ ଜାଣେ ?'

'ଏମିତି ଅଶୁଭ କଥା ତୁଣ୍ଡରେ ଧରନ୍ତୁ ନାହିଁ ରାଣୀ ମାଆ । ଯୁଦ୍ଧରେ ଆମେ ନିଶ୍ଚୟ ଜିଣିବୁ । ତା ଆଗରୁ ଆମେ ଆପଣଙ୍କ ହାତ ରନ୍ଧା ସୁସ୍ୱାଦୁ ଭୋଜନ ନିଶ୍ଚୟ ଖାଇବୁ ।' ମନ୍ତ୍ରୀ ରାଣୀଙ୍କୁ ଏତିକି କହି ମହାରାଜାଙ୍କୁ ଚାହିଁ କହିଲେ-'ମହାରାଜ୍ ! ତେବେ ଭୋଜନ କରିବାକୁ ଆଉ ଡେରି କରିବା କାହିଁକି ?'

ରାଜା ଓ ମନ୍ତ୍ରୀ ଦୁହେଁ ଖାଇବା ସ୍ଥାନରେ ବସିଗଲେ । ରାଣୀନ୍ ନିଜ ହାତରେ ସୁସ୍ୱାଦୁ ଖାଦ୍ୟ ଥାଳି ନେଇ ଆସିଲେ ଓ କହିଲେ-'ଆପଣଙ୍କ ପାଇଁ ଆଜି ମୁଁ ଏପରି ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରିଛି, ଯାହା କି ଆପଣଙ୍କର ଅତି ପ୍ରିୟ । ଅତଏବ ପେଟ ଓ ମନ ଭରି ଖାଆନ୍ତୁ ଓ ଭୋକ ଶାନ୍ତ କରନ୍ତୁ ।'

ରାଜା ଓ ମନ୍ତ୍ରୀ ଯେମିତି ଥାଳି ଉପରୁ ଢାଙ୍କୁଣି ବାହାର କରିଛନ୍ତି, ହଠାତ୍ ଚମକି ପଡିଲେ । କ୍ଷଣିକ ପାଇଁ ସ୍ତବ୍ଧ ହୋଇଗଲେ । ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ଗୋଟିଏ ଥାଳିରେ ସୁନା ରୂପାର ରୁଟି, ହୀରା ମୋତି ଖଚିତ ମିଷ୍ଟାନ୍ନ, ଅନ୍ୟ ଏକ ଥାଳିରେ ନାଲି ଟହଟହ ତାଜା ରକ୍ତ ।

ଏହା ଦେଖି କ'ଣ କହିବେ କିଛି ଭାବୁଭାବୁ ରାଜା ହଠାତ୍ ଚିତ୍କାର କଲେ, ରାଣୀ ବିଶ୍ୱକଲ୍ୟାଣୀ ! ଭଣ୍ଡାରରେ ଶଷ୍ୟର ଅଭାବ ନାହିଁ। ଅଥଚ ଏହି ସୁନା ରୂପା ରୁଟି ଓ ମିଷ୍ଟାନ୍ନ ଖାଇବାକୁ କାହିଁକି ଦେଲ ? ଏସବୁ କ'ଣ ଖିଆଯାଏ ? ତୁମର ମତିଭ୍ରମ ହୋଇ ନାହିଁ ତ ?'

ରାଣୀ ବିଶ୍ୱକଲ୍ୟାଣୀ ବିଚଳିତ ହେଲେ ନାହିଁ । ନମ୍ର ଭାବରେ ମୁରୁକି ହସି କହିଲେ- 'ମହାରାଜ୍ ! ଭଣ୍ଡାରରେ ଶଷ୍ୟର ଅଭାବ ନାହିଁ କି ହେବ ନାହିଁ । କିନ୍ତୁ ଆପଣମାନଙ୍କୁ ସୁନା ରୂପା ହୀରା ମୋତିର ଅଖଣ୍ଡ ଭୋକ ଓ ତାଜା ରକ୍ତର ଶୋଷ ପାଗଳ କରିଛି । ସେଥିପାଇଁ ସିନା ଆପଣ ଯୁଦ୍ଧ କରୁଛନ୍ତି । ଲକ୍ଷ ଲକ୍ଷ ନିର୍ଦ୍ଦୋଷ ଲୋକଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି । ଅନେକ ସରଳ ନୀରିହ କୁନିକୁନି ସଜଫୁଟା ଫୁଲମାନଙ୍କୁ ଅନାଥ ଓ ଛିନଭିନ୍ କରି ଦେଉଛନ୍ତି । ମାସ ମାସ ଲାଗି ନିର୍ମାଣ କରାଯାଇଥିବା କୋଠାବାଡ଼ି ସବୁକୁ ନିମିଷକେ ଧରାଶାୟୀ କରି ଦିଆଯାଉଛି । ବର୍ଷ ବର୍ଷ ଧରି ବଢ଼ିଥିବା ଜଙ୍ଗଲ ଓ ପ୍ରାକୃତିକ ସମ୍ପଦକୁ ଗୁଳି ଗୋଳା ତୋପରେ ବିଷାକ୍ତ ହୋଇ ଯାଉଛି । କୁହନ୍ତୁ ତ, ଏହା ବ୍ୟତୀତ ଆପଣ ଯୁଦ୍ଧରେ ଅଧିକ କ'ଣ ପାଉଛନ୍ତି, ଲୁହ ଓ ବିନାଶର ଲୀଳା ବ୍ୟତୀତ ଅଧିକ କଣ କରି ପାରୁଛନ୍ତି ? ସୁନା, ରୂପା ଓ ଧନ ସମ୍ପତ୍ତି- ଏ ସବୁ ତ ! ତେବେ ସେ ସବୁ ଖାଇବାକୁ ଦେଲେ ରାଗୁଛନ୍ତି କାହିଁକି ?' ରାଣୀ ବିଶ୍ୱକଲ୍ୟାଣୀ ଏକା ନିଃଶ୍ୱାସରେ କହି ପକାଇଲେ । ମହାରାଜା ଓ ମନ୍ତ୍ରୀ ଜୀବନ୍ତ ପଥର ପାଲଟି କେବଳ ଶୁଣୁଥିଲେ।

ରାଣୀଙ୍କ କଥା ଥିଲା ତୀରଠାରୁ ତୀକ୍ଷ୍ଣ, ଲକ୍ଷ ଥିଲା ମର୍ମଭେଦୀ, ଉଦ୍ଦେଶ୍ୟ ଥିଲା ବିଶ୍ୱକଲ୍ୟାଣ । ରାଜାଙ୍କ ସିଂହ ହୃଦୟଟା ଶରବିଦ୍ଧ ନିରୀହ ହରିଣୀ ଭଳି ଛଟପଟ ହେବାକୁ ଲାଗିଲା । ଦେହ ଓ ମନ ଅନୁତାପ ନିଆଁରେ ସେକି ହେଲା ଭଳି ମନେ ହେଲା । ରାଜା ନିଜର ଭୁଲ୍ ବୁଝିପାରିଲେ । ତାଙ୍କ ପାଟିରୁ ଅଚାନକ ବାହାରିପଡିଲା-'ରାଣୀ ବିଶ୍ୱକଲ୍ୟାଣୀ ! ମୋତେ କ୍ଷମା କର । ସୁନା ରୂପା ଓ ଶାସନର ଲାଳସାରେ ଓ ଅପରିଣାମଦର୍ଶୀ ମନ୍ତ୍ରୀର ତୋଷାମଦିଆ ପ୍ରସ୍ତାବରେ ମୁଁ ଅନ୍ଧ ହୋଇ ଯାଇଥିଲି । ତୁମେ ଆଜି ମୋତେ ମାନବିକତାର ଆଲୋକ ଦେଖାଇଛ, ବିଶ୍ୱ ଶାନ୍ତିର ମନ୍ତ୍ରରେ ମୁଗ୍ଧ କରି ଦେଉଛ, ସୁପ୍ତ ଚେତନାକୁ ଶାଶ୍ୱତ ଚିନ୍ତନର ମଧୁର ସ୍ପର୍ଶ ଦେଇ ଅବାଟରୁ ଫେରେଇ ଆଣି ବିଶ୍ୱ କଲ୍ୟାଣୀ ନାମକୁ ସାର୍ଥକ କରିଦେଇଛ। ବର୍ତ୍ତମାନ ଶପଥ କରୁଛି, ଆଜିଠାରୁ ଆଉ କେବେ ଯୁଦ୍ଧ କରିବି ନାହିଁ ।'

-'ନା ମହାରାଜ୍ ! ମୁଁ ସେ କଥା ବି କହୁନାହିଁ । ଯେତେବେଳେ ରାଜ୍ୟର ସୁରକ୍ଷା ବିପନ୍ନ ହୁଏ, ଶାନ୍ତିର ବାର୍ତ୍ତା ବିଫଳ ହୁଏ, ଅଧର୍ମର ପ୍ରଭାବ ରାଜ୍ୟବାସୀଙ୍କ ସ୍ୱାର୍ଥରେ ଅନିଷ୍ଟ ସାଧନ କରେ- ସେତେବେଳେ ଯୁଦ୍ଧ କରାଯାଇପାରେ । ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ଚାଳନା ହିଂସା ନୁହେଁ, ବରଂ କର୍ତ୍ତବ୍ୟ ଅଟେ। ତେଣୁ ଯୁଦ୍ଧ କରିବା କ୍ଷମତାକୁ ଶାନ୍ତି ଓ ମୈତ୍ରୀ ସ୍ଥାପନ ଦିଗରେ ବିନିଯୋଗ କରାଯିବା ଉଚିତ୍।'

ରାଣୀଙ୍କ ଏଭଳି ମହତ୍ ପରାମର୍ଶ ଶୁଣି ରାଜା ଅଭିଭୂତ ହୋଇ ରାଣୀଙ୍କୁ ଚାହିଁ ରହିଥିଲେ ।

+ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧

# ହ୍ୟାପି ମଦର୍ସ ଡେ'



ନଗେନ୍ଦ୍ର ନାଥ ପଟ୍ଟନାୟକ

'ଘରେ ଯଦି ଫ୍ରିଜ୍ ଥା'ନ୍ତା ମୁଁ ବେଶ୍ ଆରାମରେ ବସି ଆଇସକ୍ରିମ ଖାଆନ୍ତି ।' ପଣତକାନିରେ ମୁହଁରୁ ଝାଳପୋଛି ମାଆ କହିଲେ । ସେଉଠୁ ଟିକିଲ ପଚାରିଲା 'ତା'ହେଲେ ଆଜି କଣ ତମର ଜନମଦିନ ?' 'କାଇଁକି ?' ମାଆ ତଟକା ହେଇ ପଚାରିଲେ । ମୁଁ ତ ସଦାବେଳେ ଜନ୍ମଦିନରେ ଆଇସ୍‌କ୍ରିମ ଖାଏ ନା . . . ।' ଟିକିଲି ଆଖି ମିଟିମିଟି କରି କହିଲା ।

ତପୁ କହିଲା - 'ନାଇଁ, ଆଜି ପରା ମଦର୍ସ ଡେ । ମୁଁ ଦେଖିଲି ମାଆ ଆଉ ରାଜିବ ଭାଇ ଦୁହେଁ ଘର ପୋଛାପଛି କାମରେ ଲାଗିପଡିଛନ୍ତି । ସେତେବେଳେ ମୁଁ ଶୁଣିଥିଲି ରାଜିବ ଭାଇ ତା ମାଆଙ୍କୁ 'ହ୍ୟାପି ବାର୍ଥ ଡେ' କହୁଛନ୍ତି ।

ଟିକିଲ ପ୍ରଶ୍ନକଲା - 'ମଦର୍ସ ଡେ କଣ ?'

- ସେଦିନ ସମସ୍ତେ ନିଜ ମାଆଙ୍କୁ ବହୁତ ସ୍ନେହ ଆଦର କରନ୍ତି । ତପୁ ବୁଝାଇଲା ।

-ଆମେ ତ ମାଆଙ୍କୁ ନିଇତି ବହୁତ ଭଲପାଉଛୁ। ଟିକିଲି ହସିହସି କହିଲା । ମା'ଙ୍କ ମୁହଁରେ ହସର ଢେଉ ଖେଳିଗଲା । ଖୁସିରେ ଉଚ୍ଛୁଳିଉଠି ପିଲାମାନଙ୍କୁ କୋଳେଇ ନେଲେ ମାଆ । ଏତିକିବେଳେ ଟିକିଲ କହିଲା - 'ଫ୍ରିଜ ନ ଥିଲେ କ'ଣ ହେଲା ମୁଁ ବଜାର ଯାଇ ତମପାଇଁ ଆଇସ୍‌କ୍ରିମ ନେଇ ଆଣୁଛି ।'

ମାଆ କହିଲେ- 'ବାହାରେ ତ ଭୀଷଣ ତାତି । ଟାଇଁ ଟାଇଁ ଖରା । ରାସ୍ତାଘାଟରେ ଖଇ ଫୁଟୁଛି । ସେଥିପାଇଁ ପରା କହୁଥିଲି ଏବେ ମୋ ମନ ହଉନି ଆଇସ୍ କ୍ରିମ ଖାଇବା ପାଇଁ ।'

ଟିକିଲ ଆଉ ତପୁ ଦୁହେଁ ପରସ୍ପର ଅନାଅନି ହେଲେ । ହାତ ଧରାଧରି ହୋଇ ଦୁହେଁ ପାଖ ବଜାର ଆଡେ ଦୌଡିବାକୁ ଲାଗିଲେ । ରାସ୍ତାର ଅପର ପାର୍ଶ୍ୱରେ ଆଇସକ୍ରିମ ବିକାଳି ଛିଡା ହୋଇଥିଲା । ଟିକିଲ ତା ପାଖକୁ ଛୁଟିଯାଇ ପଚାରିଲା - 'ମଉସା ! ସବୁଠୁ କମଦାମର ଆଇସକ୍ରିମ କିଣିଲେ କେତେ ପଇସା ଲାଗିବ ?

-ମାତ୍ର କୋଡିଏ ଟଙ୍କା ।

'କେତେ ପଇସା ତୋ ପାଖରେ ରଖିଛୁ ।' ପଛପଟେ ଛିଡା ହୋଇଥିବା ତପୁର କାନ୍ଧକୁ ହଲେଇ ଦେଇ ଟିକିଲି ପଚାରିଲା ।

-ଦଶଟଙ୍କା । ତପୁ ହାତମୁଠା ଫିଟେଇ ପଇସା ଗଣି କହିଲା ।

ଦୁହେଁ ଚୁପଚାପ ଛିଡାହୋଇ ଆଇସକ୍ରିମ ଠେଲାଗାଡିକୁ ଅନେଇ ଥା'ନ୍ତି । ଏତିକିବେଳେ ଟିକିଲି କହିଲା -ମୋ ତଂଟି ଶୁଖିଯାଉଛି । ତପୁ ଇଆଡେ ସିଆଡେ ଆଖି ବୁଲାଇଲା । କନ୍ତୁ ଡହଡହ ଖରା ଯୋଗୁଁ ହୋଟେଲ ମାଲିକ ମଧ୍ୟ ରାସ୍ତା ଉପରେ ଛିଡାହୋଇ ଚିଲୋଉଛି । ଚାରିଆଡେ ଖାଁ ଖାଁ , ଶୁନଶାନ୍ । କିଏ କୁଆଡେ ଆଖିକି ଦିଶୁନାହାନ୍ତି । ଦୁହିଁଙ୍କ ଦେହରୁ ଗମଗମ ହୋଇ ଝାଳ ନିଗିଡିପଡୁଛି । ଦୁହେଁ ଝାଳନାଳ ହୋଇ ଗୋଟାପଣେ ଗାଧୋଇ ପଡିଲେଣି । ହେଲେ ଆଇସ୍‌କ୍ରିମ ନ ନେଇ ମାଆଙ୍କ ପାଖକୁ ଯିବେ ବା କେମିତି ? ସେ ଦୁହେଁ ସେଇଠି ଏକ ଝଙ୍କାଳିଆ ଗଛମୂଳ ଶୀତଳ ଛାଇତଳେ ଛିଡାହେଲେ। କେତେ ବା ଛିଡାହେବେ ? ଗୋଡ ଦି'ଟା କ୍ଳାନ୍ତ ହୋଇଯିବାରୁ ଦୁହେଁ ଗଛକୁ ଆଶ୍ରାକରି ଲଥକିନା ବସିପଡିଲେ । ସେମାନଙ୍କ ଆଖିଯୋଡିକ ଏବେ ବି ସେଇ ଆଇସକ୍ରିମ ଠେଲାଗାଡି ଉପରେ ଲାଖି ରହିଥାଏ । ମଝିରେ ମଝିରେ ଶୀତଳ ମୃଦୁ ପବନ ସେମାନଙ୍କ ମୁହଁକୁ ଆଉଁଶି ଦେଉଥାଏ । କେତେବେଳେ ସେ ଦୁହିଁଙ୍କ ଆଖିପତା ଲାଗିଗଲା ଜାଣିପାରିଲେ ନାହିଁ। ଦୁହେଁ ବସୁବସୁ ଗାଢ ନିଦରେ ଶୋଇପଡିଲେ ।

ଟିକିଏ ପରେ ଟିକିଲି ହାଉଳି ଖାଇଲା -ମିଠା ମିଠା, ଥଣ୍ଡା ଥଣ୍ଡା ।

-ବହୁତ ବଢିଆ । ଓଠରେ ଜିଭଟାକୁ ବୁଲାଇଆଣି ତପୁ କହିଲା

ଏବେ ତୁମେ ଦୁହେଁ କ'ଣ ନିଦରେ ଆଇସକ୍ରିମ ଖାଇବ ?

ଟିକିଲି ଓ ଓ ତପୁ ହଡବଡେଇ ଯାଇ ଉଠିପଡିଲେ । ଦେଖିଲେ ମାଆ ସାମନାରେ



ମୁରୁକି ମୁରୁକି ହସି ଛିଡା ହୋଇଛନ୍ତି । ତାଙ୍କର ଦୁଇ ହାତରେ ଦୁଇଟି ଆଇସକ୍ରିମ ।

-ଆରେ ମାଆ, ତମ କଣ ଏଠି ? ତପୁ ଆଶ୍ଚର୍ଯ୍ୟ ହୋଇ କହିଲା ।

-ମୁଁ ଭାବିଲି ତୁମେ ଦୁହେଁ କାଳେ ଆଇସକ୍ରିମ ନେଇ ଜହ୍ନମାମୁଁ ପାଖକୁ ଚାଲିଯାଇଥିବ । ତେଣୁ ଦେଖିବାକୁ ଚାଲିଆସିଲି । ମା ଶରଧାରେ କହିଲେ। ଟିକିଲି ଖୁସିରେ ଗଦଗଦ ହେଇ କହିଲା- ଆମେ ତମକୁ ଆଇସକ୍ରିମ ଖୋଇବାକୁ ଚାହୁଁଥିଲୁ ।

-ହଁ , ଆଜି ମଦର୍ସ ଡେ ନା । ଚମକିଲା ପରି ଆଖିରେ ତପୁ କହିଲା । ମା ମୁରୁକି ମୁରୁକି ହସି ଦୁହିଁଙ୍କ ହାତରେ ଆଇସକ୍ରିମ ଧରାଇ ଦେଲେ । ତପୁ କହିଲା -ମା'ଙ୍କର ମଦର୍ସ ଡେ ସେବେ ପାଳିତ ହୁଏ ଯେତେବେଳେ ସିଏ ନିଜ ପିଲାଙ୍କ ସାଥିରେ ଥାନ୍ତି । ତପୁ ପାଟିରୁ କଥା ଛଡେଇ ଆଣି ଟିକିଲି କହିଲା - 'ହଁ-ହଁ , ଯେତେବେଳେ ସିଏ ଆମ ସାଙ୍ଗରେ ଥଣ୍ଡା ଥଣ୍ଡା ଆଇସକ୍ରିମ ଖାଆନ୍ତି ।' ତା ଆଗ ମାଢିର ଦିଟା ଭଙ୍ଗାଦାନ୍ତ ଦେଖାଇ ଖିଲିଖିଲି ହୋଇ ହସୁଥିଲା ଟିକିଲି ।

୯୯୯-୩, ଜଗମୋହନ ନଗର
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ: ବାଚସ୍ପତି

ଭୁବନେଶ୍ୱର,୬/୦୫ (ନି.ପ୍ର): ଓଡ଼ିଶାର ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ ସଂପର୍କିତ ଅନୁଧ୍ୟାନ ପାଇଁ ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଗୃହ କମିଟି ବୈଠକ ବିଧାନସଭାର ୫୪ ନଂ ପ୍ରକୋଷ୍ଠରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ।

ବାଚସ୍ପତି ଡଃ. ପାତ୍ର କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟପନ୍ଥା ସଂପର୍କରେ ଆଲୋକପାତ କରିବା ସହିତ ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି । କମିଟିର ସଦସ୍ୟମାନେ ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁ ପରିଚାଳନା, ଶିଳ୍ପସଂସ୍ଥା ଦ୍ୱାରା ବିଭିନ୍ନ ଜଳାଶୟକୁ ଛଡ଼ାଯାଉଥିବା ପ୍ରଦୂଷିତ ଜଳ, ବିଭିନ୍ନ ସହରାଂଚଳ ଓ ଗ୍ରାମାଂଚଳ ବିଶୁଦ୍ଧିକରଣ ଉପରେ ଆଲୋଚନା କରିଥିଲେ । ଚଳିତବର୍ଷ ନୂତନ ସବ୍ କମିଟି ଗଠନ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବାଚସ୍ପତି ଡଃ ପାତ୍ରଙ୍କୁ ଅନୁରୋଧ କରିଥିଲେ। କମିଟିମାନେ କୌଣସି ଜିଲ୍ଲାକୁ ଗସ୍ତ କରିବା ପୂର୍ବରୁ ସ୍ଥାନୀୟ ବିଧାୟକମାନଙ୍କୁ ଅବଗତ କରିବା ପରମ୍ପରାକୁ ଅବ୍ୟାହତ ରଖିବାକୁ ବାଚସ୍ପତି ଡଃ ପାତ୍ର ପରାମର୍ଶ ଦେଇଛନ୍ତି । ନୂତନ ସବ୍ କମିଟି ଗଠନ ହେଲା ପରେ ସଦସ୍ୟମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ପରିବେଶ ପ୍ରଦୂଷଣ ସମ୍ପର୍କିତ ରିପୋର୍ଟ ମୁଖ୍ୟ କମିଟିକୁ ବିଚାର ନିମନ୍ତେ ପ୍ରଦାନ କରିବେ ବୋଲି ବାଚସ୍ପତି ଡଃ ପାତ୍ର ପ୍ରକାଶ କରିଛନ୍ତି । ପରିବେଶ ପ୍ରଦୂଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ପରିବେଶ ପ୍ରଦୂଷଣକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ପରିବେଶ ପ୍ରଦୂଷଣ ଉପରେ ରୋକ ଲଗାଯାଇପାରିବ ବୋଲି ବରିଷ୍ଠ ବିଧାୟକ ଅମର ଶତପଥି ପ୍ରକାଶ କରିଛନ୍ତି । ଜିଲ୍ଲା ଅନୁଯାୟୀ କମିଟି ଗଠନ କରାଗଲେ ଭଲ ହୁଅନ୍ତା ବୋଲି ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରକାଶ କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ବରିଷ୍ଠ ବିଧାୟକ ନରସିଂହ ମିଶ୍ର, ବଦ୍ରି ନାରାୟଣ ପାତ୍ର, ପ୍ରଶାନ୍ତ ମୁଦୁଲି, ସୁଶାନ୍ତ ବେହେରା, ପ୍ରଣବ ବଳବନ୍ତରାୟ, ଡଃ ସି.ଏସ୍. ରାଜେନ ଏଗା, ସୁବାସ ଚନ୍ଦ୍ର ବେହେରା, ଶ୍ରୀମତୀ ମିନାକ୍ଷୀ ମହନ୍ତ, ପ୍ରକାଶ ସୋରେନ୍, ସରୋଜ କୁମାର ମେହେର, ଦାଶରଥି ଗମାଙ୍ଗୋ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ମୋନା ଶର୍ମା , ବିଧାନସଭା ସଚିବ ଦାଶରଥି ଶତପଥି, ନିର୍ଦ୍ଦେଶକ ପରିବେଶ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ ନନ୍ଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଯନ୍ତ୍ରୀ(ପରିବେଶ) ସିତିକାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମୋ ବସ୍ ସେବାରେ ସାମିଲ ହେବ ଇ- ବସ୍



ଭୁବନେଶ୍ୱର, ୬/୦୫ (ନି.ପ୍ର): ମୋ ବସ୍ ସେବାରେ ଖୁବ୍ ଶୀଘ୍ର ବ୍ୟାଟେରୀ ଚାଳିତ ବା ଇ-ବସ୍ ସାମିଲ ହେବ ବୋଲି ରାଜ୍ୟରେ "ମୋ ବସ" ସେବା , କ୍ରୁଟ୍ ସଂପର୍କରେ ସମୀକ୍ଷା କରି ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ।

ସେ କହିଛନ୍ତି ରାଜ୍ୟ ରାଜଧାନୀ ସହରାଂଚଳରେ ପରିବହନ କ୍ଷେତ୍ରରେ କ୍ରୁଟ୍ , "ମୋ ବସ" ସେବା ଆଜି ଏକ ଅତ୍ୟାଧୁନିକ ଆରାମ ଦାୟକ ଜନସାଧାରଣ ପରିବହନ ବ୍ୟବସ୍ଥା ଭାବେ ଉଭା ହୋଇଛି । ସହରୀ ଯାତାୟତ ସେବାରେ ସଂସ୍କାର ଆଣିବାର ଆଦର୍ଶ ଭାବେ ଜାତୀୟ ସ୍ତରରେ ଏକ ମଡେଲ । ବର୍ତ୍ତମାନ ୩୨ ଟି ରୁଟ୍‌ରେ ଚଳାଚଳ କରୁଥିବା ୨୨୫ ଟି ବସ୍‌ରେ ଭୁବନେଶ୍ୱର , କଟକ , ଖୋର୍ଦ୍ଧା , ପିପିଲି , କୋଣାର୍କ ଓ ପୁରୀ ଭଳି ସହର ଦୈନିକ ହାରାହାରି ୧.୫ ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି । ଏହି ସବୁ ବସ୍ ଗୁଡିକ ସୁ-ବ୍ୟବସ୍ଥିତ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି । ୨୦୧୯ ମସିହାରୁ ପ୍ରତି ବର୍ଷ ଦୈନିକ ଯାତ୍ରୀ ପରିବହନ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି । ଇତି ମଧ୍ୟରେ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମୋ ଇ-ରାଇଡ୍ , ଇ – ରିକ୍ସା ସେବା ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ଲୋକମାନେ ମୋ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ବସ୍ ଧରି ନିଜ ଗନ୍ତବ୍ୟ ସ୍ଥଳିକୁ ଯାଇ ପାରିବେ । ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୦ ଯାତ୍ରୀ ଅପେକ୍ଷା ପାଇଁ ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଛି । ପଟିଆ ଓ ଭଗବାନପୁରରେ ଅତ୍ୟାଧୁନିକ ବସ୍ ଡିପୋ ନିର୍ମିତ ହୋଇଥିବା ବେଳେ ଗାଡକଣ , ପୋଖରିପୁଟ ଓ ନରାଜ ଠାରେ ଡିପୋ କମ୍ ଅଫିସ ନିର୍ମାଣ କାର୍ଯ୍ୟ ଚାଲିଛି । କ୍ୟାପିଟାଲ ରିଜିଅନର ବିଭିନ୍ନ ଅଭ୍ୟନ୍ତରରେ ସେବା ପ୍ରଦାନ ପାଇଁ ପ୍ରାୟ ୧୦୦ ମିନି ବସ୍ ଚଳାଚଳ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ମୋ ବସ୍ ସେବା ୨୦୧୯ ରୁ ୨୦୨୧ ମଧ୍ୟରେ ଜାତୀୟ ସ୍ତରରେ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ୭ ଟି ପୁରସ୍କାର ପାଇ ପାରିଛି । ଆଗାମୀ ଦିରେ କିପରି ଏହାକୁ ଆହୁରି ଅଧିକ ବ୍ୟାପକ ଓ ସୁଦୃଢ଼ କରାଯାଇ ପାରିବ ସେ ନେଇ ଉଦ୍ୟମ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି । ଲୋକସେବା ଭବନସ୍ଥିତ ମନ୍ତ୍ରୀ ଶ୍ରୀ ଜେନାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂହ ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

# ଏମ୍ସ ଭୁବନେଶ୍ୱରରେ ବିଶ୍ୱ ହାତଧୁଆ ଦିବସ ପାଳିତ

ଭୁବନେଶ୍ୱର,୬/୦୫ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ଗୁରୁବାର ଦିନ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି । ଡାକ୍ତରଖାନା ସଂକ୍ରମଣ ନିୟନ୍ତ୍ରଣ କମିଟି ଏବଂ ଏମ୍ସ ଭୁବନେଶ୍ୱର ଗୁଣାତ୍ମକ ପରିଷଦର ସଦସ୍ୟଙ୍କ ସହ ମେଡିକାଲ୍ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ନର୍ସିଂ ଅଫିସର, ବରିଷ୍ଠ ଅଧିକାରୀ, ସ୍ୱଚ୍ଛତା କର୍ମଚାରୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ। ସଂକ୍ରମଣ ନିରାକରଣ ଏବଂ ନିୟନ୍ତ୍ରଣରେ ହାତଧୁଆର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତପ୍ରକାଶ ପାଇଥିଲା । ବିଶେଷକରି କୋଭିଡ ମହାମାରୀ ଆମ୍ଭମାନଙ୍କୁ ହାତଧୁଆର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଛି ।

ଏମ୍ସ ଭୁବନେଶ୍ୱର ସଂକ୍ରମଣ ନିୟନ୍ତ୍ରଣ ଅଧିକାରୀ ଡ. ବିଜୟିନି ବେହେରା ଏହି ସମାବେଶକୁ ସମ୍ବୋଧିତ କରିଥିଲେ। ହାତଧୁଆ ସମ୍ପର୍କରେ ଅଧିକ ଜାଗରୁକତା ଆଣିବା ଏବଂ ସଚେତନତା ସୃଷ୍ଟି ନିମନ୍ତେ କାର୍ଯ୍ୟକ୍ରମ ଅବସରରେ ଏକ ସେଲଫି ପଏଂଟର ବ୍ୟବସ୍ଥା ହୋଇଥିଲା । ଯାହାକି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସେହିପରି ଏକ ଦସ୍ତଖତ ଅଭିଯାନ ବୋର୍ଡ ମାଧ୍ୟମରେ ସମସ୍ତେ ସ୍ୱଚ୍ଛତା ଏବଂ ହାତଧୁଆକୁ ନେଇ ମତ ରଖିଥିଲେ । ସଂକ୍ରମଣ ନିୟନ୍ତ୍ରଣ ନର୍ସିଂ ଦଳ ଏବଂ ସହକାରୀ ନର୍ସିଂ ଅଧିକାରୀ ମାନେ ହାତ ଧୋଇବା ପଦକ୍ଷେପର ବାର୍ତ୍ତା ସହିତ ଏକ ସଚେତନତାଧର୍ମୀ ନୃତ୍ୟ ପରିବେଷଣ କରିଥିଲେ । ଏହା ପରେ ୱାର୍ଡ, ଆଇସିୟୁ ଏବଂ ହସ୍ପିଟାଲର ଅନ୍ୟାନ୍ୟ ସ୍ଥାନରେ ସଂକ୍ରମଣ ନିୟନ୍ତ୍ରଣ ନର୍ସିଂ ଅଧିକାରୀଙ୍କ ଦ୍ୱାରା ହ୍ୟାଣ୍ଡ ହାଇଜିନ୍ ବ୍ୟାଜ୍ ବଣ୍ଟନ ଏବଂ ସଚେତନତା ବାର୍ତ୍ତା ପ୍ରଦାନ ଅଭିଯାନ ହାତକୁ ନିଆଯାଇଥିଲା ।

# ଅଖାଦ୍ୟ ଖାଉଛି ଓଡ଼ିଶା : ବରବାଦ ହେଲ । ୨୪ କୋଟି



ଭୁବନେଶ୍ୱର ,୬/୦୫ (ନି.ପ୍ର): ଅଖାଦ୍ୟ ଖାଉଛି ଓଡ଼ିଶା । ବରବାଦ୍ ହେଲା ସରକାରଙ୍କ ୨୩ କୋଟି ୭୫ ଲକ୍ଷ ଟଙ୍କା । ହେଲେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କଲାଣି । ଏପ୍ରିଲରେ ଖାଦ୍ୟ ଏବଂ ସାଧାରଣ ବିତରଣ ବିଭାଗ ସହକାରୀ ନିର୍ଦ୍ଦେଶକ ପ୍ରୀତି ଶୁକ୍ଲାଙ୍କ ଗଠିତ ଯାଞ୍ଚ ରିପୋର୍ଟ ୯୧ ପ୍ରତିଶତ ଚାଉଳ ନିମ୍ନମାନର ବୋଲି ପାଇଥିଲେ । ଏଥିରୁ ୩୯ଷ୍ଟାକ୍ ଚାଉଳ ଗୋଖାଦ୍ୟ ବୋଲି ପାଇଛି । ପ୍ରୀତି ଶୁକ୍ଲାଙ୍କ ଏହି ରିପୋର୍ଟରେ କେବଳ ଚାଉଳ ନୁହେଁ, ବରଂ ପୁରୁଣା ବସ୍ତା ବ୍ୟବହାର, ଗୋଦାମକୁ ନେଇ ପ୍ରଶ୍ନ ଉଠାଯାଇଛି । ପିଡିଏସ, ଆଇସିଡିଏସ ଏବଂ ସ୍କୁଲ ମଧ୍ୟାହ୍ନ ଭୋଜନରେ ବିତରଣ ହେଉଥିବା ୧ କ୍ୱିଣ୍ଟାଲ ଚାଉଳ ପିଛା ସରକାର ଖର୍ଚ୍ଚ କରୁଛନ୍ତି ୩୫ ଶହ ଟଙ୍କା । ଫେବ୍ରୁଆରି ମାସରେ ସମ୍ବଲପୁର, ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା, ଦେବଗଡ଼, ସୁବର୍ଣ୍ଣପୁର, ସୁନ୍ଦରଗଡ଼, କଳାହାଣ୍ଡି ଜିଲ୍ଲାର ଚାଉଳ ଯାଞ୍ଚ କରି ୩୯ ଷ୍ଟାକ ଅର୍ଥାତ ୧୭୪୦ କ୍ୱିଣ୍ଟାଲ ଅଖାଦ୍ୟ ଅର୍ଥାତ ଖାଇବା ପାଇଁ ଅଯୋଗ୍ୟ ବୋଲି ପାଇଥିଲା । ଅର୍ଥାତ ୧୭୪୦ କ୍ୱିଣ୍ଟାଲ ବାବଦରେ ସରକାର ପାଖାପାଖି ୨୪ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ରାଜ୍ୟର ଗରିବ ଲୋକଙ୍କ ପେଟକୁ ଦାନା ଦେବା ପାଇଁ । ମାତ୍ର ମିଲର ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କ ଯୋଗୁଁ ୨୪ କୋଟି ଟଙ୍କାର ଚାଉଳ ଅଖାଦ୍ୟରେ ପରିଣତ ହୋଇସାରିଛି । ଯାହା ନଷ୍ଟ କରିବା ପାଇଁ କେନ୍ଦ୍ରୀୟ ଟିମ ସୁପାରିସ କରିଛି । ଅର୍ଥାତ ଏହି ଚାଉଳକୁ ମଦଭାଟି କିମ୍ବା ଗୋଶାଳାରେ ବିକ୍ରି ପାଇଁ ନିଲାମ ଡକାଯିବ । ପ୍ରୀତି ଶୁକ୍ଲାଙ୍କ ଟିମ କେବଳ ୯ଟି ଜିଲ୍ଲାର ଚାଉଳ ଯାଞ୍ଚ କରି ଏତେ କୋଟି ଟଙ୍କାର ଚାଉଳ ଅଖାଦ୍ୟ ବୋଲି ଜାଣିବାକୁ ପାଇଲେ ସମୁଦାୟ ରାଜ୍ୟର ଚାଉଳ ଯାଞ୍ଚ କରିଥିଲେ ସ୍ଥିତି କଣ ହୋଇ ଥାଆନ୍ତେ ସ୍ୱଷ୍ଟ ଅନୁମାନ କରାଯାଇ ପାରେ । ଅନ୍ୟ ଦିଗରେ ଜୀବନ ସହିତ ଚାଉଳ ପ୍ରସଙ୍ଗରେ ଏତେ କୋଟି ଟଙ୍କାର ଅନିୟମିତତା କେନ୍ଦ୍ରୀୟ ଟିମ ଚିହ୍ନଟ କରିଥିଲେ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ସଚିବଙ୍କ ରହସ୍ୟମୟ ନିରବତା ସମୁଦାୟ ଘଟଣାକୁ ଜଟିଳ କରି ଦେଉଛି । ରାଇସ ମିଲରଙ୍କ ପ୍ରତି ଯୋଗାଣ ବିଭାଗର ନରମ ଆଭିମୁଖ୍ୟ ଏହା ପ୍ରଥମ ନୁହେଁ; ଧାନ ସଂଗ୍ରହ ସମୟରେ ବାରମ୍ବାର ଦେଖାଯାଏ । ଗୁଣାତ୍ମକ ମାନ ଆଳରେ ରାଇସ ମିଲରମାନେ ଚାଷୀଙ୍କ କ୍ୱିଣ୍ଟାଲ-କ୍ୱିଣ୍ଟାଲ ଧାନ କାଟି ଦିଅନ୍ତି । ଘଣ୍ଟା-ଘଣ୍ଟା ଚାଷୀ ଅପେକ୍ଷା କରାଇ ହୀନସ୍ତା କରାନ୍ତି । ଏହି ସମୟରେ ଯୋଗାଣ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ମିଲରଙ୍କ ପକ୍ଷଭୁକ୍ତ ହୋଇ କଟନିଛଟନିକୁ ସମର୍ଥନ କରନ୍ତି । ଆଜି ମିଲର ଅଖାଦ୍ୟ ଦେଉଥିବା କେନ୍ଦ୍ରୀୟ ସରକାରୀ ଟିମ ରିପୋର୍ଟ ଦେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଆଶ୍ଚର୍ଯ୍ୟଜନକ । ପ୍ରୀତି ଶୁକ୍ଲଙ୍କ ଟିମ ଚାଉଳ ନୁହେଁ ତାଙ୍କ ରିପୋର୍ଟରେ ବିଭିନ୍ନ ଜିଲ୍ଲାର ଗୋଦାମ ଯାଞ୍ଚ ବେଳେ ୨୦୨୦ ମସିହାର ବସ୍ତା ବ୍ୟବହାର, ଗୋଦାମ ଛାତରେ କଣା, ଆର୍ଦ୍ରତା ମାପିବା ପାଇଁ ବ୍ୟବହୃତ ମଶ୍ଚର ମିଟର ଅକାମି ହୋଇ ପଡ଼ିବା, ସିଏମଆର(ଧାନ ବଦଳରେ ରିସାଇକ୍ଲିଂ ଚାଉଳ) ସମ୍ପର୍କରେ ତଥ୍ୟ ନଥିବା, ଷ୍ଟୋରେଜ ବେଳେ ଧାନ ନଷ୍ଟ ହେବା ଭଳି ଦେଖିବାକୁ ପାଇଛନ୍ତି । ଧାନ ସଂଗ୍ରହ ବେଳେ ସ୍ୱତନ୍ତ୍ର ବସ୍ତା ବ୍ୟବହାର ପାଇଁ ମଧ କୋଟି-କୋଟି ଟଙ୍କା ଖର୍ଚ୍ଚ ହୁଏ । ଯଦି ଦୁଇ ବର୍ଷ ପୁରୁଣା ବସ୍ତା ଗୋଦାମରେ ବ୍ୟବହାର ହେଉଛି ସେହି ଟଙ୍କା କେଉଁଠିକୁ ଯାଉଛି ?

# ମଇ ମାସ ସୁଦ୍ଧା ସଂପୂର୍ଣ୍ଣ ହେବ ଆଠଗଡ଼ ବସଷ୍ଟାଣ୍ଡ ନିର୍ମାଣ



ଭୁବନେଶ୍ୱର,୬/୦୫ (ନି.ପ୍ର): ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଆଠଗଡ଼ ବସଷ୍ଟାଣ୍ଡର ସମସ୍ତ ନିର୍ମାଣ କାର୍ଯ୍ୟ ମଇ ମାସ ଶେଷସୁଦ୍ଧା ସଂପୂର୍ଣ୍ଣ ହେବ । ଗୁରୁବାର ଲୋକସେବା ଭବନଠାରେ ଯୋଜନା ଓ ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇ ଏହି ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ ଆଠଗଡ଼ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷକରି ଏହାକୁ ଯଥାଶୀଘ୍ର ଯାତ୍ରୀମାନଙ୍କ ନିମନ୍ତେ ଲୋକାର୍ପିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଆଠଗଡ଼ ବସଷ୍ଟାଣ୍ଡର ମୂଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ବସଷ୍ଟାଣ୍ଡର ପାଚେରୀ, ଗେଟ୍, ସଂଯୋଗକାରୀ ରାସ୍ତା କାର୍ଯ୍ୟ ନିର୍ମାଣଧୀନ ରହିଛି । ବସଷ୍ଟାଣ୍ଡ କାର୍ଯ୍ୟାଳୟର ଆସବାବପତ୍ର, ଯାତ୍ରୀମାନଙ୍କ ବସିବା ସୁବିଧା, ଫ୍ୟାନ ଓ ଆନୁଷଙ୍ଗିକ ସୁବିଧାର ନିର୍ମାଣ କାର୍ଯ୍ୟ ମଇ ମାସ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ପରିବହନ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରାୟ ୪ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ବସଷ୍ଟାଣ୍ଡ ନିମନ୍ତେ ବକେୟା ଥିବା ସମସ୍ତ ଅର୍ଥ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ସପ୍ତାହକ ମଧ୍ୟରେ ପ୍ରଦାନ କରାଯିବ । ଏଥିସହିତ ବସଷ୍ଟାଣ୍ଡରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ଆସବାବପତ୍ର, ସିସିଟିଭି ଏବଂ ଜେନେରେଟର ବ୍ୟବସ୍ଥା ପାଇଁ ଅତିରିକ୍ତ ଅର୍ଥ ଆବଂଟନ ନିମନ୍ତେ ରାସ୍ତା ଓ ଗୃହ ବିଭାଗର ଚାରବାଟିଆ ସର୍କଲର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ସଂଶୋଧିତ ବ୍ୟୟ ଅଟକଳ ସପ୍ତାହକ ମଧ୍ୟରେ ବିଭାଗକୁ ପ୍ରଦାନ କରାଯିବ ।

ବୈଠକର ସୂଚନା ଅନୁଯାୟୀ ନବନିର୍ମିତ ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ, ଜଗୁଆଳି ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ନିମନ୍ତେ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପ୍ରଦାନ ନିମନ୍ତେ ଓଡ଼ିଶା ରାଜ୍ୟ ପରିବହନ ନିଗମ ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ରାଜ୍ୟ ପରିବହନ ନିଗମର ଜେନେରାଲ ମ୍ୟାନେଜର, ଆଡ୍‌ମିନିଷ୍ଟ୍ରେସନ ବ୍ରଜଗୋପାଳ ଆଚାର୍ଯ୍ୟ, ଚାରବାଟିଆ ରାସ୍ତା ଓ ଗୃହ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଆଠଗଡ଼ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୪ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୬/୦୫ (ନି.ପ୍ର): ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୯ଟି ଜିଲ୍ଲାରୁ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୧ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।



# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୬/୦୫ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗର 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ସଫଳ ରୂପାୟନ ପାଇଁ ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ସ୍ଥାନୀୟ ଶିରିପୁରସ୍ଥିତ ଇମେଜ ସମ୍ମିଳନୀ କକ୍ଷରେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିଃ (ଆପିକଲ) ତରଫରୁ ଆୟୋଜିତ ହୋଇଯାଇଛି । ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା ଏହାର ଉଦଘାଟନ କରିଥିବା ବେଳେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ସଂଶ୍ଳିଷ୍ଟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ପ୍ରାଣୀଚିକିତ୍ସା ଓ ପ୍ରାଣୀପାଳନ ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ଆଦି ନିର୍ଦ୍ଦେଶକମାନେ କର୍ମଶାଳା ସମ୍ବନ୍ଧରେ ନିଜ ନିଜର ଉଦ୍‌ବୋଧନୀ ଭାଷଣ ପ୍ରଦାନ କରିଥିଲେ ।

କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ କୃଷି ଉଦ୍ୟୋଗ ଯୋଜନାର ପ୍ରତିକାତ୍ମକ ଲୋଗା ଓ ସାମାଜିକ ଗଣମାଧ୍ୟମରେ ପ୍ରସାରଣଯୋଗ୍ୟ ଭିଡ଼ିଓ ଉନ୍ମୋଚନ କରିଥିଲେ । ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରୂପରେଖ ଓ ପରିବର୍ତ୍ତିତ ମାର୍ଗଦର୍ଶିକା ସମ୍ବନ୍ଧରେ ଆଲୋଚନା ତଥା ଗୋ-ସୁଗମ ପୋର୍ଟାଲର ବ୍ୟବହାର ଓ ଉପଯୋଗିତା ସମ୍ବନ୍ଧରେ ପ୍ରଦର୍ଶନ କରାଯାଇଥିଲା । ପ୍ରକାଶ ଥାଉ କି, ସଂପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ଗୋ-ସୁଗମ ପୋର୍ଟାଲ ହେଉଛି ଗୋଟିଏ ଏକକ ପ୍ଲାଟଫର୍ମ, ଯାହା ମାଧ୍ୟମରେ ଜଣେ କୃଷି ଉଦ୍ୟୋଗୀ ବିଭିନ୍ନ ସେବାର ସୁବିଧା ହାସଲ କରିପାରିବ । ପରିଶେଷରେ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀଙ୍କ ମତ ସଂଗ୍ରହ କରାଯାଇଥିଲା ।

# ସାଂସ୍କୃତିକ ଦଳଙ୍କ ପାଇଁ କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ

ଭୁବନେଶ୍ୱର,୬/୦୫ (ନି.ପ୍ର): ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସଂସ୍କୃତି ଭବନରେ କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରି କହିଛନ୍ତି ଯେ କଳାକାର ଓ ସାଂସ୍କୃତିକ ଦଳମାନଙ୍କର ବହୁଦିନର ଆକାଂକ୍ଷା ଆଜି ପୂର୍ଣ୍ଣ ହୋଇଛି । ପ୍ରଯୁକ୍ତିବିଦ୍ୟାପ୍ରସୂତ ଏହି ବ୍ୟବସ୍ଥା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସାଂସ୍କୃତିକ ଦଳମାନଙ୍କର ବିବିଧ କାର୍ଯ୍ୟଗୁଡ଼ିକୁ ସହଜ ଓ ସୁବିଧାରେ କରିବା ପାଇଁ ସିଟିଏମ୍ଏସ୍ ଆପ୍ଲିକେସନ୍ କୁ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ଶେଷ ସମୟରେ ଉପୁଜୁଥିବା ଅସୁବିଧାଗୁଡ଼ିକୁ ଏଡ଼ାଇ ଦିଆଯିବା ସହିତ ସମସ୍ତଙ୍କୁ କଳା ପରିବେଷଣ କରିବାକୁ ସମାନ ସୁଯୋଗ ମିଳିପାରିବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି । ଅନୁଷ୍ଠାନମାନଙ୍କ ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ବିଭାଗ ତରଫରୁ ସେମାନଙ୍କୁ ପ୍ରେରଣ କରାଯାଇଥାଏ । ଏହି ପ୍ରକ୍ରିୟାକୁ ସହଜ, ସୁଗମ୍ୟ ତଥା ତ୍ୱରାନ୍ୱିତ କରିବାକୁ ବିଭାଗ ପକ୍ଷରୁ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି । ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଅନୁଷ୍ଠାନମାନେ ଆସନ୍ତା ଜୁନ୍ ୧୫, ୨୦୨୨ ସୁଦ୍ଧା ଆବଶ୍ୟକୀୟ ସୂଚନା ସହ ctms-ollc.in ମାଧ୍ୟମରେ ନିଜକୁ ପଂଜୀକୃତ କରିନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଅନୁରୋଧ କରିଛନ୍ତି । ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ , ଓଡ଼ିଆ ଭାଷା ପ୍ରତିଷ୍ଠାନର ପରାମର୍ଶଦାତା ଡ. ଫନିନ୍ଦ୍ର ଭୂଷଣ ନନ୍ଦ, ଲୁମିନସ୍ ଇନ୍‌ଫୋୱେଜ୍ ର ମୁଖ୍ୟ ତନ୍ମୟ ମହାନ୍ତି ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ ।

# ଚଳିତ ବର୍ଷ ୧୪ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହେବ

ଭୁବନେଶ୍ୱର,୬/୦୫ (ନି.ପ୍ର): ୨୦୨୧-୨୨ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏଥିନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସାଟେଲାଇଟ୍ ଚିତ୍ର ଏବଂ କ୍ଷେତ୍ରସ୍ତରୀୟ ସତ୍ୟାପନ ମାଧ୍ୟମରେ ଯୋଗ୍ୟ ବିବେଚିତ ସମସ୍ତ ଚାଷୀଙ୍କଠାରୁ ଧାନ କିଣିବାକୁ ଏବଂ ଧାନ କିଣାର ୨୪ ରୁ ୪୮ ଘଂଟା ମଧ୍ୟରେ ଦେୟ ପୈଠ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଚଳିତ ରବିଋତୁରେ ଅଧିକ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ଧାନ ସଂଗ୍ରହ କରିବାକୁ ମଧ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ଓ ଦେୟ ପୈଠ ପାଇଁ ଯଥାକ୍ରମେ ପି-ପାସ୍ ଏବଂ ଆଇ.ଏଫ୍.ଏମ୍.ଏସ୍. ଅନ୍ଲାଇନ୍ ବ୍ୟବସ୍ଥା ଗ୍ରହଣ କରିବାକୁ ମଧ ଶ୍ରୀ ମହାପାତ୍ର କହିଥିଲେ ।ଚଳିତ ବର୍ଷ ରବିଋତୁରେ ୧୪ ଲକ୍ଷ ମାଟ୍ରିକ୍‌ଟନ୍‌ଧାନ ସଂଗ୍ରହ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ମେ ୧ ତାରିଖ ଠାରୁ ଜୁନ୍ ୩୦ ତାରିଖ ମଧ୍ୟରେ ଧାନ ସଂଗ୍ରହ କରାଯିବ । ସର୍ବ ପ୍ରଥମେ ମେ ୧୩ ତାରିଖ ଦିନ ସମ୍ବଲପୁର ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ । ରବି ଧାନର କ୍ୱିଂଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା । ମୁଖ୍ୟତଃ ୧୭ ଟି ଜିଲ୍ଲାର ଜଳସେଚିତ ଅଂଚଳର କୃଷକମାନଙ୍କ ଠାରୁ ଜଳସେଚନ ତଥ୍ୟାନୁଯାୟୀ ଏକର ପିଛା ୨୪ ରୁ ୨୬ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯିବ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଜଣାଇଥିଲେ ଯେ ଚଳିତ ରବିଋତୁରେ ଧାନ ବିକ୍ରୀ ପାଇଁ ୨.୫୮ ଲକ୍ଷ ଚାଷୀ ୬.୬୨ ଲକ୍ଷ ଏକର ଜମି ପଂଜୀକରଣ କରିଛନ୍ତି । ଗତ ୨୦୨୦-୨୧ ବର୍ଷରେ ସମୁଦାୟ ୨.୩୩ ଲକ୍ଷ ଚାଷୀ ନିଜର ୬.୬୦ ଲକ୍ଷ ଏକର ଜମି ରବି ଧାନ ବିକ୍ରୀ ନିମନ୍ତେ ପଂଜୀକରଣ କରିଥିଲେ । ୨୦୨୦-୨୧ ବର୍ଷରେ ୪.୫୧ ଲକ୍ଷ ନାମକୁ ମାତ୍ର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ଏହା ୬.୨୨ ଲକ୍ଷକୁ ବୃଦ୍ଧି ପାଇଛି । ସେହିପରି କ୍ଷୁଦ୍ର ଚାଷୀଙ୍କ ପଂଜୀକରଣ ମଧ ଚଳିତ ବର୍ଷ ୪.୫୬ ଲକ୍ଷରୁ ଚଳିତ ବର୍ଷ ୪.୭୦ କୁ ବୃଦ୍ଧି ପାଇଛି । ପଂଜୀକୃତ ଚାଷୀଙ୍କ ମଧ୍ୟରେ ପ୍ରାୟ ୨୨,୨୨୮ ଜଣ ଭାଗ-ଚାଷୀ ଅଛନ୍ତି । ଧାନ କିଣାରେ ଅଂଶଗ୍ରହଣ ପାଇଁ ପଂଜୀକୃତ କରିଥିବା ୧୨୨ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିରେ ସାମିଲ କରାଯିବ ।

# ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୬/୦୫ (ନି.ପ୍ର): ୧୯୫୬ ମସିହାରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ, ଯାହାକି ଆଜି 'ବୟନିକା' ନାମରେ ସୁଖ୍ୟାତି ଅର୍ଜନ କରିଛି । ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ସମାରୋହ 'ବୟନ ଭବନ' ପ୍ରାଙ୍ଗଣରେ ଗୁରୁବାର ପାଳିତ ହୋଇଯାଇଛି । ଏହି ସମାରୋହକୁ ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସମେତ ନିର୍ଦ୍ଦେଶାଳୟର ପଦାଧିକାରୀମାନେ ଉଦ୍ ଘାଟନ କରିଛନ୍ତି । ବୟନିକାର ସମସ୍ତ ବିକ୍ରୟ ଶାଖାରେ ମଧ୍ୟ ଏହି ସମାରୋହକୁ ପାଳନ କରାଯାଇଛି, ଯାହାକୁକି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ/ ଅତିରିକ୍ତ ଜିଲ୍ଲାପାଳ/ ଉପଜିଲ୍ଲାପାଳ/ ତହସିଲଦାରମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ବୟନିକା ୨୦୨୧-୨୨ ବର୍ଷରେ ନିଜର ପ୍ରତିଷ୍ଠିତ ବିକ୍ରୟ ଶାଖା ଏବଂ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପ୍ରଦର୍ଶନୀରେ ଭାଗନେଇ ଓ ପ୍ରଦର୍ଶନୀର ଆୟୋଜନ କରି ୧୨୮.୮୫ କୋଟି ଟଙ୍କାର ବ୍ୟବସାୟ ହାସଲ କରିଛି । ୨୦୨୨-୨୩ ବର୍ଷରେ ମୋଟ ୧୬୩.୯୦ କୋଟିର ବ୍ୟବସାୟ ଲକ୍ଷ୍ୟ ରଖାଯାଇଛି । ଏକ ହସ୍ତତନ୍ତ ସଂସ୍ଥା ହିସାବରେ ୧୨୮.୮୫ କୋଟିର ବ୍ୟବସାୟ କରିବା, ଓଡ଼ିଶା ହସ୍ତତନ୍ତ ଶିଳ୍ପ କ୍ଷେତ୍ରରେ ନିଶ୍ଚିତ ଭାବେ ଏକ ମାଇଲ୍ ଖୁଂଟ । ଆଗାମୀ ଦିନରେ ବୟନିକା ଏହାର ବ୍ୟବସାୟିକ ଅଭିବୃଦ୍ଧି ଘଟାଇବା ପାଇଁ ବଦ୍ଧପରିକର ହେବା ସଙ୍ଗେ ସଙ୍ଗେ ଏହି ସଂସ୍ଥା ସହ ଜଡ଼ିତ ଅଗଣିତ ବୁଣାକାରଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶକୁ ପରିବର୍ଦ୍ଧିତ କରିବା ପାଇଁ ଚେଷ୍ଟିତ ।

## ସର୍ବଦେବୋମୟଃ ଗୁରୁ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତାହା ସତ୍ତ୍ୱେ ମଧ ପରମପିତା କ୍ଷମା କରନ୍ତି । କ୍ଷମା ମଧରେ କ୍ଷମ୍ ଅଛି, ସାମର୍ଥ୍ୟ ଅଛି । ଯେଉଁ କର୍ମ କରି ମନୁଷ୍ୟ ବିପାକରେ ପଡ଼େ ତାହା ଆମ୍ଭେମାନେ ନ କଲେ କ୍ଷମା ପାଇବାର ଅଧିକାରୀ ହେଉ । ଏଥିରେ ନିରୋଧ କ୍ଷମତା ବଢେ । ସମ୍ମୁଖକୁ ଆଗେଇ ଯିବାର କ୍ଷମତା ଲାଭ ହୁଏ । ପରମପିତା ଆମକୁ କ୍ଷମା କରନ୍ତି ଅର୍ଥ ଆମ୍ଭମାନଙ୍କୁ ସକ୍ଷମ କରି ଉଠାନ୍ତି । ଈଶ୍ୱର କର୍ତ୍ତବ୍ୟପରାୟଣ ଓ କରୁଣାମୟ । ଭଗବାନ ଯୀଶୁ ପରମ ପିତାଙ୍କ ପାଖରେ କ୍ଷମା ପ୍ରାର୍ଥନା କରି କହିଲେ- ହେ ପ୍ରଭୁ, ଏମାନେ ଜାଣିପାରୁ ନାହିଁ କ'ଣ କରୁଛନ୍ତି । ସେମାନଙ୍କୁ କ୍ଷମା ଦିଅ ।

ଶ୍ରୀ ଶ୍ରୀ ଠାକୁର ନିଶ୍ଚୟାତ୍ମକ ଭଙ୍ଗୀରେ କହିଲେ- ପ୍ରଭୁ ଯୀଶୁଙ୍କର ନିଧନ କଦାପି ଭଗବାନଙ୍କର ବିଧାନ ନୁହେଁ । ଏହା ହେଉଛି ସଇତାନର ବିଧାନ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ- ଗୁରୁ ହିଁ ଭଗବାନଙ୍କର ସାକାର ମୂର୍ତ୍ତି ଓ ସେ ଅଖଣ୍ଡ । ଗୁରୁଙ୍କ ଭିତରେ ସବୁକିଛି ଅଛି । ତାଙ୍କୁ ଭଲ ପାଇଲେ ନିଜ ମଧରେ ଆସେ ଅର୍ଥାନ୍ୱିତ ସଙ୍ଗତି । ଭାରତୀୟ କୃଷ୍ଟିରେ ଏକ ନିର୍ଦ୍ଦିଷ୍ଟ ନିୟମ ଭିତରେ (ଦୀକ୍ଷା) ସମସ୍ତେ ବନ୍ଧା ଥିଲେ । ବ୍ୟକ୍ତି ଯେଉଁ ସଂସ୍କାରର ହୋଇ ଥାଉନା କାହିଁକି ଶ୍ରୀଗୁରୁ ତାକୁ ତଦନୁଯାୟୀ ନିର୍ଦ୍ଦେଶ ଦେଉଥିଲେ । ଶିଷ୍ୟ ତଦନୁଯାୟୀ ପାଳନ କରୁଥିଲା । ଏହି ପାଳନ କରୁ କରୁ ଶିଷ୍ୟ ମହାପଣ୍ଡିତ ହୋଇ ଉଠୁଥିଲା । ଆମ୍ଭେମାନେ ବିଭିନ୍ନ ବିଭାଗ ମଧରେ ସମନ୍ୱୟ ଜାଣି ନାହୁଁ, କିନ୍ତୁ ଗୁରୁ ଯିଏ ସିଏ ସବୁ ଜାଣନ୍ତି । ସେହି ଜ୍ଞାନରେ ସେ ଶିଷ୍ୟଙ୍କୁ ପରଚାଳିତ କରୁଥିଲେ । ପଢ଼ିବାକୁ କୁହନ୍ତି ଅଧ୍ୟୟନ । ଅଧ୍ୟୟନ ମାନେ ଅଧି ଓ ଅୟନ । ଅଧି ମାନେ ଧାରଣ ଓ ଅୟନ ମାନେ ଆୟତ୍ତୀକରଣ ବା ମୌଳିକ ଭାବେ ସବୁ ଜିନିଷକୁ ଜାଣିବା । ଗୁରୁ ଅର୍ଥ ଆଚାର୍ଯ୍ୟ, ମାନେ ଯିଏ ଆଚରଣ କରି ସବୁ ଜାଣିଛନ୍ତି । ନିଜେ ଆଚରଣ ନ କଲେ ଗୁରୁ ହୋଇପାରନ୍ତି ନାହିଁ । ଆଉ ଏହି ଗୁରୁମାନେ ହିଁ ହେଉଛି ବିଶ୍ୱବିଦ୍ୟାଳୟର ଆଧିପାଳ ବା ଭାଇସ୍ ଚାନ୍‌ସେଲର ।

ସହପ୍ରତିରତ୍ନି ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ହୃଦଘାତରେ ଶିକ୍ଷକଙ୍କ ପରଲୋକ



ବାଲେଶ୍ୱର,୦୬/୦୫ (ନି.ପ୍ର): ହୃଦଘାତରେ ଜନୈକ ଶିକ୍ଷକଙ୍କର ପରଲୋକ ହୋଇଯାଇଛି। ମୃତ ଶିକ୍ଷକ ହେଲେ ସଦର ଥାନା ଅନ୍ତର୍ଗତ ଗେଙ୍ଗୁଟି ଅଞ୍ଚଳର ପ୍ରାଣବନ୍ଧୁ ସାହୁଙ୍କ ପୁତ୍ର ତୁଷାର ସାହୁ (୫୧)। ନୂଆପୁର ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକତା କରନ୍ତି। ସବୁଦିନ ଭଳି ଗୁରୁବାର ସ୍କୁଲରେ ଥିବା ବେଳେ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସହକର୍ମୀ ଶିକ୍ଷକମାନେ ତାଙ୍କୁ ତାଙ୍କ ଘରେ ଛାଡ଼ି ଦେଇଥିଲେ। ତେବେ ଘରେ ଥିବା ବେଳେ ଯନ୍ତ୍ରଣା ଅଧିକ ହେବାରୁ ପରିବାର ଲୋକେ ଅପରାହ୍ଣରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଉପସ୍ଥିତିରେ ଆଜି ବ୍ୟବଚ୍ଛେଦ ପରେ ମୃତଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏକ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଅକାଳ ବିୟୋଗରେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିବା ବେଳେ ଗ୍ରାମବାସୀ ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବାତ୍ୟା ହେବ ନା ନାହିଁ ....

ପରାମର୍ଶ ଦିଆଯାଇଛି । ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଆବଶ୍ୟକ ପରାମର୍ଶନାମା ଜାରି କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତବ ବିଭାଗକୁ ମଧ ନିଜର ଇଞ୍ଜିନିୟରିଂ ଟିମକୁ ସଜାଗ ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ଜଙ୍ଗଲ ବିଭାଗକୁ ମଧ ଆବଶ୍ୟକ ସଂଖ୍ୟକ ଗଛ କଟାଳି ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଆଜି ଟେଲିକମ୍ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଛି । ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ରାଜ୍ୟ ଆଇଟି ସଚିବଙ୍କ ଉପସ୍ଥିତିରେ ସେମାନଙ୍କୁ ସମ୍ଭାବ୍ୟ ବାତ୍ୟାବେଳେ ନିରବଚ୍ଛିନ୍ନ ସେବା ଜାରି ରଖିବାକୁ ଆବଶ୍ୟକ ପ୍ରସ୍ତୁତି କରିବାକୁ କୁହାଯାଇଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାପାଳମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ମଗାଯାଇଥିବା ତଥ୍ୟ ଆଜି ରାତି ସୁଦ୍ଧା ମିଳିବାର ସମ୍ଭାବନା ରହିଛି । ସେସବୁ ମିଳିବା ପରେ ରାଜ୍ୟ ସରକାର ଅଧିକ ପ୍ରସ୍ତୁତି କରିବେ । ରାଜ୍ୟର କୌଣସି ସ୍ଥାନରେ ଶୁଖିଲା ଖାଦ୍ୟର ଅଭାବ ନାହିଁ। ଯଥେଷ୍ଟ ପରିମାଣରେ ଶୁଖିଲା ଖାଦ୍ୟ ଗଚ୍ଛିତ ଥିବା ନେଇ ଜିଲ୍ଲାପାଳମାନେ ରିପୋର୍ଟ ଦେଇଛନ୍ତ । ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ପାଇଁ ମଧ ଜିଲ୍ଲାପାଳମାନେ ପଦକ୍ଷେପ ନେଉଛନ୍ତି । ଏନଡିଆରଏଫ୍ ର ୧୭ଟି ୟୁନିଟ ବାଦ ଆଉ ୧୦ଟି ୟୁନିଟକୁ ସଜାଗ ରହିବାକୁ ଏନଡିଆରଏଫ୍ ଡିଜିଙ୍କୁ କୁହାଯାଇଛି । ଆଗାମି ୧୫ ଦିନ ମଧରେ ପ୍ରସବ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଗର୍ଭବତୀ ମହିଳା ଓ ସରକାରୀ ହସ୍ପିଟାଲର ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କର ସମସ୍ତ ପ୍ରକାର ଯନି ନିଆଯିବ । ସମସ୍ତ ଜିଲ୍ଲାର ସିଡିଏମ୍ଓମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଆଶୁ ଚିକିତ୍ସା ବ୍ୟବସ୍ଥା ଓ ଅତ୍ୟାବଶ୍ୟକ ଔଷଧ ଯୋଗାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ କର୍ପୋରେଟରମାନଙ୍କୁ ବାତ୍ୟା ପୂର୍ବ ପ୍ରସ୍ତୁତି ଓ ସେମାନଙ୍କୁ ଦାୟିତ୍ୱ ସମ୍ପର୍କରେ ଅବଗତ କରିବା ପାଇଁ ଜିଲ୍ଲାପାଳ ଓ ମୁନିସପାଲ କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ଦେବାଶିଷ୍ ସାମନ୍ତରାୟ ଓ ସମ୍ବିତ....

କେବେ ନେତା-ନେତା ମଧରେ କନ୍ଦଳ ଗଣମାଧମ ସାମ୍ନାକୁ ଆସେନି । କାରଣ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଯେଉଁ ନିଷ୍ପତି ନିଅନ୍ତି ତାହା ଏଠାରେ ସର୍ବମାନ୍ୟ । ଏବେ କିନ୍ତୁ ବାରବାଟୀ କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏବଂ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟଙ୍କ ମଧରେ କନ୍ଦଳ ସାମ୍ନାକୁ ଆସିଛି । ୨୦୨୪ ନିର୍ବାଚନ ବେଳକୁ ଦେବାଶିଷ ପାରାଦ୍ୱୀପରେ ନିର୍ବାଚନ ଲଢିବା ନେଇ ଇଛା ପ୍ରକାଶ କରିବା ପରେ ଏଠାରେ ବିଜେଡି ଏବଂ ବିଜେଡି ମଧରେ ପତିଆରା ଲଢେଇ ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେବେ ଦଳ ଏହି ମାମଲାରେ କଣ ଆଭିମୁଖ୍ୟ ଗ୍ରହଣ କରୁଛି ତା ଉପରେ ନଜର ରହିବ ।

### ଚୀନରେ କରୋନାର....

ବୃଦ୍ଧି ପାଉଛି । କରୋନକୁ ନିୟନ୍ତ୍ରଣ କରିବାକୁ ଚୀନ ସରକାରର ଶୁନ୍ୟ ସହିଷ୍ଣୁତା ନୀତି ମଧ ଫେଲ ମାରିଛି । କଟକଣା କଡ଼ାକଡ଼ି ହେବା ସତ୍ୱେ ମଧ ସଂକ୍ରମଣ ବୃଦ୍ଧି ପାଉଛି । ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ସେପଟ୍ମ୍ବର ମାସରେ ହେବାକୁ ଥିବା ଏସିଆନ ଗେମ୍ସକୁ ସ୍ଥଗିତ ରଖାଯାଇଥିବା ଚୀନ ସ୍ଥାନୀୟ ଗଣାମଧମ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଚୀନର ବିଭିନ୍ନ ସହରରୁ ଏଭଳି କିଛି ଦୃଶ୍ୟ ସାମ୍ନାକୁ ଆସୁଛି ଯାହା ବିଚଳିତ କରୁଛି । ସଂକ୍ରମଣ ରୋକିବା ନାଁରେ ଚୀନ ସରକାର କିଭଳି ଦେଶବାସୀଙ୍କ ଉପରେ ଅତ୍ୟାଚାର କରୁଛନ୍ତି ସେକଥାର ପ୍ରମାଣ ଦେଉଛି ଏହି ଭିଡିଓ । କେଉଁଠି ଲୋକଙ୍କଠାରୁ ନମୁନା ସଂଗ୍ରହ ପାଇଁ ସ୍ୱାସ୍ଥ୍ୟକର୍ମୀ ବଳପୂର୍ବକ ଅତ୍ୟାଚାର କରୁଥିବାବେଳେ ଆଉ କେଉଁଠି ଲୋକଙ୍କୁ ବିଚ୍ ରାସ୍ତାରେ ପିଟୁଛନ୍ତି ସ୍ୱାସ୍ଥ୍ୟକର୍ମୀ । ସାଂଘାଇ ଓ ବେଜିଂରେ ଘରେ ଭିତରେ ଲୋକଙ୍କୁ ବଳପୂର୍ବକ ବନ୍ଦକ ରଖାଯାଇଥିବାର ଖବର ମଧ ସାମ୍ନାକୁ ଆସିଛି । ଚୀନର ଉହାନ ଲ୍ୟାବରୁ ବ୍ୟାପିବା ଆରମ୍ଭ ହୋଇଥିବା କରୋନା ମହାମାରୀ ଏବେ ଖୋଦ ଚୀନର ହାଲ ବେହାଲ କରୁଛି ।

### ଝାଡ଼ଖଣ୍ଡ ଖଣି ସଚିବ ପୂଜା ସିଂଘଲ ....

ଆଇଏଏସ ଅଫିସରଙ୍କ ଝାଡଖଣ୍ଡ, ବିହାର, ରାଜସ୍ଥାନ, ପଶ୍ଚିମବଙ୍ଗ ଏବଂ ମୁମ୍ବାଇରେ ଥିବା ଫାର୍ମ ହାଉସରେ ଇଡି ରେଡ୍ କରିଥିବା ସୂଚନା ରହିଛି । ଏହି ଆଇଏଏସ ଅଫିସର ଏବେ ଝାଡଖଣ୍ଡ ସରକାରର ଖଣି ବିଭାଗର ସଚିବ ପଦରେ ରହିଛନ୍ତି । ନିକଟରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ନିର୍ବାଚନ କମିସନ ମାଇନିଂ ସମ୍ପର୍କିତ ଲାଇସେନ୍ସ ନେବା ଘଟଣାରେ ନୋଟିସ କରିଛନ୍ତି । ଏତେ ଟଙ୍କା ରୋଜଗାର ପାଇଁ ଏ ବ୍ୟକ୍ତିଙ୍କୁ କେତେ ସମୟ ଲାଗିଲା । କେଉଁ ଦୁର୍ନିତିରେ ସାମିଲ ଥିଲେ ଏହି ଅଫିସର । ଏହି ବ୍ୟକ୍ତିଙ୍କ ଫଛରେ ଆଉ କିଏ ରହିଛି ତାହା ତଦନ୍ତ ପରେ ଜଣାପଡିବ ।

### ମନ୍ଦିରରେ ଲାଉଡସ୍ପିକର....

ତାଙ୍କୁ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ। ଏହାକୁ ବିରୋଧ କରିବା ପରେ ସଦାଜୀ ଠାକୁର ନିଜ ସହଯୋଗୀଙ୍କୁ ଡାକି ଆଣିଥିଲେ। ସମସ୍ତେ ମିଶି ଦୁଇ ଭାଇଙ୍କ ଉପରେ ଲାଠିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଶବନ୍ତ ଓ ତାଙ୍କ ଭାଇ ଅଜିତ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଗାଁ ଲୋକେ ସେଠାକାର ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଶବନ୍ତଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂଚନା ଦେଇଛି। ଏପଟେ ପୁଲିସ ଉକ୍ତ ୬ ଜଣ ପଡୋଶୀଙ୍କୁ ଗିରଫ କରିଛି। ଏମାନଙ୍କ ବିରୋଧରେ ହତ୍ୟା, ମାରପିଟ ଓ ଦଙ୍ଗା କରିବା ଅଭିଯୋଗ ଲାଗିଛି।

## ହାତୀଦାନ୍ତ ଜବତ : ଜଣେ ଗିରଫ

ବଲାଙ୍ଗିର, ୦୬/୦୫ (ନି.ପ୍ର): ଗତକାଲି ବଲାଙ୍ଗିର ମାଲ୍ ପଡା ଅଂଚଳରୁ ୬ ଖଣ୍ଡ ହାତୀ ଦାନ୍ତ କ୍ରାଇମବ୍ରାଂଚର ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଓ ବନ ବିଭାଗର ମିଳିତ ଉଦ୍ୟମରେ ଜବତ କରାଯିବା ସହିତ ଏହି ମାମଲାରେ ନରିନ ସେଠ ନାମକ ଜନୈକ ମାଫିଆକୁ ଗିରଫ କରାଯାଇଥିବା ଜଣାପଡିଛି। ୮ ଇଂଚରୁ ୧୨ ଇଂଚ ଲମ୍ବା ଥିବା ୮ କିଲୋ ୩୮୫ ଗ୍ରାମ ଓଜନର ଏହି ହାତୀ ଦାନ୍ତ ଗତକାଲି ବୋଷ କଲୋନୀ ପାଖରେ ରଖିଥିବା ସେଠ ପାଖରୁ ମିଳିଥିବା ଜଣାଯାଇଛି। ତେବେ ଏହା ସେ କେଉଁଠୁ ପାଇଲା ଏବଂ ତାର ରଖିବା ଉଦ୍ଦେଶ୍ୟ ସମ୍ପର୍କରେ ଅଧିକ୍ ଖୋଜ ଖବର ନିଆଯାଉଛି।

## ଓଡିଶା ସାମ୍ବାଦିକ ୟୁନିଅନ ବୈଠକ : ସରକାରୀ କର୍ମଚାରୀଙ୍କ ଅସହଯୋଗକୁ ନେଇ ଉଦ୍‌ବେଗ



ଖଇରା,୦୬/୦୫ (ନି.ପ୍ର): ଓଡିଶା ସାମ୍ବାଦିକ ୟୁନିଅନର ଏକ ବୈଠକ ଶୁକ୍ରବାର ଦିନ ବାଲେଶ୍ୱର ଜିଲା ଅଧୀନ ଖଇରା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇ ଯାଇଛି। ଜିଲା ସଭାପତି ଗଙ୍ଗାଧର ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଯୋଗ ଦେଇ ବର୍ତ୍ତମାନ ଖବରଦାତା ମାନଙ୍କ ଉପରେ ହେଉଥିବା ଆକ୍ରମଣ,ଆକ୍ରୋଶ କୁ ଦୃଢ ନିନ୍ଦା କରିଥିଲେ । ଏଥିସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକକୁ ଖବରଦାତା ମାନଙ୍କୁ ଡକାଯାଉ ନଥିବାରୁ ଉଦ୍ ବେଗ ପ୍ରକାଶ କରିଥିଲେ । ପରେ ଖବରକାଗଜ ବିକ୍ରେତା ମାନଙ୍କୁ ପରିଚୟପତ୍ର ମିଳିବା ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଉତ୍କଳବନ୍ଧୁ ପଣ୍ଡା, ଦୟାନିଧି ମହାପାତ୍ର, ସଞ୍ଜୟ କୁମାର ବେହେରା, ସତ୍ୟଭାମା ପ୍ରଧାନ, ବଳରାମ ଲେଙ୍କା, ରଘୁନାଥ ସାମଲ, ଉମେଶ ଜେନା, ନିଶିକାନ୍ତ ମହାନ୍ତି, ତପୋଧନ ବାରିକ, କିଶୋର ବେହେରା, ଧନଞ୍ଜୟ ପଣ୍ଡା, ଛାୟାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବ୍ଲକ ସଭାପତି ଦୟାନିଧି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମଲଲାଙ୍କୁ ଦର୍ଶନ କଲେ

ଅଯୋଧା, ୦୬/୦୫ (ନି.ପ୍ର): ରାମନଗରି ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକୁ ନିରୀକ୍ଷଣକରିବାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଯୋଗୀଆଦିତ୍ୟନାଥ ଅଯୋଧାରେ ପହଂଚିଛନ୍ତି । ରାମକଥା ପାର୍କ ସରଜୁ ଉପକୂଳରେ ତାଙ୍କୁ ଗାର୍ଡ ଅଫ୍ ଅର୍ନର ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅନ୍ୟ ଏକ କାଯ୍ୟକ୍ରମରେ ଶୁକ୍ରବାର ଦିନ ପୁଣିଥରେ ଅଯୋଧାରେ ପହଂଚିଛନ୍ତି । ସେ ସର୍ବ ପ୍ରଥମେ ହନୁମାନ ଗଡି ସ୍ଥିତ ହନୁମନ୍ତ ମନ୍ଦିରରେ ପହଂଚି ଦର୍ଶନ ପୂଜା କରିଛନ୍ତି । ମନ୍ଦିରରେ ଯୋଗୀ ଆଦିତ୍ୟନାଥ ସନ୍ଥ ମାନଙ୍କ ସହିତ ମଧ ଆଲୋଚନା କରିଛନ୍ତି ।

## ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପେନ୍‌ସନ ଅଦାଲତ ଉଦ୍‌ଘାଟିତ



ବାରିପଦା, ୦୬/୦୫ (ନି.ପ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋ ଗ ବିଭାଗ ସହଯୋଗରେ ଆକାଉଣ୍ଟ ଜେନେରାଲ ଓଡିଶା ସହଯୋଗରେ ଜିଲ୍ଲାପ୍ରଶାସନ ମୟୁରଭଞ୍ଜ ଆନୁକୂଲ୍ୟରେ ଦୁଇଦିନିଆ ପେନସନ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମହକୁମା ବାରିପଦା, ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ମଇ ୫ ଓ ୬ ତାରିଖ ଦୁଇ ଦିନ ଧରି ଲୁ ରହୁଥିବା ଏହି ପେନସନ ଅଦାଲତକୁ ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭାରଦ୍ୱାଜ ଭାଇସ ପ୍ରେସିଡେଣ୍ଟ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲପାଳ ମୟୁରଭଞ୍ଜ ଜିଲ୍ଲାରେ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ପେନ୍‌ସନ ଅଦାଲତର ଅଭିମୂଖ୍ୟ ଉପରେ ଆଲୋକପାତ ପୂର୍ବକ କହିଲେ ଯେ ସରକାରୀ କିରୀରୁ ଅବସର ଗ୍ରହଣ କରୁଥିବା କର୍ମରୀ ମାନଙ୍କୁ ସରକାରଙ୍କ ନିୟମନୁସାରେ ନିର୍ଦ୍ଧାରିତ ଥିବା ସମୟସୀମା ମଧରେ ପେନ୍‌ସନ ପ୍ରଦାନ କରାଯିବା ଦିଗରେ ସଂମ୍ପୃକ୍ତ ବିଭାଗୀୟ କାର୍ଯ୍ୟାଳୟର ପେନ୍‌ସନ ମୟୁରଭଞ୍ଜ କର୍ତ୍ତୃପକ୍ଷ ମାନଙ୍କ ଗୁରୁତ୍ୱ ରହିଛି। ଏ ଦିଗରେ ସଂମ୍ପୃକ୍ତ ବିଭାଗ ଅଧିକାରୀ ମାନେ ଯତ୍ନବାନ ହୋଇ ଅବସରପ୍ରାପ୍ତ ସରକାରୀ କର୍ମରୀ ମାନଙ୍କ ସମସ୍ତ ଆବଶ୍ୟକୀୟ କାଗଜ ଜାତ ଠିକ୍ ଭାବେ ଅନୁଧାନ କରି ପେନ୍‌ସନ ମଞ୍ଜୁର ପାଇଁ ସାଧାରଣ ପ୍ରଶାସନ ବିଭାଗ ଜରିଆରେ ଏକାଉଟାଣ୍ଟ ଜେନରାଲ ଓଡିଶାଙ୍କ ନିକଟକୁ ପେନ୍‌ସନ ମଞ୍ଜୁର ପାଇଁ ସୁପାରିସ କରିବାକୁ ଗୁରୁତ୍ୱାରୋପ କରି ମରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ପେନ୍‌ସନ ଅଦାଲତରେ ଅତିରିକ୍ତ ଜିଲ୍ଲାପାଳ ମୟୁରଭଞ୍ଜ ରୁଦ୍ର ନାରାୟନ ମହାନ୍ତି ପ୍ରାରମ୍ଭରେ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଡେପୁଟୀ ଏକାଉଟାଣ୍ଟ ଜେନେରାଲ ଏଜି ଓଡିଶା କାର୍ଯ୍ୟାଳୟର ବରିଷ୍ଠ ଡେପୁଟି ଆକାଉଟାଣ୍ଟ ଜେନେରାଲ (ପେନ୍‌ସନ) ବିଭାଗ, ଭୂବନେଶ୍ୱର, ଶ୍ରୀରାଜ୍ ଅଶୋକ, ଶ୍ରୀମତୀ ପୁଷ୍ପାଶ୍ରୀ ସାହୁ, ଆସିଷ୍ଟାଣ୍ଟ କଣ୍ଟ୍ରଲର ଅଫ ଏକାଉଣ୍ଟସ ଏଜି ଓଡିଶା, ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନୁଶାସନ ସଚିବ ମୁକୁଲ ଜାମଲଖୀ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ସରକାରୀ କର୍ମରୀ ମାନଙ୍କ ପେଣ୍ଡିଂ (ବକେୟା) ପେନ୍‌ସନ ମାମଲା ଗୁଡିକର ପେନ୍‌ସନ ଅଦାଲତ ମାଧମରେ ଫଏସଲ କରାଯିବା ପାଇଁ ସରକାରଙ୍କ ଦ୍ୱାରା ବିଶେଷ ଦୁରୁତ୍ୱ ଦିଆଯାଇଥିବା ଉଲ୍ଲେଖ କରିବା ସହିତ ଏଥିପ୍ରତି ପ୍ରତ୍ୟେକ ସରକାରୀ ବିଭାଗ କାର୍ଯ୍ୟାଳୟର ପେନ୍‌ସନ ମଞ୍ଜୁର କର୍ତ୍ତୃପକ୍ଷ / ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟିଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଏଜି ଓଡିଶା କାର୍ଯ୍ୟାଳୟର ବରିଷ୍ଠ ଏକାଉଣ୍ଟସ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ ପାଓ୍ୱାର ପ୍ରଜେକ୍ଟ ମାଧମରେ ଅବସରପ୍ରାପ୍ତ / ଅବସର ନେଉଥିବା ସରକାରୀ କର୍ମରୀ ମାନଙ୍କ କିରୀ କାଳିନୀ ସମ୍ବନ୍ଧୀୟ ସବିଶେଷ କାଗଜ ଜାତ ତଥ୍ୟ ସରକାରଙ୍କ ନିୟମାନୁସାରେ ଉଦ୍ଦିଷ୍ଟ ଥିବା ଫର୍ମରେ ଆବେଦନ କରାଯିବା ଏବଂ ବର୍ତମାନର ପ୍ରଯୁକ୍ତି ବିଦ୍ୟା ଜ୍ଞାନ କୌଶଳ ଉପଯୋଗ କରି ଅନ୍‌ଲାଇନ ମାଧମରେ ସବିଶେଷ ତଥ୍ୟସହ କିପରି ଅବେଦନ କରାଯିବ, ସେ ସମ୍ପର୍କିତ ସଂପୃକ୍ତ ବିଭାଗୀୟ କାର୍ଯ୍ୟାଳୟର ପେନ୍‌ସନ କର୍ତ୍ତୃପକ୍ଷଙ୍କ / ଡିଡିଓ ଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତଭାବେ ସୂଚାଇଥିଲେ। ସୂଚନା ଯୁଗ୍ୟ ଯେ ମୟୁରଭଞ୍ଜ ଜିଲ୍ଲାରେ ବିଗତ ୨ ବର୍ଷ ମଧରେ ମୋଟ ୪୮୩ ଜଣ ସରକାରୀ କର୍ମରୀ ଅବସର ନେଇଥିବା ବେଳେ ସେମାନଙ୍କ ମଧରୁ ୪୩୫ ଜଣ ପେନ୍‌ସନ ସଂକ୍ରାନ୍ତୀୟ ମାମଲା ଫଏସଲା ହୋଇଥିବା ବେଳେ ଅବଶିଷ୍ଟ ୪୮ ପେନ୍‌ସନ ମାମଲାର ଫଏସଲା ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାର ଆବଶ୍ୟକତା ରହିଛି।

## ବିପ୍ଳବୀ ଧରଣୀଧରଙ୍କ ୧୫୮ ତମ ଜୟନ୍ତୀ ପାଳିତ



ଉଦଳା, ୦୬/୦୫ (ନି.ପ୍ର): ଖୁଣ୍ଟା ପଞ୍ଚାୟତ ସମିତି ଅନ୍ତର୍ଗତ ପୁରୁଣାପାଣି ଠାରେ ଚଳିତ ମଇ ୫ ତାରିଖ ଗୁରୁବାର ଦିନ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ୧୫୮ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ସ୍ଥାନୀୟ ଯୁବକ ମାନେ ସଂଘବଦ୍ଧ ଭାବରେ ପୁରୁଣାପାଣିସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରୀତ ହୋଇ ସଫେଇ କରିଥିଲେ। ଏହାପରେ ପ୍ରତିମୂର୍ତ୍ତିରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ । ପରେ 'ଭାରତ ମାତାକି ଜୟ', 'ବନ୍ଦେ ମା ତରଂ' ଧ୍ୱନୀ ଦେଇ ଗ୍ରାମ ପରିକ୍ରମା କରିଥିଲେ । ସନ୍ଧ୍ୟାରେ ବିପ୍ଳବୀ ଧରଣୀଧରଙ୍କ ଜୀବନ ଇତିହାସ ଓ ଦେଶ ଗଠନରେ ତାଙ୍କର ଭୂମିକା ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଖୁଣ୍ଟା ପଞ୍ଚାୟତ ସମିତିର ଅଧକ୍ଷ ସୁଧନ୍ୟା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଆଲୋଚକ ଭାବରେ ଓଡ଼ିଶା ବିଧାନସଭାର ପୁର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୁର୍ବତନ ରାଜ୍ୟସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ପୁର୍ବତନ ମନ୍ତ୍ରୀ ଗୋଲକ ନାୟକ, ବିଜୁ ଜନତା ଦଳର ବରିଷ୍ଠ ନେତା ଡ଼କ୍ଟର ଦେବାଶିଷ ମାର୍ଣ୍ଡି, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ପ୍ରମିଳା ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପୁର୍ବତନ ମନ୍ତ୍ରୀ ଗୋଲକ ନାୟକ, ସେ ମନ୍ତ୍ରୀ ଥିବା ସମୟରେ ପୁରୁଣାପାଣି ଠାରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ଉତ୍ସବ ଆରମ୍ଭ କରିଥିଲେ । ତେବେ ଦିର୍ଘ ବର୍ଷ ଧରି ଉକ୍ତ ଉତ୍ସବକୁ ସଥାନୀୟ ଯୁବକ ମାନେ ବଞ୍ଚାଇ ରଖିବା ସହିତ ବିପ୍ଳବୀ ଧରରୀଧରଙ୍କୁ ମନେ ପକାଉଥିବାରୁ କୃତଜ୍ଞତା ଜଣାଇଥିଲେ । ଏହାପରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ମାରଓ୍ୱାଡ଼ି ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୦୬/୦୫ (ନି.ପ୍ର): ଥାଲାସେମିଆ ସଚେତନତା ସପ୍ତାହ ପାଳନ ଅବସରରେ ବାଲେଶ୍ୱର ମାରଓ୍ୱାଡ଼ି ମହିଳା ସମିତି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତଭଣ୍ଡାର ପରିସରରେ ଆୟୋଜିତ ଏହି ଶିବିରକୁ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଉଦଘାଟନ କରିବା ସହିତ ମହିଳା ସମିତିର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲାରେ ରକ୍ତର ଅଭାବ ପୂରଣରେ ସମିତିର ଏହି ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଅଖିଳ ଭାରତୀୟ ମାରଓ୍ୱାଡ଼ି ମହିଳା ସମ୍ମେଳନର ରାଷ୍ଟ୍ରୀୟ ନିର୍ବାଚିତ ଅଧକ୍ଷା ଅଞ୍ଜୁ ସରାଓ୍ୱଗୀ, ଓଡ଼ିଶା ପ୍ରାଦେଶିକ କ୍ଷେତ୍ରୀୟ ମୁଖ୍ୟ ନିଶା ମୋଦି, ମାରଓ୍ୱାଡ଼ି ମହିଳା ସମିତି ବାଲେଶ୍ୱର ସାଖା ସଭାନେତ୍ରୀ ପ୍ରିୟା ଅଗ୍ରଓ୍ୱାଲ, ସମ୍ପାଦିକା ସୋନାଲ ମୋଦି, କୋଷାଧକ୍ଷା ଗୀତା ସୋମାନି, ସମ୍ମେଳନର ଅଙ୍ଗଦାନ ଦାନ ଶାଖାମୁଖ୍ୟ ମନୀଷା ମୋଦି ପ୍ରମୁଖ ଏହି ଶିବରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଶେଷ କରି ଥାଲାସେମିଆ ରୋଗୀ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଥାଲାସେମିଆ ଓ୍ୱାର୍ଡ଼ରେ ଚିକିତ୍ସିତ ଶିଶୁମାନଙ୍କୁ କମ୍ବଳ୍, ଜୁସ୍, କଦଳୀ ଏବଂ ବିସ୍କୁଟ ପ୍ରଭୃତି ପ୍ରଦାନ କରାଯାଇଥିଲା। ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ



ଉଦଳା, ୦୬/୦୫ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର କାର୍ଯ୍ୟାଳୟ ସହାୟକ ଅଶ୍ୱିନୀ କୁମାର ମହାକୁଡ଼ ଚଳିତ ୨୦୨୨ ଏପ୍ରିଲ ୩୦ ତାରିଖ ଦିନ ତାଙ୍କର କାର୍ଯ୍ୟରୁ ଅବସର ନେଇଛନ୍ତି । ଏଥିପାଇଁ ତାଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆଜି ମଇ ୬ ତାରିଖ ଶୁକ୍ରବାର ଦିନ ଷ୍ଟାଫ କମନରୁମ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ସଭାରେ ସଭାପତିତ୍ୱ କରିବା ସହ ଶ୍ରୀଯୁକ୍ତ ମହାକୁଡ଼ ଜଣେ ସଚୋଟ, ସୁଦକ୍ଷ, ନିର୍ଭିକ, ପରୋପକାରୀ, ମେଳାପି, କର୍ତ୍ତବ୍ୟପରାୟଣ କର୍ମଚାରୀ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି କହିବା ସହିତ ତାଙ୍କ ନିକଟରେ ଥିବା ସମୟାନୁବର୍ତ୍ତିତା ଅନ୍ୟ ମାନଙ୍କ ନିମନ୍ତେ ପ୍ରେରଣାଦାୟୀ ହେବ ବୋଲି ବ୍ୟକ୍ତ କରିଥିଲେ । ସେହିପରି ବରିଷ୍ଠ ଅଧାପକ ସନ୍ତୋଷ କୁମାର ମହାନ୍ତି ମହାବିଦ୍ୟାଳୟ ସ୍ଥାନାନ୍ତର ସମୟରେ ଶ୍ରୀଯୁକ୍ତ ମହାକୁଡ଼ଙ୍କ ଅବଦାନ ଭୁଲିହେବ ନାହିଁ ବୋଲି କହିଥିଲେ । ଶ୍ରୀଯୁକ୍ତ ମହାକୁଡ଼ ୧୯୯୪ ମସିହାରେ ମହାବିଦ୍ୟାଳୟରେ ଜଣେ କର୍ମଚାରୀ ଭାବରେ ନିଯୁକ୍ତି ପାଇବା ପରଠାରୁ ଆଜି ପର୍ଯ୍ୟନ୍ତ ଦିର୍ଘ ୨୮ ବର୍ଷର ଅନୁଭବ ବ୍ୟକ୍ତ କରିଥିଲେ । ଏହାପରେ ମହାବିଦ୍ୟାଳୟର ଅଧକ୍ଷ, ମାନପତ. ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୁର୍ବକ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅଧାପକ ଶଙ୍କର୍ଷଣ ମିଶ୍ର ମାନପତ୍ର ପାଠ କରିଥିବା ବେଳେ ଅଧାପକ ସର୍ବେଶ୍ୱର ବିଶ୍ୱାଳ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ବାତ୍ୟା ଆଶଙ୍କାରେ ଚାଷୀକୁଳ ଭୟଭୀତ : କଞ୍ଚାଧାନ କାଟିଲେ ଚାଷୀ



ବସ୍ତା, ୦୬/୦୫ (ନି.ପ୍ର): ବସ୍ତା ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ରବି ରୁତୁରେ ଧାନ ଚାଷ ଚାଷୀ ମାନେ ବହୁ କଷ୍ଟରେ ଉତ୍ପାଦନ ପାଇଁ ଲହୁ ଲୁହ ଢାଳି ଫସଲ ଉତ୍ପନ୍ନ କରିଥିଲେ । ହେଲେ ଧାନ ପାଚିବା ଆଗରୁ ଦୁଇଦିନ ଧରି ପବନ ବର୍ଷାରେ ଧାନ କ୍ଷେତ ଶୋଇଯାଇଛି । ପୁଣି ଲଘୁଚାପ ପ ଆଶଙ୍କା ରେ ଚାଷୀ ମାନେ କଞ୍ଚାଧାନ କାଟିବା ଆରମ୍ଭ କରିଛନ୍ତି । ତେବେ ସମ୍ଭାବ୍ୟ ବାତ୍ୟାପାଇଁ ଜିଲ୍ଲା ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସତର୍କ ସୂଚନା ଦିଆଯାଇନାହିଁ ବୋଲି ଚାଷୀ ମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ବସ୍ତା ଅଞ୍ଚଳରେ ହଜାର ହଜାର ହେକ୍ଟର ରବି ଋତୁର ଧାନ ଫସଲ ପାଣିରେ ଉବୁଟୁବୁ ହୋଇଥିବା ବେଳେ କଞ୍ଚା ଧାନ ଧାନମଣ୍ଡିରେ ନେଉ ନାହାନ୍ତି । ପୁଣି ଧାନ ମାଫିଆ ମାନେ କୁଇଣ୍ଟାଲ ପ୍ରତି ୧୨ଶହ ଟଙ୍କାମୂଲ୍ୟରେ ନେଉଥିବା ନଜରକୁ ଆଶିଛି । ତେବେ ପ୍ରତ୍ୟେକ ସେବା ସମବାୟ ସମିତି ମାଧ୍ୟମରେ ଖୋଲା ଯାଇଥିବା ମଣ୍ଡି ରେ ଧାନର ଅଭାବି ବିକ୍ରି ଚାଷୀ କୂଳକୁ ମର୍ମାହତ କରିଛି ବୋଲି ପଦ୍ମନାଭ ସାହୁ, ଦାମ ବେହେରା, ଗୋପାଳଭୂୟାଁ, ଦାମୋଦର ସିଂହ, କାଳିଚରଣ ସିଂହ, ସୁରେନ୍ଦ୍ର ପରିଡା, ରାମଚନ୍ଦ୍ର ପରିଡା, ଜଗତ କୁମାରଗିରି, ରଞ୍ଜନ ବେହେରା ସମେତ ଦେବବ୍ରତ ମହାପାତ୍ର, ପିଙ୍କୁନ ପାତ୍ର, ମଧୁସୁଦନଦାସ, ଶୁସାନ୍ତ ପ୍ରଧାନ, ସଞ୍ଜୟ ସାମଲ ପ୍ରମୂଖ ପ୍ରକାଶ କରିଛନ୍ତି ।


**SRI AUROBINDO PURNANGA SHIKSHYA NIKETAN (SAPSN)**

At/Po- Chhamauj , Via – Jaleswar ,
Dist – Balasore , Mob – 9437532022

**Admission Notice**

S.A.P.S.N., Chhamauj, Jaleswar, Balasore -756032 ( One residential School) has invited applications from parents in primary class ( Class-1 ) for Both Boys and Girls. For free Admission of weaker & disadvantage group **25%** of total seat reserved for them as per the **RTE norms** . parents from SC, ST, & SEBC categories with BPL holders can be apply with proper evidence within **20th May -2022** .

*Principal*
*SAPSN , Chhamauj*

# ପୂଜ୍ୟପୂଜାଙ୍କୁ ଅସମ୍ମାନ : ଜିଲ୍ଲାପାଳ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି

ଭଦ୍ରକ, ୦୬/୦୫ (ନି.ପ୍ର): ଆମ ଦେଶର ଯେଉଁ ମହାପୁରୁଷମାନେ ସମଗ୍ର ବିଶ୍ୱରେ ଚିର ବନ୍ଦନୀୟ ଏବଂ ଭାରତବର୍ଷର ୧୪୦ କୋଟି ଜନଗଣ ସେମାନଙ୍କ ପାଇଁ ଗର୍ବିତ ତଥା ବିଶ୍ୱର ଅନେକ ଦେଶରେ ସେମାନଙ୍କର ପ୍ରତିମୂର୍ତ୍ତି ଅନାବରଣ ସହ ଜନ୍ମଦିନ ଓ ତିରୋଧାନରେ ପୁଷ୍ପାର୍ଘ୍ୟ ଦିଆଯାଉଛି, ସେହିଭଳି ଦେଶ ହିତୈଷୀ ଜନକଲ୍ୟାଣକାରୀ ପୂଜ୍ୟପୂଜାମାନଙ୍କୁ ଶିକ୍ଷାନୁଷ୍ଠାନମାନଙ୍କର ପ୍ରାଚୀର କାନ୍ଥର ନିମ୍ନ ଅଂଶରେ ସେମାନଙ୍କ ଚିତ୍ର ଭୂମି ପତନର ୬ ଇଞ୍ଚ ଉର୍ଦ୍ଧ୍ୱରେ ଅଙ୍କାଯିବା ଭଳି ଲଜ୍ଜାଜନକ ଘଟଣାକୁ ବୁଦ୍ଧିଜୀବୀ ଓ ବହୁ ଅନୁଷ୍ଠାନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ମଙ୍ଗଳାପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁରଲୀଧର ଉଚ୍ଚ ବିଦ୍ୟାଳୟରେ। ଏହି ଶିକ୍ଷାନୁଷ୍ଠାନ ଗୁଡିକର ପ୍ରାଚୀରର ବାହାରପଟ କାନ୍ଥରେ ଜାତିର ପିତା ମହାତ୍ମା ଗାନ୍ଧି, ପୂର୍ବତନ ରାଷ୍ଟ୍ରପତି ଅଗ୍ନି କ୍ଷେପଣାସ୍ତ୍ରର ଜନକ ଡ. ଏପିଜେ ଅବଦୁଲ କାଲାମ୍, ଓଡ଼ିଆ ସାହିତ୍ୟର ସ୍ରଷ୍ଟା ବ୍ୟାସକବି ଫକୀର ମୋହନ ସେନାପତି, ଡ. ହରେକୃଷ୍ଣ ମହତାବ, ସ୍ୱାମୀ ବିବେକାନନ୍ଦ, ବୀର ସୁରେନ୍ଦ୍ର ସାଏ, ସମ୍ବିଧାନ ପ୍ରଣେତା ଡ. ବି.ଆର ଆମ୍ବେଦକର, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କର ଚିତ୍ର କାନ୍ଥର ନିମ୍ନଭାଗରେ ଅଙ୍କାଯିବା ଏକ ଗ୍ରହୀତ ଅପରାଧ । ଏହି ଚିତ୍ରଗୁଡିକ ଭୂମି ଠାରୁ ୬ ଇଞ୍ଚ ଉଚ୍ଚତାରେ ଅଙ୍କାଯିବା ଫଳରେ ଖୋଲାସ୍ଥାନ ହେତୁ ବୁଲା କୁକୁରଙ୍କ ଅଭ୍ୟାସଗତ ପରିସ୍ରା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜନିତ ଜନଗହଳି ସମୟରେ ଅନ୍ଧାରର ସୁଯୋଗରେ ପାନ ପିକ ଓ ଜଳନ୍ତା ଖଣ୍ଡିଆ ବିଡି ପକାଇବା ସହିତ ଅନେକ ସମୟରେ ଲୋକେ ମଧ ଏହି ଚିତ୍ର ଉପରେ ପରିସ୍ରା କରୁଥିବାର ଦେଖାଯାଉଛି। ଏଣୁ ଯେଉଁ ଶିକ୍ଷାନୁଷ୍ଠାନ ମାନଙ୍କରେ ଏ ପ୍ରକାର ବ୍ୟବସ୍ଥା କରିସାରିଛନ୍ତି, ସେମାନେ ସେ ସ୍ଥାନ ଗୁଡିକରେ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଶିକ୍ଷଣୀୟ ବିଷୟ ସ୍ଥାନିତ କରି ଆମମାନଙ୍କର ପୂଜ୍ୟ ପୂଜାଙ୍କୁ ଅସମ୍ମାନରୁ ଦୂରେଇ ରଖିବା ଉଚିତ୍ ବୋଲି ମତ ରଖିବା ସହ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଜୀ ସାର୍ଥକର ନୂଆ ସିନେମା 'ଡିଟେକ୍ଟିଭ୍ କରନ୍- ଅର୍ଜୁନ'ର ଅଡିଓ ରିଲିଜ୍

ଭୁବନେଶ୍ୱର, ୦୫/୦୫ (ନି.ପ୍ର): ଜୀ ସାର୍ଥକର ନୂଆ ସିନେମା 'ଡିଟେକ୍ଟିଭ୍ କରନ୍- ଅର୍ଜୁନ'ର ଅଡିଓ ରିଲିଜ୍ ହୋଇ ଯାଇଛି । ଫିଲ୍ମରେ ତିନିଟି ଗୀତ ରହିଥିବା ବେଳେ ଏଥିରେ ଡ. ନିର୍ମଳ ନାୟକ ଓ ଅଭିଜିତ ମଜୁମଦାରଙ୍କ ମ୍ୟୁଜିକାଲ ଯୋଡି ପୁଣିଥରେ ଦେଖିବାକୁ ମିଳିବ । ଯେଉଁଥିରୁ 'ଭାଉଜ ଗୋ ଭାଉଜ' ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀସାର୍ଥକ ଆଶା ପ୍ରକଟ କରିଛି । ଏହି ଗୀତକୁ ନିଜେ ପପୁ ପମପମ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି । ସେହପରି 'ଏକ୍ ଦୋ ତିନି ଚାର, ଚାରିଆଡେ ଦିଶୁଛି ମୋ ପ୍ୟାର' ଗୀତକୁ ଗାଇଛନ୍ତି ଅଭିଜିତ ମଜୁମଦାର ଓ ସଂଜୁ । 'ଛାଡରେ ସାଙ୍ଗ ଗନ୍ଧିଆ କଥା' ଗୀତକୁ ଇଶ୍ୱରୀ ଗାଇଛନ୍ତି । ସମସ୍ତ ଗୀତକୁ ଡ. ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ ମଜୁମଦାର । ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରା ଟିମ୍ ଆଶାବାଦୀ । ଆସନ୍ତା ୧୫ ତାରିଖ ସଂଧ୍ୟା ୬ଟା ୩୦ରେ ଏହି ମୁଭିଟି ଜୀ ସାର୍ଥକରେ ରିଲିଜ ହେବ । କିନ୍ତୁ ତା ପୂର୍ବରୁ ଅଡିଓ ରିଲିଜ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ । 'ଦିଦି ନମସ୍କାର'ରୁ ଏହି ପରମ୍ପରା ଆରମ୍ଭ ହୋଇଥିବା ବେଳେ ସିନେମା ରିଲିଜ୍ ପୂର୍ବରୁ ଅଡିଓ ରିଲିଜ କରି ଜୀ-ସାର୍ଥକ ଓଲିଉଡରେ ନୂଆ ମାଇଲଷ୍ଟୋନ ତିଆରି କରିପାରିଛି । ଜୀ ସାର୍ଥକ ଫିଲ୍ମସ ଓ ଲିପ୍ସା ପ୍ରଡକ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା 'ଡିଟେକ୍ଟିଭ୍ କରନ୍- ଅର୍ଜୁନ' । ଏହି ଚଳଚ୍ଚିତ୍ରରେ ନୂଆ ଅବତାରରେ କମେଡି କିଙ୍ଗ ପପୁ ପମପମଙ୍କୁ ଦେଖିବାକୁ ମିଳିବ । ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମଦାର ଅଭିନୟର ମଜା ପାଇବେ ଦର୍ଶକ । ଉଭୟ ପପୁ ଓ ପ୍ରଜ୍ଞା 'କରନ୍- ଅର୍ଜୁନ୍' ଭୂମିକାରେ ଅଭିନୟ କରିଛନ୍ତି । ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ମହାନ୍ତି,ପ୍ରିୟଙ୍କା ମହାପାତ୍ର ଓ ଲିପ୍ସା ମିଶ୍ର । ଅନ୍ୟମାନଙ୍କ ମଧ୍ୟରେ ଟୁକୁନା ଷ୍ଟାଇଲିସ୍, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡୁ, ଅରବିନ୍ଦ ଷଡ଼ଙ୍ଗୀ, ରାଜୀବ, କାଳୀ, ମନୋଜ, ସୁଶା ଦିଗବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି । ପପୁ ପମପମ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନୀ ଗଡନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଏହାର ସଂଳାପ ଲେଖିଛନ୍ତି ଟୁକୁନା ଷ୍ଟାଇଲିସ୍ । ଚଳଚ୍ଚିତ୍ରର କାହାଣୀ ସହ ସଙ୍ଗୀତ ମଧ୍ୟ ଲୋକାଦୃତ ହୋଇ ପାରିବ ବୋଲି ଜୀସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।



# ଇପିଏଫ ପେନସନର୍ସ ଆସୋସିଏସନ ବୈଠକ

ବାଲେଶ୍ୱର,୦୬/୦୫ (ନି.ପ୍ର): ଅବସର ପ୍ରାପ୍ତ ଇପିଏଫ ପେନସନଭୋଗୀ୍ କର୍ମଚାରୀ ସଂଘ ଜିଲା କମିଟିର ଏକ ବୈଠକ ଅରୁଣ ଦେ ସ୍ମୃତି ପରିଷଦ ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସର୍ବନିମ୍ନ ମାସିକ ମାତ୍ର ଏକ ହଜାର ଟଙ୍କା ପେନସନ ପାଉଥିବା କର୍ମଚାରୀଙ୍କୁ ମାସିକ ୯ ହଜାର ଟଙ୍କା, ଅଧିକ ବେତନ ପାଇଥିବା କର୍ମଚାରୀଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଦ୍ଧିତ ପେନସନ୍, ମହଙ୍ଗାଭତ୍ତା, ସରକାରୀ ଚିକିତ୍ସା ବୀମା ପ୍ରଦାନ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ଚାଲିଥିବା ଦାବି ଏବଂ ଆନ୍ଦୋଳନ ସମ୍ପର୍କରେ ଜିଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଇଂ. ଅନାଦି ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କମିଟିର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଜୁନ ମାସରେ ସମସ୍ତ ଇପିଏଫ୍ ପେନସନଭୋଗୀ ଦାବି ସମ୍ବଳିତ ପୋଷ୍ଟକାର୍ଡ଼ରେ ଚିଠି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇବାକୁ ଏହି ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ଜୁଲାଇ ମାସରେ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍, ଅଗଷ୍ଟ ମାସରେ ରାଜ୍ୟର ସମସ୍ତ ଇପିଏଫ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ, ସେପ୍ଟେମ୍ବର ମାସରେ ସମସ୍ତ ଆରଡିସି ଅଫିସ୍ ସମ୍ମୁଖରେ ଗଣଧାରଣା ଓ ନଭେମ୍ବର ୧୬ ତାରିଖ ଦିନ ଦେଶବ୍ୟାପୀ ଦାବି ଦିବସ ପାଳନ ଆହ୍ୱାନକୁ ବାଲେଶ୍ୱର ଜିଲାରେ ସଫଳ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥିର କରାଯିବ। ସଂସଦର ଆସନ୍ତା ଶୀତକାଳୀନ ଅଧିବେଶନ ସମୟରେ ଗଣଧାରଣା ଓ ଦିଲୀସ୍ଥିତ ଭବିଷ୍ୟନିଧି ପାଣ୍ଠିର କେନ୍ଦ୍ରୀୟ ଦପ୍ତରକୁ ଘେରାଉ କରାଯିବ। ଉପରୋକ୍ତ ସମସ୍ତ ପ୍ରସ୍ତାବିତ ଗଣତାନ୍ତ୍ରିକ ଆନ୍ଦୋଳନକୁ ବାଲେଶ୍ୱର ଜିଲାରେ ସଫଳତାର ସହ ଆୟୋଜନ ପାଇଁ ଆଜିର ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।



# ରାଜ୍ୟରେ ବଂଟାଯାଉଥିବା ଚାଉଳର ଯାଂଚ କରାଯାଉ : ସିପିଆଇଏମ୍

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ରାଜ୍ୟରେ ବଂଟା ଯାଉଥିବା ଚାଉଳ ନିମ୍ନ ମାନର। ତେଣୁ ତୁରନ୍ତ ଅଖାଦ୍ୟ ଚାଉଳକୁ ଷ୍ଟକ୍‌ରୁ ହଟାଇ ଉପଯୁକ୍ତ ଚାଉଳ ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତିରେ ସମସ୍ତ ଜିଲ୍ଲାର ଗୋଦାମ ଚଢାଉ କରି ଯେଉଁ ମାନେ ଏହି କାରବାରରେ ଲିପ୍ତ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସି.ପି.ଆଇ.(ଏମ୍) ଦାବୀ କରିଛି। ସି.ପି.ଆଇ.(ଏମ୍)ସମ୍ପାଦକ ଜଗନ୍ନାଥ ମିଶ୍ର କହିଛନ୍ତି ନିକଟରେ ପ୍ରକାଶ ପାଇଥିବା ପ୍ରିତୀ ଗୁଲ୍ଲାଙ୍କ ରିପୋର୍ଟ ସମଗ୍ର ଖାଉଟିମାନଙ୍କୁ ଗଭୀର ଚିନ୍ତାରେ ପକାଇଛି । ଏପ୍ରିଲ ମାସରେ ଖାଦ୍ୟ ଓ ସାଧାରଣ ବିତରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରିତୀ ଗୁଲ୍ଲାଙ୍କ ଗଠିତ ଯାଂଚ ରିପୋର୍ଟରେ ରାଜ୍ୟରେ ୯ଟି ଜିଲ୍ଲାର ନମୁନା ଯାଞ୍ଚରୁ ଜଣାପଡିଛି ଯେ ୯୧ ପ୍ରତିଶତ ସରକାରୀ ବଂଟନରେ ମିଳୁଥିବା ଚାଉଳ ନିମ୍ନମାନର ଏଥିରୁ ୩ଟି ସ୍ଥାନରେ ଥିବା ଚାଉଳ ମଣିଷ ଖାଇବା ପାଇଁ ଅନୁପଯୁକ୍ତ ଏହା କେବଳ ଗୋଖାଦ୍ୟ କରାଯାଇପାରେ, ଏପରିକି ଯେଉଁ ବସ୍ତା ଗୋଦାମର ଯେଉଁ ଚାଉଳ ରହିଛି ସେହି ବସ୍ତା ଗୁଡିକ ମଧ ପୁରୁଣା ଏବଂ ଚାଉଳ ରଖିବା ପାଇଁ ଅନୁପଯୁକ୍ତ । ଏହି ଚାଉଳ ପି.ଡି.ଏସ୍., ଆଇ.ସି.ଡି.ଏସ୍. ଓ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ପାଇଁ ଦିଆଯାଉଛି । ଆମ ରାଜ୍ୟର ପି.ଡି.ଏସ୍. ଉପଭୋକ୍ତା (ଅତି ଗରିବ ଲୋକ) ଆଇ.ସି.ଡି.ଏସ୍. ଉପଭୋକ୍ତା (ରାଜ୍ୟର ଶିଶୁ ଓ ବାଳିକା, କିଶୋରୀ ବାଳିକା, ଗର୍ଭବତୀ ମହିଳା ବାଳିକା) ମଧ୍ୟାହ୍ନ ଭୋଜନ (ସ୍କୁଲର ଛାତ୍ରଛାତ୍ରୀ) ରେ ଉପକୃତ ହେଉଛନ୍ତି ବୋଲି ସରକାର ଡିଣ୍ଡିମ ପିଟିବାରେ ଲାଗିଛନ୍ତି । ଏହି ଯାଞ୍ଚ ରିପୋର୍ଟ ସରକାରଙ୍କ ହସ୍ତଗତ ହେବା ପରେ ଏହାର ନିରାକରଣ ଦିଗରେ ସରକାର , ପ୍ରଶାସନ ନିରବ ଥିବା ବେଳେ ସମଗ୍ର ରାଜ୍ୟରେ ଏହି କାରବାରକୁ ରୋକି ରାଜ୍ୟବାସୀଙ୍କୁ ଅସ୍ୱସ୍ତ ନକରିବା ଫଳରେ ଲୋକଙ୍କ ମଧ୍ୟରେ ଭୟ, ଶଙ୍କା ଓ ଅସନ୍ତୋଷ ବଢି ଚାଲିଛି ।

## ଗୋଟିଏ ଦିନରେ ୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୬/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୧୧୭ କୁବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୮୩୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୮ ଜଣ ସଂଗରୋଧରୁ ଓ ୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାରେ ୧, ବଲାଙ୍ଗୀର ଜିଲ୍ଲାରେ ୨ ତଥା ଦେବଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୧, କନ୍ଧମାଳ ଜିଲ୍ଲାରେ ୨ ତଥା ଖୋର୍ଦ୍ଧା ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୧ ସମ୍ବଲପୁର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଷ୍ଟେଟ ପୁଲରୁ ଓ ଅବଶିଷ୍ଟ ୨୧ ଟି ଜିଲ୍ଲାରୁ ଓ ଷ୍ଟେଟ ପୁଲରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ନକଲ କପି ପାଇଁ ତହସିଲ ଅଫିସ ଆଗରେ ଧାରଣାରେ ବସିଲେ ମହିଳା

ନୀଳଗିରି, ୦୬/୦୫ (ନି.ପ୍ର): ନୀଳଗିରି ତହସିଲ ଅଫିସର ଏକ ନକଲ କପି ପାଇଁ ଜୈନିକ ମହିଳା ମାର୍ଚ୍ଚ ମାସରେ ସରକାରଙ୍କ ନୀତିନିୟମ ଅନୁଯାୟୀ ଆବେଦନ କରିଥିଲେ । ମାତ୍ର ମହିଳା ଜଣକୁ ତହସିଲ ଅଫିସର ବରିଷ୍ଠ କିରାଣୀ ଲକ୍ଷ୍ମୀଧର ଦାସ ବାରମ୍ବାର ଆଜି ଆସ କାଲି ଆସ ବୋଲି କହି ଦିନ ଗଡ଼େଇ ଗଡ଼େଇ ଚାଲିଥାଏ । ଶୁକ୍ରବାର ଦିନ ଉକ୍ତ ମହିଳା ଜଣକ କିରାଣୀ ଲକ୍ଷ୍ମୀଧର ଦାସଙ୍କୁ ତଥ୍ୟ ଦେବା ପାଇଁ ଅନୁରୋଧ କରିଥିଲା । ମୋ ପାଖରେ ତଥ୍ୟ ନାହିଁ ବୋଲି ରୋକଠୋକ ମନା କରିଦେବାରୁ ଶେଷରେ ମହିଳା ଜଣକ ନୀଳଗିରି ତହସିଲଦାରଙ୍କୁ ଘଟଣା ବାବଦରେ ଅବଗତ କରାଇଲା ପରେ ତତ୍‌କ୍ଷଣାତ୍ ନକଲ କପି ଦେବା ପାଇଁ କିରାଣୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦିନ ପ୍ରାୟ ୧୨ ଟା ସମୟରେ ତହସିଲଦାର ଅଶେଷ କୁମାର ନାୟକ ନିର୍ଦ୍ଦେଶ ଦେବା ପରେ ମଧ କପି ନ ପାଇବାରୁ ଶେଷରେ ମହିଳା ଜଣକ ନୀଳଗିରି ତହସିଲ ଅଫିସରେ ଧାରଣାରେ ବସି କାନ୍ଦୁଥିବାର ଦେଖିବାକୁ ମିଳିଥିଲା । ଦିନ ୧୨ଟା ଠାରୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ ମଧ ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ମହିଳା ଜଣକୁ ନକଲ କପି ପ୍ରଦାନ କରାଯାଇ ପାରି ନ ଥିଲା । ତହସିଲଦାର ଅଶେଷ କୁମାର ନାୟକ ଘଟଣା ବାବଦରେ ଜାଣିଲା ପରେ ସଂଗେ ସଂଗେ ଅଫିସରେ ପହଂଚି ମହିଳା ଜଣକୁ ସମ୍ମାନେ ଗେଟ୍ ଆଗରୁ ଉଠାଇ ୧୦ମିନିଟ୍ ମଧ୍ୟରେ ମାଗିଥିବା ନକଲ କପି ପ୍ରଦାନ କରି ନିଜର ମାନବିକତା ଦେଖାଇବା ସାଧାରଣରେ ବେଶ ଚର୍ଚ୍ଚା ହେଉଛି । ପ୍ରାପ୍ତ ସୂଚନା ଅନୁସାରେ ଆଜିମାବାଦ ଅଂଚଳର ବିକ୍ରମନନ୍ଦ ମହାନ୍ତିଙ୍କ ପ୍ରଥମ ସ୍ତ୍ରୀ ରଂଜିତା ଦାସଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିବା ବେଳେ ଏ ନେଇ ରଂଜିତା ଦାସ ବାଲେଶ୍ୱର ଫେମିଲି କୋର୍ଟରେ ଭରଣପୋଷଣ ପାଇଁ ମାମଲା ଦାଏର କରିଥିବା ବେଳେ ସ୍ୱାମୀଙ୍କ ନାମରେ ନୀଳଗିରି ତହସିଲରେ ବାଲି ଖାଦାନ ଅଛି କି ନାହିଁ ବୋଲି ସୂଚନା ଆଇନ ବଳରେ ତଥ୍ୟ ମାଗିଥିଲେ । ଉକ୍ତ ଆଇନ ବଳରେ ତଥ୍ୟ ଦିଆଯାଇ ପାରିବ ନାହିଁ ବୋଲି ବଡ଼ବାବୁ ମନା କରିଦେବାରୁ ଆପଣ ନିୟମ ଅନୁଯାୟୀ ଦରଖାସ୍ତ କରି ମାଗନ୍ତୁ । ସମସ୍ତ ସରକାରୀ ନିୟମ ଅନୁଯାୟୀ ଆବେଦନ କରିଥିଲେ ମଧ ଆଜକୁ ୪ମାସ ଧରି ତଥ୍ୟ ଦେଉ ନ ଥିଲେ। ଶେଷରେ ବଡ଼ବାବୁଙ୍କ ମନ୍ଦ ଉଦ୍ଦେଶ୍ୟକୁ ତହସିଲଦାର ଅଶେଷ ନାୟକ ବୁଝିପାରି ସମସ୍ତ ତଥ୍ୟ ମହିଳା ଜଣକୁ ପ୍ରଦାନ କରିଥିବା ବେଳେ ବଡ଼ବାବୁଙ୍କୁ ଘଟଣାର କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଘଟଣା ବାବଦରେ ଜିଲ୍ଲାପାଳଙ୍କୁ ଅବଗତ କରଶଇଥିବାର ତହସିଲଦାର ସୂଚନା ଦେଇଛନ୍ତି ।

## ଏକ ମାସ ମଧ୍ୟରେ ୩୦ ହଜାର ପଟ୍ଟା ବଂଟନ, ୧୦୪୨ କୋଟି ରାଜସ୍ୱ ଆଦାୟ

ଭୁବନେଶ୍ୱର, ୦୬/୦୫ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଏପ୍ରିଲ ୨ ତାରିଖରୁ ପ୍ରତ୍ୟେକ ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ହେଉଛି ମେ ମାସ ୪ ତାରିଖ ମଧ୍ୟରେ ୧୬ଟି ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ସମାପ୍ତ ହୋଇଛି। ଗତ ଏକ ମାସ ମଧ୍ୟରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ୩୦,୦୦୦ ପଟ୍ଟା ଲୋକମାନଙ୍କୁ ତହସିଲ ମାଧ୍ୟମରେ ବଂଟନ ହୋଇଛି । ସେହିପରି ୫,୦୦୦ ଘରବାଡ଼ି ପଟ୍ଟା ମଧ୍ୟ ଗତ ଏକ ମାସ ମଧ୍ୟରେ ବଣ୍ଟନ ହୋଇଛି। ସେହିପରି ଦାଖଲ ଖାରଜ ମାମଲା ଓଡିଶା ଲୋକସେବା ଅଧିନିୟମ ସମୟସୀମା ମଧ୍ୟରେ ସମାପ୍ତ ହୋଇ ଲୋକମାନଙ୍କୁ ପଟ୍ଟା ମିଳିପାରୁଛି। ସେହିପରି ଗତ ଏକ ମାସ ମଧ୍ୟରେ ୪,୫୦,୦୦୦ ଜାତିଗତ ଓ ବିବିଧ ପ୍ରମାଣପତ୍ର ଆବଂଟନ କରାଯାଇଛି। ରାଜସ୍ୱ ବିଭାଗର ନିୟମିତ ସମୀକ୍ଷା ଫଳରେ ନର୍ବାଚନ ସତ୍ୱେ ଲଘୁ ଖଣିଜ ସଂପଦରୁ ୧୦୪୨ କୋଟି ରାଜସ୍ୱ ଆଦାୟ ହୋଇଛି । ସେହିପରି ବହୁ ଲଘୁ ଖଣିଜ ସମ୍ପଦ ଉତ୍ସର ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ ଅନୁମୋଦନ ତ୍ୱରାନ୍ୱିତ ହୋଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବସତ୍ୟବ୍ରତ ସାହୁ ଅଧିକରୁ ଅଧିକ ଲଘୁ ଖଣିଜ ସମ୍ପଦ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଦିବଂଗତ ସୁରେନ୍ଦ୍ର ରାୟଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସମାରୋହ

ଭଦ୍ରକ, ୦୬/୦୫ (ନି.ପ୍ର): ମଣିଷ ମରିବ ଦିନେ, ଜନ୍ମ ହୋଇ ଦେବତା ବି ମରେ, ସାର୍ଥକ ଜୀବନ ତା'ର, ଯାହା ପାଇଁ ମାଟିଗୋଡି ଝୁରେ। ଏହିଭଳି ଜଣେ ଯଶସ୍ୱୀ ଓ ସାଲିସ୍ ବିହୀନ ନେତା ଥିଲେ ଦିବଂଗତ ପ୍ରାକ୍ତନ ସରପଞ୍ଚ ତଥା ସମାଜସେବୀ ସୁରେନ୍ଦ୍ର ରାୟ ବୋଲି ଆଜି ତାଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କଲେଇ ଚୁନିଦା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମକୁ ବିଧାୟକ ସଂଜୀବ କୁମାର ମଲ୍ଲିକ ଉଦ୍‌ଘାଟନ କରିବା ସହ ବଳଭଦ୍ରପୁରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟ ମଳୟ କୁମାର ଜେନା, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଉପାଧକ୍ଷ ମୁକୁନ୍ଦ ଦେବ ସାମଲ, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଳିକ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣଶଶୀ ପାଣିଗ୍ରାହୀ, ଭଦ୍ରକ ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, କୃଷ୍ଣଚନ୍ଦ୍ର ବେହେରା, ରଘୁନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ଦେବଗଡ ବିଧାୟକଙ୍କୁ ଗିରଫ ପ୍ରତିବାଦରେ ଜିଲ୍ଲା ବିଜେପି ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ବାରିପଦା, ୦୬/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ଦେବଗଡ ବିଜେପି ବିଧାୟକ ସୁବାଷ ପାଣିଗ୍ରାହୀଙ୍କୁ ଗିରଫ କରିବା ପ୍ରତିବାଦରେ ମୟୂରଭଞ୍ଜ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ତିଳେଇବଣୀ ବ୍ଲକର ବିଡିଓଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବିଜେପି ଜିଲ୍ଲା ସଭାପତି କାନ୍ଦ୍ର ସୋରେନ୍‌ଙ୍କ ନେତୃତ୍ୱରେ ଉଦଳା ବିଧାୟକ ଭାସ୍କର ମଡେଇ, ଉଦଳା କାଉନ୍‌ସିଲର ଧିରେନ୍ଦ୍ର ଖଣ୍ଡେଲୱାଲ, ବିଶ୍ୱରଞ୍ଜନ ମୋଦୀ, ବାରିପଦା କାଉନ୍‌ସିଲର ରାଜ୍ ଗୁପ୍ତା, ବିଜେପି ନେତା କବିବିଷ୍ଣୁ ଶତପଥୀ, ବିଜୟ ଦାସ, ପ୍ରବୀଣ ପାତ୍ର, ଫାଗୁ ହାଁସଦାଃ, ବଳରାମ ସାହୁ, ପାୟଲ ରାୟ, ଶୋଭାବତୀ ଓତା, କାଳିଚରଣ ମାରାଣ୍ଡି, ଦେବେନ୍ଦ୍ରନାଥ ସିଂ, ନିରଞ୍ଜନ ଦାସ, ପ୍ରକାଶ ଅଗ୍ରୱାଲ, ଦଶରଥ ମହାନ୍ତ, ମାନସୀ ତ୍ରିପାଠୀ, ହେମଲତା ଦାସ, ସୋମନାଥ ବେହେରା, ବୈଦ୍ୟନାଥ ମହାନ୍ତ ଓ ରୋହିଦାସ ସିଂ ପ୍ରମୁଖଙ୍କ ସହ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ବିଭିନ୍ନ କାର୍ଯ୍ୟର ତଦନ୍ତ ଲାଗି ସିପିଏମ୍‌ର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୬/୫ (ନି.ପ୍ର): ପଂଚାୟତ ନିର୍ବାଚନ ଶେଷ ପରେ ଜଳେଶ୍ୱର ବ୍ଲକର ସମ୍ପତିଆ ପଂଚାୟତର ଏକ ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଦେଖା ଦେଇଛି ବିବାଦ । କେବଳ ଏହି ଗୋଟିଏ କାର୍ଯ୍ୟ ନୁହେଁ, ବିଭିନ୍ନ ନିର୍ମାଣ କାର୍ଯ୍ୟରେ କନିଷ୍ଠଯନ୍ତ୍ରୀଙ୍କ ନିଜ ଇଚ୍ଛାଅନୁଯାୟି କାର୍ଯ୍ୟକୁ ପଂଚାୟତବାସୀ ବିରୋଧ କରୁଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ସିପିଏମ୍‌ର କର୍ମକର୍ତ୍ତା । ଜଳେଶ୍ୱର ବ୍ଲକର ପଂଚାୟତ ନିର୍ବାଚନ ପରେ ସମ୍ପତିଆ ପଂଚାୟତର ନବଗିରି ଘରଠାରୁ ଚନ୍ଦନ ଆଚାର୍ଯ୍ୟଙ୍କ ଘର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ଲାଗି ବ୍ଲକରୁ ଏଫଡିଆର୍ ଯୋଜନାରେ ୩ଲକ୍ଷ ଟଙ୍କା ମଂଜୁର ହୋଇଥିଲା । ଏହି ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟ ଆରମ୍ଭ ନ କରି କନିଷ୍ଠ ଯନ୍ତ୍ରୀ ଜଣକ ନିଜ ବୋଲହାକର ଠିକାଦାରଙ୍କ ଜରିଆରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏପରି କାର୍ଯ୍ୟକୁ ପଂଚାୟତବାସୀ ବିରୋଧ କରି ଜଳେଶ୍ୱର ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନଥିବାର ଆଜି ସିପିଏମ୍ ନେତୃବୃନ୍ଦ କହିଛନ୍ତି । ପ୍ରକାଶଯୋଗ୍ୟ ଗତ ଏପ୍ରିଲ ୨୪ ତାରିଖ ଅନୁଷ୍ଠିତ ଗ୍ରାମ ସଭାରେ ଏପରି ପ୍ରକଳ୍ପ ଆରମ୍ଭ ହୋଇନଥିବା ସେମାନେ ପ୍ରକାଶ କରିଥିବା ବେଳେ ଉକ୍ତ କାର୍ଯ୍ୟର ବିଲ ହୋଇଥିବା ସଂପର୍କରେ ସିପିଏମ୍ ପକ୍ଷରୁ ଦିଲ୍ଲିପ କୁମାର ଗିରି, ଦୀପ୍ତିମାନ ଆଚାର୍ଯ୍ୟ, ଜୀବନ ପରିଡା ଓ ସୁଶାନ୍ତ କାମିଲା ପ୍ରମୁଖ କହିଛନ୍ତି । କେବଳ ଏହି ଗୋଟିଏ କାର୍ଯ୍ୟ ନୁହେଁ, ଏହି ଗାଁରେ ଏକ ୪ଲକ୍ଷ ଟଙ୍କାର ନିର୍ମିତ ଗୋଷ୍ଠୀ ପାଇଖାନା ଘରକୁ ଅସଂପୂର୍ଣ୍ଣ ରଖି ବିଲ ଉଠାଣ ହୋଇଛି । ପଂଚାୟତରେ ପୋଖରୀ ଖୋଳା, ପୋଖରୀ ଘାଟ ନିର୍ମାଣ, ମହିଳା ସୟଂ ସହାୟକ ଗୃହ ନିର୍ମାଣ ଓ ଆମ ଗାଁ ଆମ ବିକାଶ ଘର ନିର୍ମାଣରେ କାର୍ଯ୍ୟ ଶେଷ ନ ହୋଇ ବିଲ ଉଠିଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି କାର୍ଯ୍ୟକୁ ଭିଜିଲାନ୍ସ ତଦନ୍ତ କରାଇବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି ।



# ମହିଳାଙ୍କୁ ଦୁଷ୍କର୍ମ : ନ୍ୟାୟ ଲାଗି ପୀଡିତା ଥାନାର ଦ୍ୱାରସ୍ଥ

ଜଳେଶ୍ୱର, ୦୬/୫ (ନି.ପ୍ର): ଭାରତୀୟ ସଂସ୍କୃତିରେ ଶାଶୁଙ୍କୁ ମା'ର ମର୍ଯ୍ୟାଦା ଦିଆଯାଏ । ପରଘରର ଝିଅକୁ ନିଜଘରକୁ ବୋହୂଭାବେ ଆଣିବାପରେ ମା ପରି ଶାଶୁ ଜଣକ ବୋହୂକୁ ଶଣ୍ଣା ଶିଖାଇ ଥାଏ । ଫଳରେ ବୋହୂଟି ଅଧିକ ଶ୍ନେହଶୀଳ, କର୍ମଠ ହେବାରେ ସୌଭାଗ୍ୟ ଲାଭ କରେ । କିନ୍ତୁ ଜଳେଶ୍ୱର ଥାନାର ଚମାରଗାଁ ର ଜନୈକ ବୋହୂର ଶାଶୁ ଅନୈତିକ କାର୍ଯ୍ୟରେ ଲଗାଇବାକୁ ବାଧ୍ୟକରି ବଦ୍‌ନାମ କରିବାକୁ ଏକ ହୀନ ଚକ୍ରାନ୍ତ କରିଥିବାରୁ ଏବେ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ତାନ୍ତ୍ରିକଗିରଫ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ଫଟଣାରୁ ପ୍ରକାଶ, ଜଳେଶ୍ୱର ଥାନା ଅନ୍ତର୍ଗତ କାଶିମପୁର ଗ୍ରାମର ଅନୁପମା ଜେନାଙ୍କ ସହିତ ରାଇବଣିଆ ଥାନା ଅନ୍ତର୍ଗତ ଚମାରଗାଁ ପଂଚାୟତର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପୁତ୍ର ନୀଳମଣି ଜେନାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ । କିନ୍ତୁ ନୀଳମଣି ଅନ୍ୟତ୍ର ଏକ ଦୋକାନ କରି ଚଳୁଥିବାରୁ ସେଠାରେ ପରକୀୟା ପ୍ରିତିରେ ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ରଖିଥିବାରୁ ସ୍ତ୍ରୀ ଅନୁପମା ଜେନାକୁ ନିର୍ଯ୍ୟାତନା ଦେଇ ଆସୁଥିଲା । ବିବାହର ୪ବର୍ଷ ବିତିଥିବାରୁ ଅନୁପମାର ଜଣେ ଅଢେଇ ବର୍ଷର ପୁଅ ରହିଛି । କିନ୍ତୁ ଶାଶୁ ଗୀତାରାଣୀ ଏହି ଘଟଣାକୁ ଏକ ହୀନ ଚକ୍ରାନ୍ତ କରି ବୋହୂକୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟକର ତାନ୍ତ୍ରିକ ସହିତ ଦୁଷ୍କର୍ମ କରାଇବାକୁ ବାଧ୍ୟ କରାଇଥିଲେ । ତାନ୍ତ୍ରିକ ପୁଅ-ବୋହୂଙ୍କ ସହିତ ସୁସମ୍ପର୍କ ଆଣି ଦେବାର ପ୍ରତିଶୃତି ଦେଇ ଭୋଗରାଇ ଥାନା ଅନ୍ତର୍ଗତ କଖଡା ପଂଚାୟତର ଏକ ମୁସଲମାନ ବସ୍ତିକୁ ନେଇ ଯାଇଥିଲେ । ସେଠାରେ ତାନ୍ତ୍ରିକ ସେକ୍ ସରାଫ କେତେକ ପୂଜାର୍ଚ୍ଚନା କରିବା ସହିତ ମହିଳାଙ୍କ ସହିତ ଜବରଦସ୍ତ ସମ୍ପର୍କ ରକ୍ଷା କରିଥିଲେ । ପରେ ବୋହୂକୁ ବାପ ଘରକୁ ପଠାଇ ଦେଇଥିବା ବେଳେ ସ୍ୱାମୀ ସହିତ ସୁ-ସମ୍ପର୍କ ଲାଗି ଅନୁପମା ଅନ୍ଧବିଶ୍ୱାର ଶୀକାର ହୋଇ ସବୁ ନିର୍ଯ୍ୟାତନାକୁ ସହ୍ୟ କରିଥିଲେ । କିନ୍ତୁ ଗତ ଏପ୍ରିଲ ମାସରେ ଶାଶୁ ଗିତାରାଣୀ ବୋହୂ ଅନୁପମାକୁ ଧରି ମୋରୁଡା ଥାନା ଅନ୍ତର୍ଗତ ବଇଞ୍ଚାଡିହା ଗ୍ରାମର ଏକ ପରିତ୍ୟକ୍ତ ଘରେ ତାଲା ମାରି ରଖିଥିଲେ । ୮୦ଦିନ ଧରି ତାନ୍ତ୍ରିକ ଜଣକ ଅନୁପମାଙ୍କ ସହିତ ଦୁଷ୍କର୍ମ କରିଥିବା ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଛି । ଘଟଣା ପ୍ରକାଶ କଲେ ଅଢେଇ ବର୍ଷର ପୁଅକୁ ହତ୍ୟା କରାଯିବାର ଧମକ୍ ଯୋଗୁଁ ଅନୁପମା ଚୁପ୍ ରହିଥିବାର ପ୍ରକାଶ କରିଛନ୍ତି । ଏପ୍ରିଲ ୨୮ ତାରିଖ ଦିନ ତାନ୍ତ୍ରିକ ଜଣକ ଭୂଲକ୍ରମେ ମୋବାଇଲ ଅନୁପମାଠାରେ ଛାଡି ଯାଇଥିବାରୁ ସେ ସେହିମୋବାଇଲ ଦ୍ୱାରା ନିଜ ବାପ ଘର ପରିବାରକୁ ଖବର ପଠାଇଥିଲେ । ଅନୁପମା ନିଖୋଜ ଥିବାର ଏକ ଲିଖିତ ଅଭିଯୋଗ ପୂର୍ବରୁ ଜଳେଶ୍ୱର ଥାନା ଓ ଏସ୍‌ଡିପିଓଙ୍କୁ ବାପାଘର ପକ୍ଷରୁ ଦିଆଯାଇଥିଲା । ମୋରୁଡା ଥାନା ପୁଲିସ୍ ଏପ୍ରିଲ ୨୮ରେ ବନ୍ଧ କୋଠରୀରୁ ଅନୁପମା ଓ ତାର ପୁଅକୁ ଉଦ୍ଧାର କରି ଜଳେଶ୍ୱର ଥାନାକୁ ପଠାଇଥିଲେ । ଜଳେଶ୍ୱର ଥାନା ୧୬୯ରେ ଏକ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଏପରି ଏକ ସମ୍ବେଦନଶୀଳନ ଘଟଣାରେ ଶାଶୁ, ଶ୍ୱାଶୁର, ସ୍ୱାମୀ ଓ ତାନ୍ତ୍ରୀକଙ୍କୁ ଗିରଫ କରିବାକୁ ଦାବି ହେଉଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo